ପୃଷ୍ଠା–୮+୪

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଜାନୁୟାରୀ ୧୨/୨୦୨୨ (୮+୪=୧୨ ପୃଷ୍ଠା) | Dhenkanal, Wednesday, January 12/2022 | ★★★★★

୧୭ଶ ଭାଗ ୩୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ସମଭାବାପନ୍ନ ଦଳ ସହ ଆଲୋଚନା ଚାଲିଛି

ଗୋଆ ବିଧାନସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ସମଭାବାପନ୍ନ ଦଳଗୁଡ଼ିକ ସହ ଏନ୍‌ସିପିର ଆଲୋଚନା ଚାଲିଥିବା ଏହାର ମୁଖ୍ୟ ଶରଦ ପାୱାର ସୂଚନା ଦେଇଛନ୍ତି।

୦୨

୦୮

## କ୍ରିସ୍ ମୋରିସଙ୍କ ଅବସର

ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ ମଙ୍ଗଳବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।



# ପରପାରିରେ ମିହିର

■ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଶେଷକୃତ୍ୟ

■ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୧।୧

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ମିହିର ଦାସ ଆଉ ନାହାନ୍ତି। ମଙ୍ଗଳବାର ଅପରାହ୍ଣ ୩ଟା ୨୫ରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ଗତ ଡିସେମ୍ବର ୭ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାଏଲିସିସ୍ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ କିଛି ସମୟ ଧରି ତାଙ୍କର ହାର୍ଟ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଡାକ୍ତରଙ୍କ ବହୁ ପ୍ରଚେଷ୍ଟା ପରେ ହାର୍ଟ କାର୍ଯ୍ୟ କରିଥିଲା। ସେବେଠାରୁ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଡିସେମ୍ବର ୧୮ ତାରିଖ ବେଳକୁ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଆସିଥିଲା। ହେଲେ ଧୀରେ ଧୀରେ ତାଙ୍କର ଦୁଇଟିଯାକ କିଡ୍‌ନୀ ସହ ଅନ୍ୟ ଅଙ୍ଗ ମଧ୍ୟ ଅଚଳ ହୋଇପଡ଼ିଥିଲା। ମିହିରଙ୍କ ପାର୍ଥିବ ଶରୀରକୁ କଟକସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ କଳାକାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୁଧବାର ସତୀଚୌରାଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ମିହିରଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

୧୯୫୯ ମସିହାରେ ମୟୂରଭଞ୍ଜ ଜିଲା ବାରିପଦାଠାରେ ଜନ୍ମ ଗ୍ରହଣ କରିଥିଲେ ମିହିର। ପ୍ରଥମେ ସେ ଆର୍ଟ ଫିଲ୍ମ 'ସ୍କୁଲ୍ ମାଷ୍ଟର'ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୯୭୯ରେ 'ମଥୁରା ବିଜୟ' ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରିଥିବା ମିହିରଙ୍କର ୨୦୧୮ରେ ଶେଷ ଚଳଚ୍ଚିତ୍ର ଥିଲା 'ଓନ୍ଲି ପ୍ୟାର୍'। ଦୀର୍ଘ ୪ ଦଶନ୍ଧି ଧରି ଚଳଚ୍ଚିତ୍ର ସହ ଧାରାବାହିକରେ ନିଜର ନିଖୁଣ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ଥିଲେ। ନାୟକ ହେଉ କି ଖଳନାୟକ, ହାସ୍ୟ ଚରିତ୍ର ଅବା ଚରିତ୍ର ଅଭିନେତା ଆଦି ସମସ୍ତ ଭୂମିକାକୁ ଅତି ନିଖୁଣ ଭାବରେ ନିଭାଇ ପାରୁଥିଲେ ମିହିର। ଏହି ସଫଳ ଅଭିନେତା ପରବର୍ତ୍ତୀ ସମୟରେ ରାଜନୀତିକୁ ଆସିଥିଲେ। ☞ପୃଷ୍ଠା–୪


ମିହିର ଦାସ

# ଫେବୃୟାରୀ ୧୬ରୁ ପଞ୍ଚାୟତ ନିର୍ବାଚନ

## ୫ ପର୍ଯ୍ୟାୟରେ ହେବ ମତଦାନ

**ଆସନ୍ତା ଫେବୃୟାରୀ ୧୬ରୁ ରାଜ୍ୟରେ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ମଙ୍ଗଳବାର ଏ ନେଇ ବିଧିବଦ୍ଧ କାର୍ଯ୍ୟସୂଚୀ ଘୋଷଣା କରିବା ପରେ ସମଗ୍ର ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି।**

### ଲାଗୁ ହେଲା ଆଚରଣ ବିଧି

■ ୧ ଘଣ୍ଟା ବଢ଼ିଲା ଭୋଟଦାନ ସମୟ

■ ସକାଳ ୭ରୁ ମଧ୍ୟାହ୍ନ ୧ଟା ଭୋଟ ଗ୍ରହଣ

■ ଭୁଲ ସତ୍ୟପାଠ ଦେଲେ ପ୍ରାର୍ଥୀ ଦଣ୍ଡିତ ହେବେ

■ ୨.୭୯ କୋଟି ଲୋକ ଭୋଟ ଦେବେ



ଭୁବନେଶ୍ୱର,୧୧।୧(ବ୍ୟୁରୋ)

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ଅନୁଷ୍ଠିତ ହେବ। ତିନିଦିନ ଧରି ଅର୍ଥାତ୍ ଫେବୃୟାରୀ ୨୬, ୨୭ ଓ ୨୮ରେ ଭୋଟଗଣତି ହେବ। ଜାନୁୟାରୀ ୧୩ରେ ନିର୍ବାଚନ ଅଧିକାରୀମାନେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବେ। ଜାନୁୟାରୀ ୧୭ରୁ ୨୧ତାରିଖ ମଧ୍ୟରେ ନାମାନଙ୍କପତ୍ର ଦାଖଲ ହେବ। ୨୨ତାରିଖରେ ଯାଞ୍ଚ, ୨୫ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିହେବ। ସେହିଦିନ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ☞ପୃଷ୍ଠା–୪

### ରାଲି, ବିଜୟ ଶୋଭାଯାତ୍ରା, ଭୋଜିଭାତ ବନ୍ଦ

#### ୫ ଜଣଙ୍କୁ ନେଇ ପ୍ରଚାର କରିବେ ପ୍ରାର୍ଥୀ

ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। କୌଣସି ପ୍ରକାର ସଭାସମିତି, ବୈଠକ, ବାଇକ ରାଲି, ପଥପ୍ରାନ୍ତ ସଭା, ଭୋଜିଭାତ ଆଦି ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। କେବଳ ପ୍ରାର୍ଥୀମାନେ ସର୍ବାଧିକ ୫ଜଣଙ୍କୁ ସାଙ୍ଗରେ ନେଇ ଘରକୁ ଘର ବୁଲି ପ୍ରଚାର କରିପାରିବେ। ପ୍ରାର୍ଥୀମାନେ ଡିଜିଟାଲ, ଭର୍ଚୁଆଲ ଏବଂ ମୋବାଇଲ ଜରିଆରେ ପ୍ରଚାର କରିପାରିବେ। ଭୋଟ ଗଣତି ପରେ କୌଣସି ବିଜୟ ଶୋଭାଯାତ୍ରା କରାଯାଇ ପାରିବ ନାହିଁ। କୋଭିଡ୍ ମାର୍ଗଦର୍ଶିକାର ଖିଲାପ କଲେ ପ୍ରାର୍ଥୀଙ୍କ ବିରୋଧରେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ। କୋଭିଡ୍‌ର ଦୁଇଟି ଟିକା ନେଇଥିବା ଅବା ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତିଙ୍କୁ ହିଁ ଭୋଟ ଗଣତି କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ମିଳିବ।

| ସବିଶେଷ ବିବରଣୀ | ତାରିଖ |
|---|---|
| ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୋଟିସ ଜାରି | ୧୩.୦୧.୨୦୨୨ |
| ମନୋୟନ ପତ୍ରଗୁଡ଼ିକ ନିର୍ଗମନ ଓ ପ୍ରଦାନ | ୧୭.୦୧.୨୦୨୨ଠାରୁ ୨୧.୦୧.୨୦୨୨ ପର୍ଯ୍ୟନ୍ତ |
| ମନୋୟନ ପତ୍ର ଯାଞ୍ଚ | ୨୨.୦୧.୨୦୨୨ |
| ପ୍ରାର୍ଥୀତ୍ୱ ପ୍ରତ୍ୟାହାର | ୨୫.୦୧.୨୦୨୨ ପର୍ଯ୍ୟନ୍ତ |
| ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶନ | ୨୫.୦୧.୨୦୨୨ |
| ଭୋଟ ଗ୍ରହଣ | ୧୬/୧୮/୨୦/୨୨ ଓ ୨୪.୦୨.୨୦୨୨ |
| ଭୋଟ ଗଣତି ଓ ଫଳାଫଳ ଘୋଷଣା | ୨୬.୦୨.୨୦୨୨ଠାରୁ ୨୮.୦୨.୨୦୨୨ |
| ପରୋକ୍ଷ ନିର୍ବାଚନ | |
| କ. ନାଏବ ସରପଞ୍ଚ | ୧୧.୦୩.୨୦୨୨ |
| ଖ. ପଞ୍ଚାୟତ ସମିତି ଅଧ୍ୟକ୍ଷ | ୧୨.୦୩.୨୦୨୨ |
| ଗ. ଜିଲ୍ଲା ପରିଷଦ ସଭାପତି | ୧୩.୦୩.୨୦୨୨ |
| କ. ପଞ୍ଚାୟତ ସମିତି ଉପାଧ୍ୟକ୍ଷ | ୨୩.୦୩.୨୦୨୨ |
| ଖ. ଜିଲ୍ଲାପରିଷଦ ଉପ-ସଭାପତି | ୨୫.୦୩.୨୦୨୨ |

### ବ୍ଲକ ମୁଖ୍ୟାଳୟରେ ୩ ଦିନ ଗଣନା

ତ୍ରିସ୍ତରୀୟ ନିର୍ବାଚନ ନିମନ୍ତେ ଫେବୃୟାରୀ ୨୬, ୨୭ ଓ ୨୮ରେ ଭୋଟଗଣତି ହେବ। ପ୍ରଥମ ଥର ଲାଗି ସମସ୍ତ ବ୍ଲକ ସଦର ମହକୁମାରେ ଜିଲା ପରିଷଦ ଜୋନ୍‌ୱାରି ଗଣନା ହେବ। ପୂର୍ବରୁ ଯେଉଁ କେନ୍ଦ୍ରରେ ଭୋଟ ଗ୍ରହଣ ଶେଷ ହେଉଥିଲା ସେଠାରେ ଗଣନା ସେହିଦିନ କରାଯାଉଥିଲା। ଏହାକୁ ନେଇ ଆପତ୍ତି ଅଭିଯୋଗ ହେବା ପରେ ରାଜ୍ୟ ନିର୍ବାଚନ କମିଶନ ଏକକ ଗଣନା କେନ୍ଦ୍ର କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ରାଜ୍ୟ ସରକାର ପଞ୍ଚାୟତିରାଜ ଆଇନକୁ ସଂଶୋଧନ କରିଛନ୍ତି। ଭୋଟ ଗ୍ରହଣ ପରେ ଆଉ ଗଣନା ନ ହୋଇ ଭୋଟ ବାକ୍ସଗୁଡ଼ିକ ବ୍ଲକ ମୁଖ୍ୟାଳୟରେ ରହିବ। ଭୋଟ ଗ୍ରହଣର ଦିନକ ପରେ ଜୋନ୍‌ୱାରି ଗଣନା ହେବ। ସେହିଦିନ ଫଳାଫଳ ପ୍ରକାଶ କରାଯିବ। ପ୍ରଥମ ଥର ଲାଗି ଏଭଳି ବ୍ୟବସ୍ଥା ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି।

## ଆଇସିୟୁରେ ଲତା ମଙ୍ଗେସ୍‌କର



**ମୁମ୍ବାଇ, ୧୧।୧:** ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କର(୯୨) କରୋନାରେ ସଂକ୍ରମିତ ହୋଇଛନ୍ତି। ସାମାନ୍ୟ ଲକ୍ଷଣ ଥିଲେ ମଧ୍ୟ ବୟସକୁ ଦୃଷ୍ଟିରେ ରଖି ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ନିରୀକ୍ଷଣରେ ସ୍ୱତନ୍ତ୍ର ଯତ୍ନ ନେବାକୁ ତାଙ୍କୁ ଆଇସିୟୁରେ ରଖାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। କୋଭିଡ୍ ସହ ସେ ନିମୋନିଆରେ ମଧ୍ୟ ପୀଡ଼ିତ ଥିବା ଜଣାଯାଇଛି। ଏହା ଜଣାପଡ଼ିବା ପରେ ଫିଲ୍ମ ନିର୍ମାତା ମଧୁର ଭଣ୍ଡାରକର, ଅଭିନେତା ମୁକେଶ ଖାନ୍ନା, ଶେଖର ସୁମନ, ଭାଜପା ଏମ୍‌ପି ପ୍ରକାଶ ଜାଭଡେକରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ପ୍ରଶଂସକ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

## ଆଉ ଜଣେ ଉଠାଦୋକାନୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୧।୧(ବ୍ୟୁରୋ)

### ମାର୍କେଟ୍ ବିଲ୍ଡିଂରେ ପ୍ଲାଷ୍ଟିକ୍ ଦୋକାନ କରିଥିଲେ

ମାର୍କେଟ ବିଲ୍ଡିଂରୁ ଉଠା ଦୋକାନକୁ ଉଠାଇ ଦିଆଯିବା ପରେ ଜୀବିକା ହରାଇଥିବା ଜଣକ ପରେ ଜଣେ ବ୍ୟବସାୟୀ ଜୀବନ ହାରିବାରେ ଲାଗିଛନ୍ତି। ରବିବାର ବେଡ୍‌ଶିଟ୍ ବ୍ୟବସାୟୀ ଅଜିତ୍ ସାହାଣୀ ଆତ୍ମହତ୍ୟା କରିଥିବାବେଳେ ମଙ୍ଗଳବାର ପୁଣି ଆଉଜଣେ ଉଠା ଦୋକାନୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ନୂଆସାହିରେ ରହୁଥିବା ବିହାର ସମଷ୍ଟିପୁର ଜିଲା ପଟୋରୀ ଥାନାଞ୍ଚଳର ସୁବାସ ପଣ୍ଡିତ(୩୫)। ସେ ମାର୍କେଟ ବିଲ୍ଡିଂରେ ପ୍ଲାଷ୍ଟିକ୍ ଦୋକାନ କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମୃତ ସୁବାସଙ୍କ ୨ଟି ଝିଅ ଅଛନ୍ତି। ଜଣଙ୍କର ବୟସ ୧୦ ବର୍ଷ ହୋଇଥିବାବେଳେ ଆଉ ଜଣେ ୫ ବର୍ଷର। ସେ ୨୦ ବର୍ଷ ତଳେ ଭୁବନେଶ୍ୱର ଆସିଥିଲେ। କିଛିଦିନ ମାର୍କେଟ୍ ବିଲ୍ଡିଂରେ ଦୋକାନ ପକେଇବା ପରେ ଅସୁବିଧା ହେବାରୁ ରାମମନ୍ଦିର ନିକଟରେ ଦୋକାନ କରିଥିଲେ। ସେଠାରୁ ଉଠାଇ ଦିଆଯିବା ପରେ ପୁଣି କିଛି ମାସ ହେବ ମାର୍କେଟ ବିଲ୍ଡିଂରେ ଭିଶାଲ୍ ମଲ୍ ସାମ୍ନାରେ ପ୍ଲାଷ୍ଟିକ୍ ଦୋକାନ କରିଥିଲେ। ତେବେ କରୋନା ପାଇଁ ଦୋକାନ ବନ୍ଦ ହୋଇଯିବାରୁ ଆର୍ଥିକ ସମସ୍ୟା ଦେଖାଯାଇଥିଲା। ସ୍ଥିତି ସୁଧୁରିବା ପରେ ମାର୍କେଟ ବିଲ୍ଡିଂରେ ପୁଣି ଦୋକାନ ଖୋଲିଥିଲେ। କିଛି ମାସ ହେବ ସେ ବ୍ୟବସାୟ ପାଇଁ ଫାଇନାନ୍ସରେ ଏକ ବାଇକ୍ ଆଣିଥିଲେ। ଏଥିସହ ମହିଳା ସମିତି ମାଧ୍ୟମରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରିଥିଲେ। ଗତ ମଙ୍ଗଳବାର ଉଠାଦୋକାନୀଙ୍କୁ ଉଚ୍ଛେଦ ଦାବିରେ ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ବଜାର ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବାରୁ ସୁବାସଙ୍କ ବେପାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଶୁକ୍ରବାର ମାର୍କେଟ ବିଲ୍ଡିଂ ଖୋଲିଥିଲେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପଦକ୍ଷେପ ☞ପୃଷ୍ଠା–୪

## ଆଇଟିଆର୍ ଦାଖଲ ଅବଧି ମାର୍ଚ୍ଚ ୧୫କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୧।୧:** ଆର୍ଥିକ ବର୍ଷ ୨୦୨୦-୨୧(ଏୱାଇ ୨୦୨୧-୨୨) ନିମନ୍ତେ ଆୟକର ରିଟର୍ନ (ଆଇଟିଆର୍) ଦାଖଲ ଅବଧିକୁ ଆସନ୍ତା ମାର୍ଚ୍ଚ ୧୫ ଯାଏ ବୃଦ୍ଧି କରାଯାଇଛି। ୨୦୨୧ ଡିସେମ୍ବର ୩୧ରେ ଏହି ଅବଧି ଶେଷ ହୋଇଥିଲା। କିନ୍ତୁ କରୋନା ସଂକ୍ରମଣ ଯୋଗୁ କରଦାତାମାନେ ଭୋଗୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ ମଙ୍ଗଳବାର ଆଇଟିଆର୍ ଦାଖଲ ଅବଧି ବୃଦ୍ଧି କରାଯାଇଛି। ସେହିପରି ଟ୍ୟାକ୍ସ ଅଡିଟ୍ ରିପୋର୍ଟ ଦାଖଲ ଅବଧିକୁ ମଧ୍ୟ ଆସନ୍ତା ଫେବୃୟାରୀ ୧୫ ଯାଏ ବଢ଼ାଇ ଦିଆଯାଇଛି, ଯାହାର ଶେଷ ତାରିଖ ଜାନୁୟାରୀ ୧୫ ଯାଏ ରହିଥିଲା। କରୋନା ପ୍ରଭାବ ସାଙ୍ଗକୁ ଇ-ଫାଇଲିଂ ପୋର୍ଟାଲରେ ତ୍ରୁଟି ଭଳି କେତେକ କାରଣ ଯୋଗୁ ଦାଖଲ ପ୍ରକ୍ରିୟା ବିଳମ୍ବ ହୋଇଥିବା ନେଇ ଅନେକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆସୋସିଏଶନ ପକ୍ଷରୁ ଅଭିଯୋଗ ହୋଇଥିଲା।

## ମଣିଷ ଶରୀରରେ ଘୁଷୁରି ହୃତ୍‌ପିଣ୍ଡ


ୱାଶିଂଟନ୍, ୧୧।୧

■ ସଫଳ ପ୍ରତିରୋପଣ କଲେ ଆମେରିକୀୟ ଡାକ୍ତର

■ ଚିକିତ୍ସା ବିଜ୍ଞାନରେ ପ୍ରଥମ

ଚିକିତ୍ସା ବିଜ୍ଞାନରେ ଆମେରିକୀୟ ଡାକ୍ତର ଏକ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ସଫଳତାର ସହ ମଣିଷ ଶରୀରରେ ଘୁଷୁରି ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଛି। ଜେନେଟିକାଲି ମଡିଫାଏଡ୍ (କୌଣସି ଜୀବର ଜିନ୍‌ରେ କୃତ୍ରିମ ଉପାୟରେ ଡିଏନ୍‌ଏ ରଖାଯିବା) ଘୁଷୁରିର ହୃତ୍‌ପିଣ୍ଡକୁ ଗତ ଶୁକ୍ରବାର ଜଣେ ୫୭ ବର୍ଷୀୟ ବ୍ୟକ୍ତିଙ୍କ ପ୍ରତିରୋପଣ କରାଯାଇଥିବା ୟୁନିଭର୍ସିଟି ଅଫ୍ ମେରିଲାଣ୍ଡ ମେଡିକାଲ ସ୍କୁଲ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହା ଦ୍ୱାରା ଚିକିତ୍ସାରେ ଅଙ୍ଗପତ୍ୟଙ୍ଗର ଅଭାବକୁ ପୂରଣ କରାଯାଇପାରିବ ବୋଲି ଡାକ୍ତରମାନେ ନୂଆ ଆଶା ଦେଖାଇଛନ୍ତି। ଏଭଳି ପ୍ରତିରୋପଣ ଫଳରେ ଜଣେ ସହଜରେ ନିଜ ଶରୀର ପାଇଁ ନୂଆ ଅଙ୍ଗ ପାଇପାରିବ।

ଡେଭିଡ୍ ବେନେଟ୍ କିଛି ମାସ ହେଲା ହୃତ୍‌ପିଣ୍ଡ–ଫୁସ୍‌ଫୁସ୍ ବାଇବାସ୍ ମେଶିନ ସହାୟତାରେ ଶଯ୍ୟାଶାୟୀ ଥିଲେ। କମ୍ ସମୟରେ ସେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ କରୁଥିଲେ। ହେଲେ ଜଟିଳ ☞ପୃଷ୍ଠା–୪


ଡାକ୍ତରଙ୍କ ସହ ଡେଭିଡ୍ ବେନେଟ୍

### ଘୁଷୁରିର ଜିନ୍ ଏଡିଟିଂ

ବେନେଟଙ୍କ ଡୋନର ଘୁଷୁରିର ଜିନ୍‌କୁ ଜେନେଟିକ୍ ଇଞ୍ଜିନିୟରିଂ ଜରିଆରେ ଏଡିଟିଂ କରାଯାଇଥିଲା। ପ୍ରତିରୋପଣ ପରେ ମଣିଷ ଶରୀରରେ ସମସ୍ୟା ସୃଷ୍ଟି କରିବାକୁ ଥିବା ୩ଟି ଜିନ୍‌କୁ ହଟାଇ ଦିଆଯାଇଥିଲା। ପରେ ଘୁଷୁରି ଅଙ୍ଗକୁ ମଣିଷ ଶରୀର ଗ୍ରହଣ କରିବା ନିମନ୍ତେ ୩ ଜିନ୍‌କୁ ଜିନୋମ୍(ଜେନେଟିକ୍ ସୂଚନା ବହନ କରୁଥିବା ଜିନ୍ ସେଟ୍)ରେ ଭର୍ତ୍ତି କରାଯାଇଥିଲା। ୧୦ ସ୍ୱତନ୍ତ୍ର ଜିନ୍ ଏଡିଟିଂ କରାଯାଇ ଘୁଷୁରି ହୃତ୍‌ପିଣ୍ଡକୁ ପ୍ରତିରୋପଣ ନିମନ୍ତେ ପ୍ରସ୍ତୁତ କରାଯାଇଥିଲା। ଭର୍ଜିନିଆରେ ଥିବା ବାୟୋଟେକ୍ ଫାର୍ମ ରିଭିଭିକୋର୍ ଦ୍ୱାରା ଜିନ୍ ଏଡିଟିଂ ହୋଇଥିଲା। ପରେ ହୃତ୍‌ପିଣ୍ଡକୁ ଏକ ମେଶିନ୍‌ରେ ସଂରକ୍ଷିତ କରି ରଖାଯାଇଥିଲା।



# ସବୁଠି ସ୍ୱତନ୍ତ୍ର


ମିହିର ଦାସ

ମିହିର ଦାସ, ଭୂମିକା ଯେଉଁଭଳି ହୋଇଥାଉନା କାହିଁକି ତାକୁ ସଫଳ କରାଇବାର କାଇଦା ତାଙ୍କୁ ବେଶ୍ ଭଲ ଭାବରେ ଜଣା ଥିଲା। ନାୟକ, ଖଳନାୟକ, ହାସ୍ୟ ଆଉ ଚରିତ୍ର ଭୂମିକାରେ ନିଖୁଣ ଅଭିନୟ ତାଙ୍କୁ ଓଡ଼ିଆ ସିନେ ଜଗତର ଜଣେ ଅଲ୍‌ରାଉଣ୍ଡର ଭାବେ ପରିଚିତି ଦେଇଥିଲା। ଆଉ ଛୋଟ ପରଦାରେ ବି ସେ ଥିଲେ ବେଶ୍ ଲୋକପ୍ରିୟ। ଓଡ଼ିଆ ସିନେମାରେ ୩୫ ବର୍ଷରୁ ଊର୍ଦ୍ଧ୍ୱ କାଳ ନିଚ୍ଛକ ଅଭିନୟ କରି ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ପରିଚୟ। ବିଶିଷ୍ଟ ଗାୟକ ଚିତ୍ତ ଜେନାଙ୍କ କନ୍ୟା ସଙ୍ଗୀତାଙ୍କୁ ସେ ଧର୍ମପତ୍ନୀ ଭାବେ ଗ୍ରହଣ କରିଥିଲେ। ତାଙ୍କ ବଡ଼ ପୁଅ ଅମ୍ଳାନ ଏବେ ଓଡ଼ିଆ ସିନେମାରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଏବେ ସେ ଅଫେରା ରାଇଜର ଯାତ୍ରୀ ସାଜିଛନ୍ତି ସତ କିନ୍ତୁ ତାଙ୍କ ଜୀବନ୍ତ ଅଭିନୟ ତାଙ୍କୁ ସ୍ମରଣୀୟ କରି ରଖିବ କାଳ କାଳକୁ।

## ଛାତ୍ରନେତାରୁ ଅଭିନେତା

ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ବେଳଠୁ ସତେଯେମିତି ଅଭିନୟକୁ କ୍ୟାରିୟର କରିବା ଲାଗି ସେ ପଣ କରିନେଇଥିଲେ। ପରବର୍ତ୍ତୀ ସମୟରେ ରେଭେନ୍ସା କଲେଜରେ ପଢ଼ିବାବେଳେ ସେ କେତୋଟି ଡ୍ରାମାରେ ଅଭିନୟ କରି ସାଉଁଟିଥିଲେ ଅନେକ ପ୍ରଶଂସା। ପୁଣି ସେ ରେଭେନ୍ସା କଲେଜର ଡ୍ରାମାଟିକ୍ ସେକ୍ରେଟାରି ଭାବେ ବି ନିର୍ବାଚିତ ହୋଇଥିଲେ।

## 'ସ୍କୁଲ ମାଷ୍ଟର'ରୁ ଆରମ୍ଭ

ଥରେ ମିହିର ଅଭିନୟ କରୁଥିବା ଏକ ନାଟକକୁ ଦେଖୁଥାଆନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଗୋବିନ୍ଦ ତେଜ। ସତେଯେମିତି ଏକ ବଡ଼ ସୁଯୋଗ ମିହିରଙ୍କ ପାଇଁ ଅପେକ୍ଷା କରିଥିଲା। ଗୋବିନ୍ଦଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ 'ସ୍କୁଲ ମାଷ୍ଟର'ରେ ବ୍ରେକ୍ ମିଳିଥିଲା ମିହିରଙ୍କୁ। ବାସ୍ ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା ଜୀବନ। ଏହି ଫିଲ୍ମରେ ମିହିରଙ୍କ ବ୍ୟତୀତ ଉତ୍ତମ ମହାନ୍ତି ବି ଅଭିନୟ କରିଥିଲେ। ମିହିରଙ୍କ ଅଭିନୀତ ପ୍ରଥମ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

## 'ଚାନ୍ଦର ଚାନ୍ଦିନୀ ପରି...'


ମିହିରଙ୍କୁ ନେଇ ଦୃଶ୍ୟାୟିତ ଗୀତଗୁଡ଼ିକ ମଧ୍ୟରୁ ଅନେକ ଦର୍ଶକାଦୃତ ହୋଇପାରିଥିଲା। ସେଗୁଡ଼ିକ ମଧ୍ୟରେ ରହିଛି ମିହିର ଏବଂ ଅର୍ଚ୍ଚନା ଯୋଗଲେକରଙ୍କୁ ନେଇ ନିର୍ମିତ 'ସ୍ତ୍ରୀ' ଚଳଚ୍ଚିତ୍ରରେ ସଂଯୋଜିତ 'ଚାନ୍ଦର ଚାନ୍ଦିନୀ ପରି', 'ପାଇଛି ପାଇଛି ତୁମକୁ', ଏ ଦୁନିଆ ଜାଣିଗଲା', 'ପୁଅ ମୋର ଭୋଳାଶଙ୍କର' ଚଳଚ୍ଚିତ୍ରର 'ସୁଖ ଦୁଃଖ ଭରା ଦୁନିଆ', 'ଗରିବ ହାତରେ ମଣିଷ ଜୀବନ', 'ବସ୍ତ୍ର ହରଣ' ଫିଲ୍ମର 'ଷୋହଳରୁ ସତର ସତରରୁ ଅଠର', 'ରାଖୀ ବାନ୍ଧିଲି ମୋ ରଖିବ ମାନ' ସିନେମାର 'ଭାଇ ତତେ ମୋର ରହିଲା ରାଣ', 'ଫେରିଆ ମୋ ସୁନା ଭଉଣୀ' ଏବଂ 'ତୁ ଥା ମୁଁ ଯାଉଛି ରୁଷି'ର ଟାଇଟଲ ଗୀତ।

## ମନେ ରହିବ 'ପୁଅ ମୋର ଭୋଳାଶଙ୍କର'



ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ପୁଅ ମୋର ଭୋଳାଶଙ୍କର' ଚଳଚ୍ଚିତ୍ରରେ ମିହିରଙ୍କୁ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ମିଳିଥିଲା। ଚାକର ଭୂମିକାକୁ ସେ ଏମିତି ଭାବରେ ନିଭାଇଥିଲେ, ଯାହା ତାଙ୍କ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ହୋଇଯାଇଥିଲା। ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଥିଲେ ପ୍ରିୟଙ୍କା ମହାପାତ୍ର।

## ଅଲ୍‌ରାଉଣ୍ଡର



ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଓଡ଼ିଆ ସିନେମାରେ ରାଜ୍ କରିଥିଲେ ମିହିର। ଶତାଧିକ ଚଳଚ୍ଚିତ୍ରରେ ସେ ଛାଡିଯାଇଛନ୍ତି ନିଜ ଅଭିନୟର ସ୍ୱାକ୍ଷର। କେତେବେଳେ ନାୟକ ତ କେତେବେଳେ ଚରିତ୍ର ଅଭିନେତା। ପୁଣି ଖଳନାୟକ ଭାବରେ ସେ ମଧ୍ୟ ନିଜକୁ ପରିଚିତ କରାଇପାରିଥିଲେ। କେବଳ ସେତିକି ନୁହେଁ, 'ରାଖୀ ବାନ୍ଧିଲି ମୋ ରଖିବ ମାନ' ଚଳଚ୍ଚିତ୍ରରେ ଭାଇ ଭୂମିକା ଆଜି ମଧ୍ୟ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ତେବେ ଗତ କିଛିବର୍ଷ ଧରି ସେ ବାପା ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଭ୍ ଷ୍ଟେଶନ'ରେ ଉପରକୁ କଠୋର ଦେଖାଯାଉଥିବା ଜଣେ ବାପା ନିଜ ସନ୍ତାନଙ୍କ ପ୍ରତି କେତେ ଉଦାର ହୋଇପାରେ ତାହାର ନିଚ୍ଛକ ଅଭିନୟ ଦେଖିବାକୁ ମିଳିଥିଲା ମିହିରଙ୍କ ଭୂମିକାରେ।


ଚଳଚ୍ଚିତ୍ର 'ମୁଁ ତୋର କିଏ'

## ଏଠି ଇଲେକ୍ସନ ବି କାକା କରେ ଆଉ ସିଲେକ୍ସନ ବି...

ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଏବଂ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ହିଟ୍ ସିନେମା 'ଅଭିମନ୍ୟୁ'କୁ ମନେପକାନ୍ତୁ। ଏହି ସିନେମା ବିଷୟରେ ଆଲୋଚନା କଲେ ମନକୁ ସ୍ୱତଃ ଚାଲିଆସିଥାଏ ଗ୍ୟାଙ୍ଗଷ୍ଟର 'କାକା' ଭୂମିକା। ଏପରି ରୋଲ୍‌ରେ ମିହିରଙ୍କ ଅଭିନୟକୁ ଭୁଲିବା ସହଜ ନୁହେଁ। କାରଣ ପୂର୍ବରୁ ରୋମାଣ୍ଟିକ୍ ନାୟକ ବ୍ୟତୀତ ଚରିତ୍ର ଅଭିନେତା ଭାବେ ଦର୍ଶକଙ୍କୁ ମତୁଆଲା କରିଥିବା ମିହିର ଏପରି ଭୂମିକାକୁ ସଫଳ କରି ନିଜକୁ ଜଣେ ଅଭିଜ୍ଞ ଖଳନାୟକ ରୂପେ ପରିଚିତ କରାଇପାରିଥିଲେ। ଏହି ଫିଲ୍ମରେ ତାଙ୍କର ଗେଟ୍‌ଅପ୍ ବ୍ୟତୀତ ଏକ ଡାଏଲଗ୍ 'ଏଠି ଇଲେକ୍ସନ ବି କାକା କରେ ସିଲେକ୍ସନ ବି କାକା କରେ' ବେଶ୍ ଚର୍ଚ୍ଚିତ କରିଥିଲା।

### ଶେଷ ଇଚ୍ଛା ଥିଲା ମୃତ୍ୟୁଦିନ ଶୁଟିଂ ବନ୍ଦ ହେବନି



ମୋର ପ୍ରଥମ ସିନେମା ସାବିତ୍ରୀରେ ତାଙ୍କ ସହିତ ଅଭିନୟ କରିଥିଲି। ପ୍ରଥମ ରିଲିଜ୍ ଚଳଚ୍ଚିତ୍ର 'ଜୀବନସାଥୀ' ଏବଂ ପ୍ରଥମ ନିର୍ଦ୍ଦେଶିତ ସିନେମା ମଧ୍ୟ ତାଙ୍କ ସହିତ କରିଥିଲି। ତାଙ୍କର ଶେଷ ଇଚ୍ଛା ଥିଲା ଯେ, ସେ ମରିବା ଦିନ କୌଣସି ସ୍ଥାନରେ ଶୁଟିଂ ବନ୍ଦ ହେବନି।

-ଶ୍ରୀତମ ଦାସ, ଆର୍ଟିଷ୍ଟ ଆସୋସିଏସନ୍‌ର ସେକ୍ରେଟାରୀ

### ଅଭିନେତା ନୁହେଁ ଜଣେ ଅନୁଷ୍ଠାନ ଥିଲେ



ମିହିର ଦାସ କେବଳ ଅଭିନେତା ନ ଥିଲେ। ଜଣେ ଅନୁଷ୍ଠାନ ଥିଲେ। ମୋ ଜୀବନର ପ୍ରଥମ ଚଳଚ୍ଚିତ୍ର 'ତୁ ଏକା ଆମ ସାହାଭରସା'ରେ ସେ ନାୟକ ଭାବେ ଅଭିନୟ କରିଥିଲେ। ତାଙ୍କ କ୍ୟାରିୟରର ଅନେକ ମାଇଲଷ୍ଟୋନ ଚଳଚ୍ଚିତ୍ରରେ ମୁଁ ତାଙ୍କ ସହ କାମ କରିଛି।

-ପ୍ରେମ ଆନନ୍ଦ ସାମଲ, ସଙ୍ଗୀତ ନିର୍ଦ୍ଦେଶକ

### ଅତ୍ୟନ୍ତ ମର୍ମାହତ



କହିବାକୁ କିଛି ଭାଷା ନାହିଁ। ସେ ଜଣେ ଲୋକପ୍ରିୟ କଳାକାର ଥିଲେ, ତା'ସହିତ ମୋର ଭାଇ ଭଳି ଥିଲେ। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ।

-ଜୟୀରାମ ସାମଲ, ହାସ୍ୟାଭିନେତା

### ଆମ ସମସ୍ତଙ୍କର ଆଇଡଲ୍



ମିହିର ସାର୍ ଆମ ସମସ୍ତଙ୍କର ଆଇଡଲ୍। ଏକା ସଙ୍ଗେ ୫ରୁ ୬ଟି ଚଳଚ୍ଚିତ୍ରରେ ସେ କାମ କରି ପାରନ୍ତି। ମତେ ସେ ଅପ୍‌ଡେଟେଡ୍ ମିହିର ଦାସ ବୋଲି କହୁଥିଲେ। ତାଙ୍କ ସହ ବିତାଇଥିବା ପ୍ରତ୍ୟେକଟି ମୁହୂର୍ତ୍ତ ମୋ ପାଇଁ ସ୍ମରଣୀୟ।

- ସବ୍ୟସାଚୀ ମିଶ୍ର, ଅଭିନେତା

### କଳା ଜଗତର ଏକ ଉଜ୍ଜ୍ୱଳ ନକ୍ଷତ୍ରର ଅବସାନ ହେଲା



ମିହିରଙ୍କ ବିୟୋଗରେ ଦର୍ଶକ ଜଣେ ପ୍ରତିଷ୍ଠିତ ଅଭିନେତାଙ୍କ ଅଭିନୟ ଦେଖିବାର ସୁଯୋଗରୁ ବଞ୍ଚିତ ହେଲେ। ଓଡ଼ିଶାର କଳା ଜଗତର ଏକ ଉଜ୍ଜ୍ୱଳ ନକ୍ଷତ୍ରର ଅବସାନ ହେଲା।

-ରଞ୍ଜନ କୁମାର ଦାସ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ

## ଝୁରୁଛି ମୟୂରଭଞ୍ଜ ମାଟି

ମୟୂରଭଞ୍ଜ ମାଟିର ଅନନ୍ୟ କଳାକାର ଥିଲେ ମିହିର ଦାସ। ବାରିପଦାରେ ବିତିଥିଲା ତାଙ୍କର ବାଲ୍ୟକାଳ। ବାରିପଦା ସହରର ଭଞ୍ଜପୁରଠାରେ ଜନ୍ମିତ ମିହିର ସାଙ୍ଗସାଥିଙ୍କ ସହ ବଜାରରୁ ଚଟ୍‌ପଟି ଖାଇବାକୁ ଅଧିକ ପସନ୍ଦ କରୁଥିଲେ। ଭଞ୍ଜପୁର ପୋଲିସ ଲାଇନ୍ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଥିବାବେଳେ ତାଙ୍କ ଭିତରେ ଥିବା ଅଭିନୟ କଳାର ଆଭାସ ମିଳିଥିଲା। ତତ୍କାଳୀନ ପ୍ରଧାନ ଶିକ୍ଷକ ସୁବାସ ହୋତା ତାଙ୍କୁ ଅଭିନୟ କରିବାକୁ ପ୍ରୋତ୍ସାହିତ କରିଥିଲେ। 'ମଣି କାଞ୍ଚନ' ନାଟକରେ ଜମିଦାର ପ୍ରତାପ କେଶରୀ ଭୂମିକାରେ ଅଭିନୟ ଆରମ୍ଭ କରିଥିଲେ ମିହିର। ଆଉ ସେବେଠାରୁ ଅଭିନୟ ପ୍ରତି ତାଙ୍କର ବଢ଼ି ଯାଇଥିଲା ମମତା। ଭଞ୍ଜପୁର ହାଇସ୍କୁଲରେ ପଢୁଥିବା ବେଳେ ସାଙ୍ଗସାଥିଙ୍କ ସହ ମିଶି ରକ୍ସି ସିନେମା ହଲ୍‌କୁ ଯାଉଥିଲେ। ଛାତ୍ର ଜୀବନରେ ଗଧ ନାଚ ଦେଖିବାକୁ ଯାଇ ଗଧଠାରୁ ଲାତ ଖାଇବା ବହୁ ସମୟରେ ଚର୍ଚ୍ଚା ହୋଇଥାଏ। ଓଡ଼ିଆ ଚଳଚ୍ଚିତ୍ରର ବିଶିଷ୍ଟ କଳାକାର ମିହିରଙ୍କ ପାଇଁ ସାରା ଜିଲାବାସୀଙ୍କର ଥିଲା ଅସୀମ ଶ୍ରଦ୍ଧା। ଆଜି ମିହିରଙ୍କ ବିୟୋଗରେ ମର୍ମାହତ ଜିଲାବାସୀ ତାଙ୍କୁ ଝୁରି ହେଉଛନ୍ତି।

–ନୀଳାଦ୍ରି ବିହାରୀ ଦଣ୍ଡପାଟ

## ନୀତି ରାଜନୀତି

## ଘର ଘର ବୁଲି ଭାଜପାର ପ୍ରଚାର

ଲକ୍ଷ୍ନୌ,୧୧।୧

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସଭାସମିତି ଉପରେ ନିର୍ବାଚନ କମିଶନ ରୋକ ଲଗାଇଥିବାରୁ ଉତ୍ତର ପ୍ରଦେଶ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ଭାଜପା ପକ୍ଷରୁ ମଙ୍ଗଳବାର ଘର ଘର ବୁଲି ପ୍ରଚାର ଆରମ୍ଭ କରାଯାଇଛି। ରାଜ୍ୟ ଭାଜପା ସଭାପତି ସ୍ୱତନ୍ତ୍ର ଦେବ ସିଂ ବାଲ୍ଲୁ ଆଖ୍ଡାରେ ମତଦାତାଙ୍କ ଘର କବାଟ ବାଡ଼େଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କେତେକ ଘରେ ତିଳକ ଲେପନ କରିଛନ୍ତି। ୯୨,୮୨୧ ପୋଲିଂ ସେଣ୍ଟର ଅନ୍ତର୍ଗତ ୧,୭୪,୩୫୧ ବୁଥ୍ ଅଧୀନରେ ଆସୁଥିବା ସବୁ ଘରେ ପହଞ୍ଚିବା ପାଇଁ ଭାଜପା ଲକ୍ଷ୍ୟ ରଖିଥିବା ସ୍ୱତନ୍ତ୍ର ଦେବ କହିଛନ୍ତି।

## ସମଭାବାପନ୍ନ ଦଳ ସହ ଆଲୋଚନା ଚାଲିଛି



### ପାୱାରଙ୍କ ଟାର୍ଗେଟରେ ଭାଜପା

ମୁମ୍ବାଇ,୧୧।୧

ଗୋଆ ବିଧାନସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ସମଭାବାପନ୍ନ ଦଳଗୁଡ଼ିକ ସହ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଆଲୋଚନା କରୁଛି। ଏନେଇ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପାୱାର କହିଛନ୍ତି, ଭାଜପାକୁ ହରାଇବା ଜରୁରୀ ବୋଲି ସାଧାରଣ ଲୋକେ ମନେକରୁଛନ୍ତି। ତେଣୁ ଗୋଆରେ ସମଭାବାପନ୍ନ ଦଳଗୁଡ଼ିକ ମିଳିତ ଭାବେ ଲଢ଼ିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ ଶିବସେନାର ସଞ୍ଜୟ ରାଉତ୍ ମୁମ୍ବାଇରେ ଏନେଇ ସ୍ଥାନୀୟ କଂଗ୍ରେସ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି। ଆମେ ଚାହୁଁଛୁ ଗୋଆରେ ପରିବର୍ତ୍ତନ ଆସୁ। ଭାଜପାକୁ କ୍ଷମତାଚ୍ୟୁତ କରିବା ସମୟର ଆବଶ୍ୟକତା ବୋଲି ପାୱାର କହିଛନ୍ତି। ସେହିପରି ୟୁପି ଏବଂ ମଣିପୁରରେ ମଧ୍ୟ ଏନ୍‌ସିପି ନିର୍ବାଚନ ଲଢ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାୱାର ଆହୁରି କହିଛନ୍ତି, ଭାଜପା ସାମ୍ପ୍ରଦାୟିକ ପ୍ରସଙ୍ଗ ଉଠାଇ ନିର୍ବାଚନ ଲଢ଼ିପାରେ। କିନ୍ତୁ ଭୋଟର ଏହାକୁ ପ୍ରତ୍ୟାଖ୍ୟାନ କରିବା ନିଶ୍ଚିତ। ଏହି ଅବସରରେ ସେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ '୮୦ ବନାମ ୨୦ ଲଢ଼େଇ' ମନ୍ତବ୍ୟକୁ ସମାଲୋଚନା କରିଛନ୍ତି।

## ଏଥର ଲଢ଼ିବେନି ମାୟାବତୀ



ଲକ୍ଷ୍ନୌ,୧୧।୧: ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଉତ୍ତର ପ୍ରଦେଶର ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ। ବିଏସ୍‌ପି ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ର ଏନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ୟୁପି ସହ ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ନିର୍ବାଚନ ହେଉଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ମାୟାବତୀ ଉଦ୍ୟମ କରିବେ। ଏଥିଲାଗି ମାୟାବତୀ ଓ ସତୀଶ ନିର୍ବାଚନ ଲଢ଼ିବେ ନାହିଁ ବୋଲି ବିଏସ୍‌ପି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ମୁଖ୍ୟମନ୍ତ୍ରୀ ନ ହେବା ଯାଏ ଦାଢ଼ି କାଟିବିନି: ଡିକେଏସ୍

ବେଙ୍ଗାଲୁରୁ,୧୧।୧



କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଡି.କେ. ଶିବକୁମାର (ଡିକେଏସ୍) ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ରୂପେ ନିର୍ବାଚିତ ନ ହେବା ଯାଏ ନିଜ ଦାଢ଼ି କାଟିବେ ନାହିଁ ବୋଲି କହିଛନ୍ତି। ରବିବାର ଆୟୋଜିତ ଏକ ରାଲିରେ ସପ୍ତାହାନ୍ତ କର୍ଫ୍ୟୁ ଉଲ୍ଲଂଘନ ଅଭିଯୋଗରେ ଶିବକୁମାର ଓ ଅନ୍ୟ ୩୦ କଂଗ୍ରେସ ନେତା ଗିରଫ ହୋଇଥିଲେ। ଏହି ଅବସରରେ ଶିବକୁମାର କହିଥିଲେ, ତିହାର ଜେଲରେ ଥିବାବେଳେ ସେ ବଢ଼ାଇଥିବା ଦାଢ଼ି କାଟି ନାହାନ୍ତି। ମୁଖ୍ୟମନ୍ତ୍ରୀ ହେଲେ ସେ ଖିଅର ହେବେ ବୋଲି କହିଛନ୍ତି।

## ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ବଢ଼ିଲା

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଏବଂ ସରପଞ୍ଚଙ୍କର ନିର୍ବାଚନୀ ଖର୍ଚ୍ଚ ବୃଦ୍ଧି କରାଯାଇଛି। ଜିଲା ପରିଷଦ ସଭ୍ୟଙ୍କର ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପଞ୍ଚାୟତ ସମିତି ସଭ୍ୟଙ୍କର ୨ ଲକ୍ଷ ଏବଂ ସରପଞ୍ଚଙ୍କ ସର୍ବାଧିକ ନିର୍ବାଚନ ଖର୍ଚ୍ଚ ୨ ଲକ୍ଷ ଟଙ୍କା କରାଯାଇଛି। ବିଗତ ନିର୍ବାଚନରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ନିର୍ବାଚନୀ ଖର୍ଚ୍ଚ ୮୦ ହଜାର ଟଙ୍କା ଥିବାବେଳେ ଜିଲା ପରିଷଦ ସଭ୍ୟଙ୍କ ନିର୍ବାଚନୀ ଖର୍ଚ୍ଚ ୨ ଲକ୍ଷ ଟଙ୍କା ଥିଲା।

ସେହିପରି ପ୍ରାର୍ଥୀମାନଙ୍କ ପାଇଁ ଗାଡ଼ି ବ୍ୟବହାର ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଜିଲା ପରିଷଦ ସଦସ୍ୟ ୫ଟି ଜିପ୍ ବା କାର ଓ ୧୦ଟି ମୋଟରସାଇକେଲ, ପଞ୍ଚାୟତ ସମିତି ସଦସ୍ୟ ୨ଟି ଜିପ୍ ବା କାର ଓ ୫ଟି ମୋଟରସାଇକେଲ ଏବଂ ସରପଞ୍ଚ ୨ଟି ଜିପ୍ ବା କାର ଏବଂ ୫ଟି ମୋଟରସାଇକେଲ ନିର୍ବାଚନ ପ୍ରଚାର ବେଳେ ବ୍ୟବହାର କରିପାରିବେ। ଗାଡ଼ି ଓ ମୋଟରସାଇକେଲ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋରିକ୍ସା ମଧ୍ୟ ବ୍ୟବହାର କରାଯାଇ ପାରିବ। ମୋଟର ଯାନ ବ୍ୟବହାର ଦିନଠାରୁ ଜିଲା ପରିଷଦ ପ୍ରାର୍ଥୀ ଯାନର ପ୍ରକାର, ତାହାର ପଞ୍ଜୀକରଣ ନମ୍ବର, ଗାଡ଼ି ମାଲିକଙ୍କ ନାମ ଉପଜିଲାପାଳଙ୍କୁ ଜଣାଇବେ। ସେହିପରି ପଞ୍ଚାୟତ ସମିତି ଓ ସରପଞ୍ଚ ପ୍ରାର୍ଥୀ ସ୍ଥାନୀୟ ବିଡିଓଙ୍କୁ ଲିଖିତ ଭାବେ ଜଣାଇବେ। ଏହି ତଥ୍ୟର ୩ଟି ନକଲ ଦାଖଲ କରାଯିବ। ତଥ୍ୟର ଗୋଟିଏ ନକଲ ଉପଜିଲାପାଳ/ବିଡିଓ ନିକଟସ୍ଥ ମୋଟର ଯାନ କର୍ତ୍ତୃପକ୍ଷଙ୍କୁ ଦେବେ ଓ ଅନ୍ୟଟି ନିଜ ପାଖରେ ରଖିବେ। ତୃତୀୟ ନକଲଟିରେ ଉପଜିଲାପାଳ/ ବିଡିଓ କିମ୍ବା ତାଙ୍କ କ୍ଷମତାସମ୍ପନ୍ନ ଅଧିକାରୀ ସ୍ୱାକ୍ଷର ଓ ଅଫିସ ମୋହର ଲଗାଇ ପ୍ରାର୍ଥୀଙ୍କୁ ଫେରାଇ ଦେବେ। ମୋଟର ଯାନ ଅଧିକାରୀ ଗୋଟିଏ ରେଜିଷ୍ଟରରେ ସମସ୍ତ ତଥ୍ୟ ଲିପିବଦ୍ଧ କରିବେ। ମୋଟର ଯାନ ସମସ୍ତ ଖର୍ଚ୍ଚ ନିର୍ବାଚନ ଖର୍ଚ୍ଚ ସୀମା ମଧ୍ୟରେ ସୀମିତ ରହିବ। ପ୍ରଚାର କାର୍ଯ୍ୟରେ ବ୍ୟବହୃତ ମୋଟର ଯାନ ଭୋଟ ଆରମ୍ଭ ହେବାର ୩୬ ଘଣ୍ଟା ପୂର୍ବରୁ ବନ୍ଦ କରାଯାଇ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯିବ। ଆଦେଶକୁ ଅବମାନନା କଲେ ନିର୍ବାଚନ ଆଚରଣ ବିଧିର ଅବମାନନା ବୋଲି ଧରାଯିବ।

## ନିର୍ବାଚନ ଘୋଷଣା ନିଷ୍ପତ୍ତି କମିଶନଙ୍କ ନିଜସ୍ୱ ନୁହେଁ: କଂଗ୍ରେସ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ କମିଶନର ଘୋଷଣା ଏବଂ ତତ୍‌ସଂଲଗ୍ନ ମାର୍ଗଦର୍ଶିକା ଓଡ଼ିଆ ପଞ୍ଚାୟତିରାଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କଲା। ରାଜ୍ୟ ସରକାର ଓ ତାଙ୍କ ବଚସ୍କର ପାଲଟିଥିବା ରାଜ୍ୟ ନିର୍ବାଚନ କମିଶନ୍ ଏହି କଳଙ୍କିତ ଅଧ୍ୟାୟର ସୂତ୍ରଧର ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି, ଦେଶରେ କରୋନା ସଂକ୍ରମଣ ଲକ୍ଷେ ୬୮ ହଜାର ଥିବାବେଳେ ରାଜ୍ୟରେ ତାହା ୭୦୭୧। ବିଶେଷଜ୍ଞମାନେ ଏହି ସଂକ୍ରମଣ ଆସନ୍ତା ଫେବୃଆରୀରେ ଶୀର୍ଷରେ ଛୁଇଁବ ବୋଲି ସତର୍କ କରାଇଛନ୍ତି। ବିଜେଡିକୁ ଛାଡ଼ି ରାଜ୍ୟର ସମସ୍ତ ବିରୋଧୀମାନେ ବର୍ତ୍ତମାନ ସମୟରେ ଏହି ସଂକ୍ରମଣକୁ ଦୃଷ୍ଟିରେ ରଖି ପଞ୍ଚାୟତ ନିର୍ବାଚନକୁ ଘୁଞ୍ଚାଇବାକୁ ଦାବି ରଖିଥିଲେ। ମାତ୍ର ନିର୍ବାଚନ କମିଶନ ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେନାହିଁ। ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ଜାରିକଲେ। ଏହା ନିର୍ବାଚନ କମିଶନଙ୍କ ନିଜସ୍ୱ ନିଷ୍ପତ୍ତି ନୁହେଁ ବୋଲି ସେ କହିଛନ୍ତି। ସୁଦର୍ଶନ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଏହା କରାଯାଇଛି ଯାହା ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ପଞ୍ଚାୟତ ନିର୍ବାଚନରେ


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଓ.ବି.ସି. ଓ ଜନଜାତି ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ପ୍ରତି ହେୟଜ୍ଞାନ କରାଯାଇଛି। ରାଜ୍ୟର ୫୪ ଶତାଂଶ ଲୋକ ଓବିସି ଓ ୨୨.୫ ଶତାଂଶ ଲୋକ ଜନଜାତି ସମ୍ପ୍ରଦାୟର। ଏହି ୨ ବର୍ଗର ଜନ ସମୁଦାୟକୁ ଚଳିତ ପଞ୍ଚାୟତ ନିର୍ବାଚନାରେ ପ୍ରତାରିତ କରାଯାଇଛି। ଆଦିବାସୀଙ୍କୁ ୨୩ଟି ଜିଲା ଓ ୧୯୫ଟି ବ୍ଲକ୍‌ରେ ସରପଞ୍ଚ ପଦବୀ ଓ ଅଧକ୍ଷ ପଦବୀ ପାଇଁ ସଂରକ୍ଷଣ ଦିଆଯାଇ ନାହିଁ। ଓ.ବି.ସି. ସଂରକ୍ଷଣ ସଂକ୍ରାନ୍ତରେ ଆସନ୍ତା ୧୭ରେ ସୁପ୍ରିମକୋର୍ଟ ଶୁଣାଣି କରିବେ। ଯଦି ରାଜ୍ୟ ସରକାର ଓ ନିର୍ବାଚନ କମିଶନଙ୍କର ଓବିସି ବର୍ଗର ସାମ୍ବିଧାନିକ ଅଧିକାର ପ୍ରତି ସମ୍ବେଦନଶୀଳତା ଥାଆନ୍ତା, ତେବେ ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତିକୁ ୧୭ ତାରିଖ ପରକୁ ଘୁଞ୍ଚାଇ ଦେଇପାରିଥାଆନ୍ତେ ବୋଲି ସୁଦର୍ଶନ କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୧୭,୭୧,୫୭୭ | ୫୫,୧୫,୯୨୭ | ୨୬,୧୦,୯୩,୯୪୭ |
| ଭାରତ | ୩,୫୮,୭୫,୭୯୦ | ୪,୮୪,୨୧୩ | ୩,୪୫,୭୦,୧୩୧ |
| ଓଡ଼ିଶା | ୧୦,୮୨,୭୬୯ | ୮୪୬୯(+୫୩) | ୧୦,୪୭,୭୮୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶିମିଳିପାଳ ୫ଦିନ ବନ୍ଦ

**ବାରିପଦା ଅଫିସ, ୧୧।୧:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବୁଧବାରଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ବନବିଭାଗର ଯଶିପୁର କାଳିଆଣି ଓ ପିଠାବଟାର ଲୁଲୁଙ୍ଗ ପ୍ରବେଶ ଫାଟକ ଦେଇ କୌଣସି ପର୍ଯ୍ୟଟକ ଭିତରକୁ ପ୍ରବେଶ କରିପାରିବେ ନାହିଁ। ବର୍ଷା ତଥା କୋହଲା ପାଗ ପାଇଁ ଶିମିଳିପାଳ ଆଭ୍ୟନ୍ତରଣ ରାସ୍ତା ବିପଦପୂର୍ଣ୍ଣ ହେବା ଆଶଙ୍କା କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଏହି ଘୋଷଣା କରିଛନ୍ତି। ପର୍ଯ୍ୟଟକ ମାନେ ତଦନୁଯାୟୀ ସେମାନଙ୍କର ଗସ୍ତସୂଚୀ ପରିବର୍ତ୍ତନ ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ରାତ୍ରରହଣୀ ପାଇଁ ପୂର୍ବରୁ ବୁକିଂ କରିଥିବା ପର୍ଯ୍ୟଟକଙ୍କ ଲାଗି ଏହି କଟକଣା ନାହିଁ।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

**ଫୁଲବାଣୀ ଅଫିସ, ୧୧।୧:** ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ଯୁବକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ୍ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡା ଥାନା ଅଞ୍ଚଳର ପ୍ରକାଶ ଚନ୍ଦ୍ର କହଁର। ୨୦୧୮ ମସିହା ଜୁଲାଇ ୧୭ ତାରିଖରେ ଖଜୁରିପଡ଼ା ଥାନା ଅଞ୍ଚଳର ଜଣେ ବୃଦ୍ଧା ତାଙ୍କର ଦୁଇ ନାତୁଣୀଙ୍କୁ ଧରି ଘର ବାରଣ୍ଡାରେ ଶୋଇଥିଲେ। ନିଦ ଭାଙ୍ଗିବାରେ ପାଖରେ ୫ ବର୍ଷୀୟା ନାତୁଣୀ ନ ଥିବା ଦେଖି ଖୋଜାଖୋଜି କରି ପାଇଖାନା ପାଖରୁ ପାଇଥିଲେ। ପରିବାର ଲୋକେ ପଚାରିବାରେ ପ୍ରକାଶ ତାଙ୍କୁ ଟେକି ନେଇ ବଳାତ୍କାର କରିଥିବା ନାବାଳିକା ଜଣକ ପ୍ରକାଶ କରିଥିଲେ। ଏ ନେଇ ୧୯ ତାରିଖରେ ପୀଡିତାଙ୍କ ଜେଜେ ଖଜୁରିପଡା ଥାନାରେ ଏତାଲା ଦେଇଥିଲେ। ପୋଲିସ ନଂ.୫୮/୧୮ରେ ମାମଲା ରୁଜୁ କରି ପ୍ରକାଶଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

### ସୀମାନ୍ତରେ ପୁଣି ମୁଣ୍ଡ ନେଲେ ମାଓବାଦୀ

**ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା**

**ମାଲକାନଗିରି,୧୧।୧(ଡି.ଏନ୍.ଏ.):** ନୂଆବର୍ଷ ଆରମ୍ଭରୁ ଏଯାଏ ସୀମାନ୍ତରେ ମାଓବାଦୀମାନେ ସେମାନଙ୍କ ଉପଦ୍ରବ ଜାରି ରଖିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ବିଜାପୁରର କୁଟରୁ ଅଞ୍ଚଳର କେଟୁଲନାର ଗ୍ରାମରେ ମାଓବାଦୀମାନେ ମଙ୍ଗଳବାର ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସପ୍ତାହକ ମଧ୍ୟରେ ସେମାନେ ୭ଜଣଙ୍କୁ ହତ୍ୟା କଲେଣି। ପୋଲିସ ସୂଚନାଦାତା ଆରୋପ ଲଗାଇ ସେମାନେ ଏପରି ଘଟାଉଛନ୍ତି। ନିକଟରେ ସେମାନେ ଗ୍ରାମର ଜଗତ ସୋରିଙ୍କୁ ଘରୁ ଉଠାଇନେଇ ହତ୍ୟା କରିଛନ୍ତି। ପରେ ସେମାନେ ତାଙ୍କ ମୃତଦେହ ରାସ୍ତାକଡ଼ରେ ଫିଙ୍ଗି ଚାଲିଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ମାଓବାଦୀମାନେ ଏଭଳି ଘଟାଇଛନ୍ତି ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ପି.ଅବିନାଶ ଉପାଧ୍ୟାୟ କହିଛନ୍ତି।

# ସହମତି ଭିତ୍ତିରେ ସମସ୍ୟା ସମାଧାନ ନିଷ୍ପତ୍ତି

**କୋଟିଆ ସୀମା ବିବାଦ**

**■ଓଡ଼ିଶା, ଆନ୍ଧ୍ର ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

କୋରାପୁଟ ଜିଲା କୋଟିଆ ପଞ୍ଚାୟତ ବିବାଦକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପ୍ରତିପକ୍ଷ ଆନ୍ଧ୍ର ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୀର ଶର୍ମାଙ୍କ ମଧ୍ୟରେ ପ୍ରଥମ ବୈଠକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଶେଷ ହୋଇଛି। କୋଟିଆକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଆପୋସ ସମାଧାନ କରିବା ନେଇ ବୈଠକରେ ଉଭୟ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ଉଭୟ ରାଜ୍ୟର ପ୍ରମୁଖ ସମସ୍ୟା ଆନ୍ତଃରାଜ୍ୟ ପରିବହନ, ସଡ଼କ ଯୋଗାଯୋଗ, ଓଡ଼ିଆ ଏବଂ ତେଲୁଗୁ ମାଧ୍ୟମ ସ୍କୁଲଗୁଡ଼ିକରେ ଖାଲି ପଦବୀ ପୂରଣ, ଶ୍ରୀକାକୁଲମରେ ଥିବା ଡକ୍ଟର ବି.ଆର. ଆମ୍ବେଡ଼କର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତେଲୁଗୁ ଚେୟାର ସ୍ଥାପନ କରାଯିବା ନେଇ ହୋଇଥିବା ରାଜିନାମାକୁ ଆଗକୁ ନେବାକୁ ବୈଠକରେ ଆଲୋଚନା କରାଯାଇଛି। ମାଓବାଦୀ କାର୍ଯ୍ୟକଳାପ ରୋକିବା ପାଇଁ ଆନ୍ଧ୍ର ପକ୍ଷରେ ଥିବା ସ୍ୱାଭିମାନ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବ୍ୟବସ୍ଥା କରିବାକୁ ଓଡ଼ିଶା ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ତେବେ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସୀମା ବିବାଦକୁ ତୁଟାଇବା ପାଇଁ ସୀମା ନିର୍ଦ୍ଧାରଣ କରିବା ଉପରେ ମହାପାତ୍ର ଜୋର ଦେଇଛନ୍ତି। ଏଥିସହିତ ମାଛକୁଣ୍ଡ ଯୁଗ୍ମ ଜଳବିଦ୍ୟୁତ୍ ପ୍ରକଳ୍ପ ତଦାରଖ କରିବା ପାଇଁ ଉଭୟ ରାଜ୍ୟର ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ନେଇ ପ୍ରକଳ୍ପ ପ୍ରଶାସନିକ କମିଟି(ପିଏସି) ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି କମିଟି ବୈଠକ ଖୁବ୍‌ଶୀଘ୍ର ଡାକିବାକୁ ସହମତି ହୋଇଛି। ବାଲିମେଳା, ପମ୍ପ ଷ୍ଟୋରେଜ ପ୍ରକଳ୍ପ ପାଇଁ ଟୋଏ ଜପାପୁଟ ଏବଂ ଲୋୟର ମାଛକୁଣ୍ଡ ପ୍ରକଳ୍ପରୁ ଜଳ ନେବା ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ ଉଭୟ ପକ୍ଷ ଦେବା ଏବଂ ଜଳ ଭାଗୀଦାରି ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଦୁଇ ରାଜ୍ୟ ମଧ୍ୟରେ ପରିବହନ ସେବାକୁ ନେଇ ଉଭୟ ରାଜ୍ୟର ପରିବହନ ଅଧିକାରୀଙ୍କୁ ନେଇ ବୈଷୟିକ କମିଟି ଗଠନ କରିବାକୁ ବୈଠକରେ କଥାବାର୍ତ୍ତାହୋଇଛି।

ଏଠରେ ସୂଚନାଯୋଗ୍ୟ, ଦୁଇ ରାଜ୍ୟର ସୀମା ବିବାଦ ସହ ଅନ୍ୟାନ୍ୟ ସମସ୍ୟାକୁ ସମାଧାନ କରିବାକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଥିଲେ। ଏହି କ୍ରମରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି।

# ସାହିତ୍ୟିକ ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ ପରଲୋକ

**ସମ୍ବଲପୁର,୧୧।୧ (ବ୍ୟୁରୋ)**

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ**



ମଙ୍ଗୁଲୁ ଚରଣ ବିଶ୍ୱାଳ

ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର ତଥା ସମ୍ବଲପୁରୀ ଚଳଚ୍ଚିତ୍ର 'ଭୂଖା' ଲେଖକ, ଶିକ୍ଷକ ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ସମ୍ବଲପୁର ପରମାନପୁର ବାରଡୁଙ୍ଗିରିଗ୍ରାମ ଘରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶୈଳବାଳା, କନ୍ୟା ଓ ୩ ପୁତ୍ର ଉପସ୍ଥିତ ଥିଲେ। ମଙ୍ଗୁଲୁଙ୍କ ଦେହାନ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ସାରସ୍ୱତ ସୃଷ୍ଟି ମାଧ୍ୟମରେ ସେ ଚିରକାଳ ଅମର ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଗଳ୍ପ, କବିତା, ନାଟକ, ଶିଶୁ ସାହିତ୍ୟ ସହ ସମ୍ବଲପୁରୀ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଖବର ପ୍ରଚାରିତ ହେବା ପରେ ବହୁ ସାହିତ୍ୟ ଓ କଳାପ୍ରେମୀଙ୍କ ସମେତ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ରମେଶ ପଟୁଆ, ଦୁର୍ଯ୍ୟୋଧନ ଗରଡ଼ିଆ, ସାହିତ୍ୟିକ ଶିବ ପ୍ରସାଦ ତ୍ରିପାଠୀ, ଦୁର୍ଗା ପ୍ରସାଦ ନାଥ, ଅନିଲ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅପରାହ୍ନରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ଜିଲାର ହୀରାକୁଦ ନଦୀବନ୍ଧ ବିସ୍ଥାପିତ ପିତାପାଳି ଗ୍ରାମର ମଙ୍ଗୁଲୁ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୪୪ ମସିହା ସେପ୍ଟେମ୍ବର ୫ରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଉପରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଜଣେ ସଫଳ ନାଟ୍ୟକାର, କବି, ଲେଖକ, ଗାଳ୍ପିକ ଭାବେ ସେ ଜଣାଶୁଣା। ତାଙ୍କ ଲିଖିତ 'ଭୂଖା' ଚଳଚ୍ଚିତ୍ର ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ତାଙ୍କ ଦ୍ୱାରା ୧୩ ସମ୍ବଲପୁରୀ ନାଟକ, ୧୧ କବିତା ସଙ୍କଳନ, ୧୦ ଗଳ୍ପ ସଙ୍କଳନ, ୭ ପ୍ରବନ୍ଧ, ୫ ଶିଶୁ ସାହିତ୍ୟ, ୩ ଉପନ୍ୟାସ ରଚିତ ହୋଇଛି।

# 'ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ସାର'

**ସିସିଆଇପିଏମ୍‌ଜି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବଡ଼ ବଡ଼ ଭିତ୍ତିଭୂମି ବିକାଶ ଏବଂ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ପୁଞ୍ଜିନିବେଶ ପ୍ରକଳ୍ପ ତଦାରଖ ଗ୍ରୁପ୍ (ସିସିଆଇପିଏମ୍‌ଜି ) ବୈଠକର ମଙ୍ଗଳବାର ଆଲୋଚନା ପରେ ଏହି ସୂଚନା ଦିଆଯାଇଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ଅସୁବିଧା ସମ୍ପର୍କିତ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଛନ୍ତି। ପ୍ରକଳ୍ପଗୁଡ଼ିକର ବିଭିନ୍ନ ପର୍ଯ୍ୟାୟ କାମ ପାଇଁ ମଧ୍ୟ ସେ ସମୟ ନିର୍ଦ୍ଧାରଣ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଲାଗି ଆବଶ୍ୟକ ସହଯୋଗ ଯୋଗାଇବାକୁ ଜିଲା ପ୍ରଶାସନ ଓ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା କ୍ଷେତ୍ରସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ କରାଯାଇଛି। ପ୍ରକଳ୍ପଗୁଡ଼ିକର କ୍ରମ ଅଗ୍ରଗତି ଓ ସଦ୍ୟତମ ସ୍ଥିତି ବିଷୟ ସୂଚନା ନିୟମିତ ଭାବେ ସିସିଆଇପିଏମ୍‌ଜି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବାକୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହାଦ୍ୱାରା କ୍ଷେତ୍ରସ୍ତରରେ ସୃଷ୍ଟି ହେଉଥିବା ନୂଆ ସମସ୍ୟା ବିଷୟ ଠିକ୍‌ଭାବେ ଜଣାପଡ଼ିବ। ସେହି ଅନୁଯାୟୀ ପଦକ୍ଷେପ ନିଆଯିବ। ବୈଠକରେ ୨୯ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏସବୁ ମାଧ୍ୟମରେ ପ୍ରାୟ ୧,୨୯,୮୦୩ କୋଟି ଟଙ୍କା ବିନିଯୋଗ ହେବ ବୋଲି ପ୍ରମୁଖ ଶାସନ ସଚିବ ଶର୍ମା କହିଛନ୍ତି।

ରେଳବାଇ କ୍ଷେତ୍ରରେ ବାଂଶପାଣି-ଜଖପୁରା ରେଳଲାଇନ ଦୋହରୀକରଣ, ରାଉରକେଲା-ଝାରସୁଗୁଡ଼ା ରେଳ ଟ୍ରାକ୍ ୩ୟ ଲାଇନ୍, ଭଦ୍ରକ-ନିର୍ଗୁଣ୍ଡି ଟ୍ରାକ୍ ୩ୟ ଲାଇନ, ହାଟିଆ-ବଣ୍ଡାମୁଣ୍ଡା ରେଳଲାଇନ ଦୋହରୀକରଣ, ବୁଢ଼ାପଙ୍କ-ଶାଳଗାଁ ରେଳ ଟ୍ରାକ୍‌ର ୩ୟ ଏବଂ ୪ର୍ଥ ଲାଇନ, ବିଜୟନଗରମ୍-ଟିଟିଲାଗଡ଼ ଟ୍ରାକ୍‌ର ୩ୟ ଲାଇନ, ସମ୍ବଲପୁର-ତାଳଚେର ଲାଇନର ଦୋହରୀକରଣ, ଖୋର୍ଦ୍ଧା-ବଲାଙ୍ଗୀର ବ୍ରଡ୍‌ଗେଜ୍ ଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ଅନୁଗୋଳ-ସୁକିନ୍ଦା ନୂଆ ରେଳ ଲାଇନ, ଅନୁଗୋଳ-ବଳରାମ-ପୁଡ଼ିଗଡ଼ା ରେଳଲାଇନ, ବଣ୍ଡାମୁଣ୍ଡା-ରାଉରକେଲା ଟ୍ରାକ୍ ୪ର୍ଥ ଲାଇନ, ଝାରସୁଗୁଡ଼ା-ବିଳାସପୁର ରେଳ ଟ୍ରାକ୍ ୪ର୍ଥ ଲାଇନ ଏବଂ ସମ୍ବଲପୁର-ଟିଟିଲାଗଡ଼ ରେଳ ଟ୍ରାକ୍ ଦୋହରୀକରଣ ଆଦି ପ୍ରକଳ୍ପର ସମୀକ୍ଷା ହୋଇଛି। ସେହିପରି ପାରାଦୀପ-ହାଇଦ୍ରାବାଦ ଉତ୍ପାଦ ପରିବହନ ପାଇପ୍ ଲାଇନ, ଜଗଦୀଶପୁର-ହଳଦିଆ-ବୋକାରୋ-ଧାମରା ପାଇପ୍‌ଲାଇନ, ଏମ୍‌ସିଏଲ୍‌ର ୩ଟି କୋଇଲା ଖଣି ପ୍ରକଳ୍ପ, ନାଲ୍‌କୋର ୨ଟି କୋଇଲା ଖଣି ପ୍ରକଳ୍ପ ଆଦିର ଅଗ୍ରଗତି ସମୀକ୍ଷା ହୋଇଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ୬ଟି ରାଜପଥ ଉନ୍ନୟନ ପ୍ରକଳ୍ପ, ନାଲ୍‌କୋର ୫ମ ଷ୍ଟ୍ରିମ୍ ରିଫାଇନୋରି ସମ୍ପ୍ରସାରଣ ପ୍ରକଳ୍ପ ଓ ଭାରତ ନେଟ୍ ଆଦି ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା ହୋଇଛି। ଏହିସବୁ ପ୍ରକଳ୍ପ ନିମନ୍ତେ ଜଙ୍ଗଲ ଜମି ଅନୁମତି, କ୍ଷତିପୂରଣ ଆବଣ୍ଟନ, ସ୍ୱତ୍ୱାଧିକାର ପ୍ରମାଣପତ୍ର, ସରକାରୀ ଜମିରେ କାର୍ଯ୍ୟ ପାଇଁ ଆଗୁଆ ଅନୁମତି, କ୍ଷତିପୂରକ ବନୀକରଣ ବିଦ୍ୟୁତ୍ ଏବଂ ଦୂରସଞ୍ଚାର ଟାୱାରର ସ୍ଥାନାନ୍ତରୀକରଣ ଆଦି ପ୍ରାୟ ୭୩ ବିଭିନ୍ନ ସମସ୍ୟାର ଅନୁଶୀଳନ ହୋଇ ଆଶୁ ସମାଧାନ ପନ୍ଥାମାନ ନିର୍ଦ୍ଧାରଣ କରାଯାଇଛି।

# କନ୍‌ଷ୍ଟେବଳଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବାରିପଦା ଅଫିସ,୧୧।୧**

**ଛାତରୁ ଡେଇଁ ଫେରାର**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ପୋଲିସ କନଷ୍ଟେବଳ ନୀହାର ରଞ୍ଜନ ଦଣ୍ଡପାଟଙ୍କ ଘରେ ମଙ୍ଗଳବାର ସକାଳେ ଭିଜିଲାନ୍ସ ଚଢ଼ାଉ କରିଛି। ତେବେ ତଦନ୍ତ ଚାଲିଥିବା ସମୟରେ ସେ ଛାତରୁ ଡେଇଁ ଫେରାର ହୋଇଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବାରିପଦା ଟାଉନ ପୋଲିସ ସହରର ସମସ୍ତ ରାସ୍ତାରେ ତନଖି କରୁଥିବା ବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ତାଙ୍କୁ ଠାବ କରାଯାଇପାରି ନାହିଁ। କଟକ ଭିଜିଲାନ୍ସ ସେଲ୍‌ର ୬ଟି ଟିମ୍‌ରେ ଥିବା ୩୫ଜଣ ଅଫିସର ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ କନଷ୍ଟେବଳ ଦଣ୍ଡପାଟଙ୍କ ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମ ପୈତୃକ ଘର, ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ଶ୍ୱଶୁର ଘର, ବାରିପଦା ଭଞ୍ଜପୁର ସ୍ଥିତ ୟୁନିଟ-୧୮ରେ ଥିବା ୩ ମହଲା ବିଶିଷ୍ଟ କୋଠାଘର, ବାରିପଦା ପୋଲିସ ଲାଇନ୍ ସ୍ଥିତ ପି/୮୮ ନଂ.ରେ ସରକାରୀ କ୍ୱାର୍ଟର୍ସ, ବାରିପଦା ଅମ୍ବିକାସାହିରେ ଥିବା ସାଇବର ଆଉଟଲୁକ୍ ଦୋକାନ, ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ-୨୧ ଓ ମୁର୍ଗାବାଡ଼ିଠାରେ ଥିବା ହୋଟା ଏଣ୍ଟରପ୍ରାଇଜର୍ସରେ ଚଢ଼ାଉ କରାଯାଇଛି। କନଷ୍ଟେବଳ ଦଣ୍ଡପାଟ ଦୀର୍ଘ ଦିନରୁ ଭିଜିଲାନ୍ସ ସ୍କାନରରେ ଥିଲେ। ସେ ବର୍ତ୍ତମାନ ମୟୂରଭଞ୍ଜ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। କିଛିଦିନ ପୂର୍ବରୁ ଚାକିରିରୁ ଅବସର ନେବା ପାଇଁ ଆବେଦନ କରିଥିଲେ। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହେବା ପରେ ଭିଜିଲାନ୍ସ ଚଢ଼ାଉ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିବା ବେଳେ ୧ କୋଟି ୨୭ ଲକ୍ଷ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଛି।

# ଆଜିଠୁ ଏମ୍ସରେ ନୂଆ ମାର୍ଗଦର୍ଶିକା ଲାଗୁ

**■ ଅନ୍‌ଲାଇନ୍‌ରେ ସ୍ୱାସ୍ଥ୍ୟସେବା ନେବାକୁ ପରାମର୍ଶ**
**■ କମିଲା ନୂଆ ପଞ୍ଜୀକରଣ, ଜାରି ରହିବ ଜରୁରୀ ସେବା**
**■ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ 'ସାରି' ୱାର୍ଡ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏମ୍ସ ନୂଆ ମାର୍ଗଦର୍ଶିକା ଜାରି କରିଛି। ଏହା ବୁଧବାରଠାରୁ ଲାଗୁ ହେବ। ନୂତନ ମାର୍ଗଦର୍ଶିକା ଅନୁସାରେ, ଓପିଡିଗୁଡ଼ିକରେ ରୋଗୀ ସଂଖ୍ୟା ହ୍ରାସ କରିବା ସହ ସଂକ୍ରମଣ ଶୃଙ୍ଖଳା ଭାଙ୍ଗିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲିମେଡିଶିନ (ହ୍ୱାଟ୍ସଆପ୍ କଲ୍) ସେବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ପୂର୍ବରୁ ବ୍ୟବହୃତ ସମସ୍ତ ଟେଲିମେଡିସିନ ନମ୍ବରଗୁଡ଼ିକ ଏବେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ତେଣୁ ରୋଗୀମାନେ ଓପଡିକୁ ଆସିବା ପରିବର୍ତ୍ତେ ଏହା ମାଧ୍ୟମରେ ଅଧିକରୁ ଅଧିକ ସେବା ନେବାକୁ ପରାମର୍ଶ ଦିଆଯାଇଛି।

ନିଷ୍ପତ୍ତି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଜେନେରାଲ୍ ମେଡିସିନ୍, ଅର୍ଥୋପେଡିକ୍ସ, ଡର୍ମାଟୋଲୋଜି, ଶିଶୁ (ପେଡିଆଟ୍ରିକ୍ସ), ଶଲ୍ୟ ଚିକିତ୍ସା(ଜେନେରାଲ୍ ସର୍ଜରୀ), ପଲ୍‌ମୋନାରୀ ମେଡିସିନ୍, ଇଏନ୍‌ଟି, ଚକ୍ଷୁ(ଅପ୍ଥାମୋଲୋଜି), ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଭଳି ବିଭାଗର ଓପିଡିରେ ଦୈନିକ ରୋଗୀ ସଂଖ୍ୟା ୧୦୦ରେ ସିମୀତ ରଖାଯାଇଛି। ତେବେ ୟୁରୋଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, କାର୍ଡିଓଲୋଜି ଭଳି ବିଭାଗ ପୂର୍ବଭଳି କାର୍ଯ୍ୟ କରିବ। ସେହିଭଳି ଡେ-କେୟାର, ରେଡିଓଥେରାପି, ଡାୟଲିସିସ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି, ଜରୁରୀକାଳୀନ ଜୀବନ ବଞ୍ଚାଇବା, ଟେଲି ମେଡିସିନ୍, ଏମ୍ସ ଭୁବନେଶ୍ୱର ଆପ୍, ଆଇପିଡି ସେବା, ଟୀକାକରଣ ସେବା, ପ୍ରତିରୋପଣ ସେବା ଇତ୍ୟାଦି ପୂର୍ବପରି ଜାରି ରହିବ। ସେହିଭଳି ଏମ୍ସ ଭୁବନେଶ୍ୱରରେ କୋଭିଡ୍ ଅପରେଶନ କକ୍ଷ(ଓଟି) ସହିତ ପ୍ରସବ ଓଟି ଏବଂ ଅନ୍ୟାନ୍ୟ କୋଭିଡ୍ କ୍ଷେତ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଛି। ହଠାତ୍ କୋଭିଡ୍ ସଂକ୍ରମିତ ହୋଇ ଗୁରୁତର ହୋଇପଡୁଥିବା ରୋଗୀଙ୍କ ପାଇଁ 'ସର୍ଭିଲାନ୍ସ ଫର୍ ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରୀ ଇନ୍‌ଫେକ୍ସନ୍'(ଏସ୍‌ଏଆର୍‌ଆଇ) ବା ସାରୀ ୱାର୍ଡ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଭବିଷ୍ୟତ ଆବଶ୍ୟକତା ଉପରେ ନିର୍ଭର କରି ଧାର୍ଯ୍ୟ ସମୟରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ବୋଲି ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଏସ୍. ଏନ୍. ମହାନ୍ତି ପ୍ରକାଶ କରିଛନ୍ତି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସୁମିତ

**ସୁମିତ-ତପସ୍ୱିନୀ ବିବାହ ବିବାଦ ମାମଲା**

**କଟକ ଅଫିସ,୧୧।୧**

ବହୁଚର୍ଚ୍ଚିତ ବ୍ରହ୍ମପୁରର ସୁମିତ-ତପସ୍ୱିନୀ ବିବାହ ବିବାଦ ମାମଲା ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ବ୍ରହ୍ମପୁର ଜିଲା ଜଜ୍‌ଙ୍କ ରାୟକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର ସୁମିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାକୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ପରିଚାଳନା କରୁଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ତପସ୍ୱିନୀ ସୁମିତଙ୍କ ବ୍ରହ୍ମପୁର ବ୍ରହ୍ମନଗରସ୍ଥିତ ବାସଭବନରେ ରହିବେ। ତାଙ୍କ ଭରଣପୋଷଣ ବାବଦକୁ ୧୭ ହଜାର ଟଙ୍କା ଲେଖାଏ ପ୍ରତି ମାସ ୧୦ ତାରିଖ ସୁଦ୍ଧା ସୁମିତ ଦେବେ ବୋଲି ଗତ ୪ ତାରିଖରେ ବ୍ରହ୍ମପୁର ଜିଲା ଜଜ୍ ରାୟ ଦେଇଥିଲେ। କିନ୍ତୁ ଅଦାଲତଙ୍କ ରାୟରେ ଅସନ୍ତୁଷ୍ଟ ହୋଇ ସୁମିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ପଶୁପକ୍ଷୀ ବଳିରେ ଶୁଲିଆ ପୀଠ ରକ୍ତରଞ୍ଜିତ

**ସମ୍ପନ୍ନ ହେଲା ପ୍ରସିଦ୍ଧ ଶୁଲିଆ ଯାତ୍ରା**


**ଦେଓଗାଁ,୧୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାର ବଡଖଳା ଓ କୁମୁରିଆର ସାନଖଳାଠାରେ କରୋନା କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି ପ୍ରସିଦ୍ଧ ଶୁଲିଆ ଯାତ୍ରା। ସୋମବାର ରାତିରେ ନିଶିପୂଜା ପରେ ମଙ୍ଗଳବାର ସକାଳ ୬ଟା ୩୦ରେ ପୂଜକ, ଝାଙ୍କର, ବରୁଆ ତଥା ସ୍ଥାନୀୟ କନ୍ଧ ଆଦିବାସୀମାନେ ପାଟବୋଦାକୁ ଫୁଲମାଳ ପିନ୍ଧାଇ ଏକ ଶୋଭାଯାତ୍ରାରେ ପୂଜାପୀଠରେ ପହଞ୍ଚିଥିଲେ। ସେଠାରେ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ପରମ୍ପରା ଅନୁସାରେ ପାଟବୋଦାକୁ ବଳି ଅର୍ପଣ କରାଯାଇଥିଲା। ଏହା ପରେ ମାନସିକଧାରୀ ଆଣିଥିବା ବୋଦା, ମେଣ୍ଢା, ପୋଡ଼, କୁକୁଡା ଆଦି ଶହଶହ ପଶୁପକ୍ଷୀଙ୍କ ବଳି ପଡ଼ିଥିଲା। ବଳିରେ ଉଭୟ ପୀଠ ରକ୍ତରଞ୍ଜିତ ହୋଇଥିଲା।



ଖଇରଗୁରାସ୍ଥିତ ବଡଖଳାରେ ଶୁଲିଆଙ୍କ ପୂଜାର୍ଚ୍ଚନା କରାଯାଉଛି।

ଚଳିତ ବର୍ଷ ମିଳିତ ଶୁଲିଆ ଯାତ୍ରା ପରିଚାଳନା କମିଟି ସଭାପତି ମୟ ପ୍ରଧାନୀଙ୍କ ପରିଚାଳନାରେ ଅନୁଷ୍ଠିତ ଯାତ୍ରାରେ ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଓ ବରୁଆ ଦାୟିତ୍ୱ ନିର୍ବାହ କରିଥିଲେ ଅନ୍ତ କୁଅଁର ଓ ପ୍ରସନ୍ନ ମାଝି। ସାନଖଳାରେ ମୁଖ୍ୟ ପୂଜକ ହରିହର ଝାଙ୍କର ଏବଂ ବରୁଆଭାବେ ସମାରୁ କୁଅଁର, ତପନ କୁଅଁର, ଉପେନ୍ଦ୍ର ଧରୁଆ, ମାନଧାତା ଝାଙ୍କର, ଲଳିତ କୁଅଁର, କମ୍ପ ସେଠ, ମଙ୍ଗଳୁ କାର୍ଯ୍ୟ ତୁଲାଇ ଥିଲେ।



**ଆଜିର ମନ୍ତବ୍ୟ**
"ଫୁଲ୍ ଟାଇମ୍ ଟୁରିଜମ୍ ଏବଂ ପାର୍ଟ ଟାଇମ୍ ପଲିଟିକ୍ସ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପୁରୁଣା ଅଭ୍ୟାସ।
–ମୁକ୍ତାର ଅବ୍ବାସ୍ ନକ୍ଭି, କେନ୍ଦ୍ରମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ସାରିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

ରାଜନଗର, ୧୧।୧ (ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ବୁଧବାରଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଭିତରକନିକାର ନଦୀ ନାଳରେ ଥିବା ବଉଳା କୁମ୍ଭୀରଙ୍କ ଗଣନା ପାଇଁ ଗତ ୨ରୁ ୧୧ ତାରିଖ ଯାଏ ବନ୍ଦ ରଖାଯାଇଥିଲା। ଚଳିତବର୍ଷ ଗଣନାରେ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇ ୧୭୮୪ରେ ପହଞ୍ଚିଛି। ଭିତରକନିକା ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନେ ନୌବିହାରରେ ପ୍ରକୃତିର ଶୋଭା ଉପଭୋଗ କରିବା ସହ ବିରଳ ବଉଳା କୁମ୍ଭୀର ଖରା ପୋଇଁବାର ଦୃଶ୍ୟ ଉପଭୋଗ କରନ୍ତି। ଏଥିସହ ହଜାର ହଜାର ସଂଖ୍ୟାରେ ବାର୍‌ହା, ହରିଣ ଓ ଦେଶୀ ବିଦେଶୀ ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

# classifieds Everyday
0674-2580101, 2549302




**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496.
D-22558




**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627.
D-71776




**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ **2.5K.M.** ରଙ୍ଗବଜାର **BJEM-2** କୁ ଲାଗି **East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.**
D-71775

ବରଗଡ଼ ବ୍ରିଟ୍ କଲୋନୀରେ ଏକ simplex ଘର ବିକ୍ରିହେବ। ଯୋଗାଯୋଗ- 9692213354.
D-71746

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.**
D-71749

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

**Flat sale with ORERA approval at Naharakanta Chhak, Rasulgarh, Bhubaneswar NH facing. Contact: 6371401150.** D-22815

2000sqft. Mancheswar Mouza gharabari road side plot yellowzone Rate- sqft.- 1500 (negotiable). Contact: 8249441576. D-22808

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.**
D-71763

ନନ୍ଦନକାନନରୁ 1K.M. ଦୂର Patia road ବାରଙ୍ଗ ମୌଜାରେ sqft.- 2250/- yellowzone plot 30ft. road ସହିତ ମିଳୁଛି। 9692213354. D-71748

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.**
D-22816

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455.
D- 22747

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166. D–71767

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912.
D-73001

**Bhubaneswar ନିକଟସ୍ଥ Sum Hospitalରୁ 4K.M. ଦୂରତାରେ immediate ଘର କଲାଭଳି plot sqft.- 750/-ରେ ମିଳୁଛି। 9861228147.**
D-71773

ଘରବାରି yellowzone plot କଳାରାହାଙ୍ଗ ମୌଜାରେ 30ft. road ସହିତ sqft.- 2600/- ମିଳୁଛି। 9692213354.
D-71747

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/–, ୯୦୦/–, ୧୫୫୦/–, ୪୦୦/– ବିକ୍ରିହେବ। 9938016295. D-71770

**Ready to move 3BHK flat at Sailashree Vihar, Chandrasekharpur. Contact: 6371401150.** D-22814

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର **Oxford College** ଛକ ମୁଖ୍ୟ ପିଚୁରାସ୍ତାକୁ ଲାଗି **residential/ commercial** ଘରବାଡ଼ି ପ୍ଲଟ୍ **sqft.- 800/-** ବିକ୍ରିହେବ। **6370025920, 9937674302.**
D-71774

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୂପ, ପିପିଲି ବଜାର ଏବଂ ଉଉରା (ମଗଲପୁର)ରେ ମିଳୁଛି। **93371-03361, 8249776268.** D-22761




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.**
D-71757




One room, Kitchen and Toilet in Nayapalli near UCO Bank, opposite Hotel Presidency. Contact: 8480174722.
D-71771

3BHK Apartment with Two Toilets Two Balconies at Baishnav Vihar, Bomikhal, Bhubaneswar. 9238574993. D-22813

House at Nayapalli near DAV/ Stewart School for Family. 9438490107. D-71842




Ashirvaad Saloon and SPA get good massage for your health tha best therapy. 7077181074.
D-71843

Newly open Spa New Year Dhamaka @699/, smart therapist. 7846814019. D-71464

Newly open herbal full body massage center (expert therapist). 8280782273. D-71466

Full body massage in homely atmosphere all therapy. Contact: 8114881641. D-60894

One hour any therapy by expert therapist @999 only. 9078484455. D-71465

Newly open full body massage ladies and gents. 8327740003, 8455985899. D-71845

Newly open Spa Offer Price 599/-, positively health benefits. 8455987557. D-71463

Newly opening SPA positively health benefits with expert therapist. 8917332216.
D-71928

Newly Open Saikrupa Panchakarma Spa positively health benefits with expert. 8984068077. D-22723




Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473.
D-22809

**LOST**

It is hereby informed that original GPA bearing No.- GPA No.- 1414 dt.-04.02.2010 Executed by Soma Narayan Mishra in favour of Pradeep Kumar Dash of Khata No.- 725/1972, Plot No.- 1662/3277/4661 Area: Ac.0.055. dec, Mouza: Kalarahanga, has been lost by me on dt.15.12.2021 on my way while coming from my residence at VIP area, Nayapalli to Siva Timber Depot situated near to Ekamra Kanan Park. If found not to misuse and handover to me.
Sd/.- Benudhar Swain, 9861317758
D-22807

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁରୁକି ହସା ହସଇ ଯେ**
**ଠକଙ୍କ ଗୁରୁ ଗୋସେଇଁ ସେ ।**

ଯେଉଁମାନେ ମୁରୁକି ହସା ଦେଇଥାନ୍ତି ସେମାନେ ଅନ୍ତଃ କପଟୀ ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ଏହି ଧରଣର ବ୍ୟକ୍ତି ସମସ୍ତଙ୍କୁ ଠକିବାରେ ବା ଚିତା କାଟିବାରେ ସିଦ୍ଧହସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋର ଦେଖି,**
**ତୋର ଡେଇଁଲା ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେଜଣ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଫେବୃୟାରୀ ୧୬ରୁ...

ପ୍ରଥମ ପୃଷ୍ଠାରୁ...

ତାଲିକା ପ୍ରକାଶ ପାଇବ। ଭୋଟଗ୍ରହଣ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ହେବ। ପୂର୍ବରୁ ଭୋଟ ଗ୍ରହଣ ସକାଳ ୭ଟାରୁ ଦିନ ୧୨ଟା ମଧ୍ୟରେ ହେଉଥିଲା। ଭୋଟ ଗ୍ରହଣ ଅବଧିକୁ ୧ ଘଣ୍ଟା ବୃଦ୍ଧି କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃୟାରୀ ୧୬ରେ ୩୦ ଜିଲାର ୭୧ ବ୍ଲକର ୨୦୨ଟି ଜିଲା ପରିଷଦ ଜୋନର ୧୬୬୯ ଗ୍ରାମପଞ୍ଚାୟତରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ହେବ। ଏଥିପାଇଁ ୨୨୩୭୯ଟି ବୁଥ୍‌ରେ ମତଦାନ ହେବ। ସେହିପରି ଫେବୃୟାରୀ ୧୮ରେ ୩୦ ଜିଲାର ୬୮ ବ୍ଲକ ୧୮୬ ଜିଲା ପରିଷଦ ଜୋନ ୧୫୧୪ ପଞ୍ଚାୟତର ୨୦,୪୩୬ଟି ବୁଥ୍‌ରେ ନିର୍ବାଚନ ହେବ। ଫେବୃୟାରୀ ୨୦ରେ ୨୯ଜିଲାର ୬୩ ବ୍ଲକ ୧୭୧ ଜିଲା ପରିଷଦ ଜୋନ ୧୩୪୨ ପଞ୍ଚାୟତର ୧୮,୪୯୫ଟି ବୁଥ୍‌ରେ ନିର୍ବାଚନ ହେବ। ଫେବୃୟାରୀ ୨୨ରେ ୨୭ ଜିଲାର ୬୪ ବ୍ଲକର ୧୬୩ଟି ଜିଲା ପରିଷଦ ଜୋନର ୧୨୫୪ଟି ପଞ୍ଚାୟତରେ ଭୋଟଗ୍ରହଣ ହେବ। ଏଥିପାଇଁ ୧୭,୮୧୯ଟି ବୁଥ୍ କରାଯାଇଛି। ଫେବୃୟାରୀ ୨୪ରେ ୨୫ଟି ଜିଲାର ୪୮ ବ୍ଲକର ୧୩୧ ଜିଲା ପରିଷଦ ଜୋନର ୯୭୫ଟି ପଞ୍ଚାୟତରେ ଭୋଟଗ୍ରହଣ ହେବ। ଏଥିପାଇଁ ୧୩,୫୧୪ଟି ବୁଥ୍ କରାଯାଇଛି। ତେବେ କେଉଁ ବ୍ଲକରେ କେବେ ଭୋଟଗ୍ରହଣ ହେବ ତା'ର ବିସ୍ତୃତ ତଥ୍ୟ ନିର୍ବାଚନ କମିଶନରଙ୍କ ୱେବ୍‌ସାଇଟରେ ଉଲ୍ଲେଖ ରହିଛି ବୋଲି କମିଶନର ସୂଚନା ଦେଇଛନ୍ତି। ନାଏବ ସରପଞ୍ଚ ନିର୍ବାଚନ ମାର୍ଚ୍ଚ ୧୧ ଏବଂ ବ୍ଲକ ଅଧକ୍ଷ ବା ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ମାର୍ଚ୍ଚ ୧୨ରେ ହେବ। ଜିଲା ପରିଷଦ ଅଧକ୍ଷ ନିର୍ବାଚନ ମାର୍ଚ୍ଚ ୧୩ରେ ଶେଷ ହେବ। ସେହିପରି ବ୍ଲକ ଉପାଧକ୍ଷ ନିର୍ବାଚନ ମାର୍ଚ୍ଚ ୨୩ରେ ଓ ଜିଲା ପରିଷଦ ଉପାଧକ୍ଷ ନିର୍ବାଚନ ମାର୍ଚ୍ଚ ୨୫ରେ ଶେଷ ହେବ। ଜିଲା ପରିଷଦ ପ୍ରାର୍ଥୀମାନଙ୍କର ସତ୍ୟପାଠ ସମ୍ପୃକ୍ତ ଜିଲାର ୱେବ୍‌ସାଇଟରେ ଉଲ୍ଲେଖ ରହିବ। ପ୍ରାର୍ଥୀମାନେ ଯଦି ଭୁଲ୍ ସତ୍ୟପାଠ ଦାଖଲ କରିବେ ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି ବୋଲି ନିର୍ବାଚନ କମିଶନର କହିଛନ୍ତି।

ନିର୍ବାଚନ କମିଶନର କହିଛନ୍ତି ଯେ, କୋଭିଡ୍ ଗାଇଡ୍‌ଲାଇନକୁ କିପରି କଡ଼ାକଡ଼ି ପାଳନ କରି ନିର୍ବାଚନ କରାଯିବ ସେ ନେଇ ଜାନୁୟାରୀ ୮ରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ୧୦ ତାରିଖରେ ଗୃହ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରାଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ନିର୍ବାଚନ ୨୦୧୭ ଫେବୃୟାରୀ ୧୩ରୁ ୨୧ ମଧ୍ୟରେ ହୋଇଥିଲା। ୨୦୨୨ ମାର୍ଚ୍ଚ ୧୨ ପୂର୍ବରୁ ନିର୍ବାଚନ ହେବା ଆବଶ୍ୟକ। ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ମଧ ଆଲୋଚନା ହୋଇଛି। କୋଭିଡ୍ କଟକଣା ଭିତରେ ନିର୍ବାଚନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି।

ଏଥର ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟର ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ଜଣ ଭୋଟର ନିଜର ମତଦାନ କରିବେ। ଜଗତ୍‌ସିଂହପୁର ଜିଲାର ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡମେମ୍ବର ପାଇଁ ନିର୍ବାଚନ ହେବ ନାହିଁ। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୨୦୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଚଳିତଥର ମଧ ସମାନ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯିବ। ନିର୍ବାଚନ ସମ୍ପର୍କିତ ଖବର ଦେବା ପାଇଁ କମିଶନଙ୍କ କାର୍ଯ୍ୟାଳୟରେ କଲ୍ ସେଣ୍ଟର ଖୋଲାଯାଇଛି। ଏହା ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏ କାର୍ଯ୍ୟ କରିବ। ଏହାର ଟେଲିଫୋନ ନମ୍ବର ୧୮୦୦-୩୪୫-୭୮୮୭। ସେହିପରି କମିଶନଙ୍କ କାର୍ଯ୍ୟାଳୟରେ ମଧ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଏହା ସକାଳ ୮ଟାରୁ ରାତି ୯ଟା ଯାଏ କାର୍ଯ୍ୟ କରିବ। ଏହାର ଟେଲିଫୋନ ନମ୍ବର ୦୬୭୪-୨୫୬୭୩୪୯୪।

## ପରପାରିରେ...

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ୨୦୧୮ରେ ବିଜେଡି ଛାଡ଼ି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ଉଭୟ ଦଳ ପାଇଁ ପ୍ରଚାର କରିଥିଲେ ମଧ ସେ କୌଣସି ପଦପଦବୀ ଆଶା କରି ନ ଥିଲେ। ହେଲେ ଜୀବନର ଶେଷ ପର୍ଯ୍ୟନ୍ତ ସେ ଅଭିନୟ ସହ ଜଡ଼ିତ ଥିଲେ। ୨୦୧୦ ମସିହାରେ ତାଙ୍କ ପତ୍ନୀ ସଙ୍ଗୀତା ଦାସଙ୍କର ମୃତ୍ୟୁ ଘଟିଥିଲା। ବର୍ଷିଆନ ଅଭିନେତା ମିହିରଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି। ସ୍ୱର୍ଗତ ଦାସ ଜଣେ ଶୀର୍ଷ ସ୍ତରର କଳାକାର ଭାବେ ନିଜର ଅନନ୍ୟ ଅଭିନୟ କଳା ପାଇଁ ସବୁରି ହୃଦୟରେ ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ଓଡ଼ିଆ କଳାଜଗତରେ ସେ ଛାଡିଯାଇଥିବା ଅଭିନୟର ଛାପ ତାଙ୍କୁ ସର୍ବଦା ଅମର କରି ରଖିବ। ତାଙ୍କ ବିୟୋଗ ଓଡ଼ିଆ କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଖଣି ଓ ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ରାଜ୍ୟ ସିନେ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ମଧ ଶୋକ ପ୍ରକାଶ କରାଯାଇଛି। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ କୁନା ତ୍ରିପାଠୀ, ଆର୍ଟିଷ୍ଟ ଆସୋସିଏଶନର ସେକ୍ରେଟାରି ଶ୍ରୀତମ ଦାସ, ଅଭିନେତ୍ରୀ ନମ୍ରତା ଦାସ, ମହାଶ୍ୱେତା ରାୟ, ସୋଫିଆ ଆଲାମ୍, ଉଷଶୀ ମିଶ୍ର, ପିଙ୍କି ପ୍ରଧାନ, ମେଘନା ମିଶ୍ର, ଅଭିନେତା ବାବୁସାନ୍ ମହାନ୍ତି, ସବ୍ୟସାଚୀ ମିଶ୍ର, ଅରିନ୍ଦମ୍ ଦାସ, ଆକାଶ ଦାସନାୟକ, ଅନୁଭବ ମହାନ୍ତି, ସିନେ ନିର୍ଦ୍ଦେଶକ ଅଶୋକ ପତି, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ରାଇମୋହନ ପରିଡା, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା ପ୍ରମୁଖ ତାଙ୍କ ଶେଷଦର୍ଶନ ସହ ଶୋକ ପ୍ରକାଶ କରିଛନ୍ତି।

## ମଣିଷ ଶରୀରରେ...

ସ୍ୱାସ୍ଥ୍ୟାବସ୍ଥା ଯୋଗୁ ମଣିଷ ହୃତ୍‌ପିଣ୍ଡ ତାଙ୍କ ଶରୀରରେ ଲଗାଇବା ମଧ ବିପଦପୂର୍ଣ୍ଣ ଥିଲା। ବଞ୍ଚିବା ଆଶା କ୍ଷୀଣ ଥିବାରୁ ସେ ଡାକ୍ତରଙ୍କୁ ଘୁଷୁରୀ ହୃତ୍‌ପିଣ୍ଡ ପ୍ରତିରୋପଣ ନିମନ୍ତେ ଅନୁମତି ଦେଇଥିଲେ। ଏହା ହିଁ ତାଙ୍କ ଶେଷ ଇଚ୍ଛା ବୋଲି କହିବା ପରେ ଡାକ୍ତର ପ୍ରତିରୋପଣ ପାଇଁ ନିଷ୍ପତ୍ତି ନେଇଥିଲେ। ଅସ୍ତ୍ରୋପଚାର ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲେ ହେଁ ତାଙ୍କୁ ଯନ୍ତ୍ରଣାରୁ ଉପଶମ ମିଳିଛି। ଖୁବ୍‌ଶୀଘ୍ର ସେ ଶଯ୍ୟାରୁ ଉଠି ସ୍ୱାଭାବିକ ଜୀବନ ବଞ୍ଚିବେ ବୋଲି ଡେଭିଡ୍ ଆଶା ରଖିଥିବା ଉକ୍ତ ବିବୃତିରେ ଜଣାଯାଇଛି। ଏହା ଏକ ସଫଳ ଅସ୍ତ୍ରୋପଚାର ଏବଂ ଅଙ୍ଗ ଅଭାବ ସଙ୍କଟ ଦୂର କରିବା ପାଇଁ ନୂଆ ରାସ୍ତା ଖୋଲିଛି ବୋଲି ସର୍ଜରୀ କରିଥିବା ଡାକ୍ତର ବ୍ରାଟଲି ଗ୍ରିଫ୍‌ଥ କହିଛନ୍ତି। ଆମେରିକାରେ ପ୍ରାୟ ୧ ଲକ୍ଷ ୧୦ ହଜାର ରୋଗୀ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ରହିଛନ୍ତି। ଅଙ୍ଗ ଅଭାବରୁ ପ୍ରତିବର୍ଷ ସେଠାରେ ପ୍ରାୟ ୬ ହଜାର ଜଣଙ୍କ ମୃତ୍ୟୁ ଘଟୁଛି। ଏପରି ସମୟରେ କୌଣସି ପ୍ରାଣୀର ଅଙ୍ଗ ମଣିଷ ଶରୀରରେ ଲାଗିବା ଚିକିତ୍ସା ବିଜ୍ଞାନ ଇତିହାସରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ କ୍ଷେତ୍ରରେ ଅସ୍ଥିର ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସନ୍ତାନଙ୍କ ଯୋଗୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଖର୍ଚ୍ଚଭାର ବୃଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟା, କଚେରି ମାମଲା ଯୋଗୁ ଚିନ୍ତାପ୍ରକଟ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତିର ମାର୍ଗ ସୁଗମ ହେବ। ଅଫିସରେ ଭଲ୍ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ**
ଆର୍ଥିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କୁଟୀରଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନର ପ୍ରତିବନ୍ଧକ ଦୂର ହୋଇଯିବ। କେତେକ ଅବହେଳିତ ସ୍ଥଗିତ କାର୍ଯ୍ୟ ସକାଶେ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ସନ୍ତୋଜନକ ରହିବ ନାହିଁ। ସଭାସମିତି, ବନ୍ଧୁ ସମ୍ପର୍କ, ଶିକ୍ଷା, ପରୀକ୍ଷାଦିରେ ସଫଳତା ପାଇପାରିବେ।

**କର୍କଟ**
ବିଭିନ୍ନ ପ୍ରକାରର ସମସ୍ୟା ହେତୁ ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ବାଧ୍ୟହେବେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବାର ଆଶା କରାଯାଇପାରେ। ସଭାସମିତି, ସଂଗଠନ, ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ବନ୍ଧୁଙ୍କ ଆହ୍ୱାନ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ସିଂହ**
ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଭାବି ଚିନ୍ତି କାମ କରିବା ସହ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। ଆର୍ଥିକ ଅନଟନଜନିତ ଧାର ଉଧାର କରିବାକୁ ପଡ଼ିପାରେ। ସାହିତ୍ୟଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ ଯାହାକି ଅନ୍ୟମାନଙ୍କ ସକାଶେ ଅସନ୍ତୋଷର କାରଣ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବୃତ୍ତିରେ ପ୍ରତିବନ୍ଧକ କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ତୁଳା**
ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପାଖ,ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ ; ଯାହାକି ଆପଣଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟି ଯିବ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ।

**ବିଛା**
ସମସ୍ୟା ରହିଥିଲେ ମଧ କୌଣସି କର୍ମାରମ୍ଭ କରି ଆନନ୍ଦ ଅନୁଭବ କରି ପାରନ୍ତି। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରି ସମସ୍ୟା ସୃଷ୍ଟି କରିବେ ଏଣୁ ସତର୍କ ରହିବା ଭଲ। ଆତ୍ମୀୟମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ନୂତନ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
ଦିନଟି ଭଲ ରହିଲେ ମଧ କେତେକ ଅପୂରଣୀୟ କାମନା ମନକୁ ଭାରାକ୍ରାନ୍ତ କରିବ। ବିଶେଷଭ୍ରମଣ ଓ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ ଏବଂ ବକେୟା ଆଦାୟରେ ସକ୍ଷମ ହେବେ। କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ପ୍ରଶଂସା କରିପାରନ୍ତି।

**ମକର**
ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସମ୍ପର୍କ ହାନି ହେବ। ଏକ ଭିନ୍ନ ପରିବେଶରେ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଶାରୀରିକ ସୁସ୍ଥତା ଫେରି ଆସିବ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ**
ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ କର୍ମକ୍ଷେତ୍ରରେ ପ୍ରଗତି ମନୋବଳ ବୃଦ୍ଧି କରିବ। ପାରିବାରିକ ସମର୍ଥନ ହାସଲ କରିବା କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ।

## ଆଉ ଜଣେ ଉଠାଦୋକାନୀଙ୍କ...

ଯୋଗୁ ଉଠାଦୋକାନୀଙ୍କ ବ୍ୟବସାୟକୁ ବାରଣ କରାଯାଇଛି। ବ୍ୟବସାୟ ବନ୍ଦ ହୋଇଯିବା ପରେ ସୁବାସ ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ମଙ୍ଗଳବାର ମଧାହ୍ନରେ ୨ଝିଅ ଟିଉଶନ ଯାଇଥିଲେ। ଘରେ ଥିବା ସ୍ତ୍ରୀ ରୋଜାଲିନ ପଣ୍ଡିତ୍ ବାଥ୍‌ରୁମ୍ ଯାଇଥିଲେ। ଏହି ସମୟରେ ସୁବାସ ଏକ ଷ୍ଟୋଲ୍‌କୁ ବେକରେ ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ସ୍ତ୍ରୀ ଏହା ଦେଖି ଚିତ୍କାର କରି ଡାକ ପକାଇବାରୁ ନିକଟରେ ବଢ଼େଇ କାମ କରୁଥିବା ଜଣେ ପଡ଼ୋଶୀ ଛୁରି ଆଣି ଉକ୍ତ ଷ୍ଟୋଲ୍‌କୁ କାଟି ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ହସ୍ପିଟାଲରେ ପହଞ୍ଚିଥିଲା।

**ଭୁଜାଲି ମାଡ଼ରେ ଜଣେ ଗୁରୁତର**

**ଅନୁଗୋଳ ଅଫିସ:** ଅନୁଗୋଳ ସଦର ଥାନା ବେନ୍ତପୁର ମୁଣ୍ଡାହତାଠାରେ ଭୁଜାଲି ମାଡ଼ରେ ଟିକନ ନାୟକ (୨୩) ଗୁରୁତର ହୋଇଛନ୍ତି। ସେହି ଗ୍ରାମର ଜଣେ ଯୁବକ ଏହି ଆକ୍ରମଣ କରିଥିବା ଟିକନଙ୍କ ମା' ସୂଚନା ଦେଇଛନ୍ତି। ଗୁରୁତର ଟିକନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ଘଟଣାର ଅନୁଧାନ କରାଯିବ ବୋଲି ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୮୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୧।୧: ଅନୁଗୋଳ ଜିଲାରୁ ମଙ୍ଗଳବାର ୮୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୬୭୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୧୬, ଅନୁଗୋଳ ପୌରାଞ୍ଚଳରୁ ୧୬, ବଣ୍ଠଁରପାଳରୁ ୧୪, ଛେଣ୍ଡିପଦାରୁ ୧୧, ତାଳଚେର ପୌରାଞ୍ଚଳରୁ ୧୦, କଣିହାଁ ବ୍ଲକ ଅଞ୍ଚଳରୁ ୯ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ୭ ଜଣ ରହିଛନ୍ତି। ସେହିପରି ଜିଲାରେ ଦିନକରେ ୧୫ରୁ ୧୮ ବର୍ଷର ୨୪୨୬ ଜଣ କିଶୋରକିଶୋରୀଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିବା ବେଳେ ୮୩୩ ଜଣଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି।

### ଗଞ୍ଜେଇ ଜବତ, ୨ ଗିରଫ

ଖମାର,୧୧।୧(ଡି.ଏନ.ଏ.): ପାଲଲହଡ଼ା ବ୍ଲକ ଖମାର ପୋଲିସ ମଙ୍ଗଳବାର ୨୦୨ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏକ ଟେମ୍ପୋ ଭିତରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ଖାଡ଼ାଗ୍ରାମ ଅଞ୍ଚଳର ଅନାଲ ଶା' ଓ ଫୁଲଚାନ୍ଦ ପରିଡ଼ା।

### ୧୩୪ ଗ୍ରାମ୍ ବ୍ରାଉନସୁଗାର ଜବତ

ଅନୁଗୋଳ ଅଫିସ,୧୧।୧: ଅନୁଗୋଳ ଜିଲା କଲିଯାରୀ ପୋଲିସ ପକ୍ଷରୁ ରବିବାର ରାତିରେ ଚୋରା ଛକରେ ନାକାବନ୍ଦୀ ଚାଲିଥିବାବେଳେ ୯.୧୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ବେଳେ ବାଘୁଆବୋଲ ଗ୍ରାମର ଗୋପାଳ ବାସ-ପୁଅ ବ୍ରାଉନସୁଗାର କାରବାରରେ ଜଡ଼ିତ ଥିବା ଜଣାପଡ଼ିଥିଲା। ସେମାନଙ୍କୁ ଗିରଫ କରାଯାଇଥିବା ବେଳେ ୧୨୫.୫୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ଏସ୍ଆଇ ବିକାଶ ରଞ୍ଜନ ଗିରି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ତାଳଚେର,୧୧।୧(ନି.ପ୍ର.): ତାଳଚେର ବସ୍ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ଘର ପରଜଙ୍ଗ ଥାନା ବହାରିଆପୁର ବୋଲି କୁହାଯାଉଛି। ଖବରପାଇ ତାଳଚେର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମଣ୍ଡାପାଳ ଡାକ୍ତରଖାନାକୁ ପଠାଇ ଦେଇଛି। କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି।

# ଡକାୟତ ଗ୍ୟାଙ୍ଗର ୭ ଗିରଫ

ଅନୁଗୋଳ ଅଫିସ/ ଛେଣ୍ଡିପଦା,୧୧।୧



■ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍‌ର ସଫଳତା

■ ବନ୍ଧୁକ, ଗୁଳି ଓ ୩୧ ହଜାର ଟଙ୍କା ଜବତ

ଅନୁଗୋଳ ଜିଲାକୁ ଡକାୟତି ପାଇଁ ଆସୁଥିବା ଏକ ଗ୍ୟାଙ୍ଗର ୭ ଜଣଙ୍କୁ ଅନୁଗୋଳ ସ୍ପେଶାଲ୍ ସ୍କ୍ୱାଡ୍ ସୋମବାର ବିଳମ୍ବିତ ରାତିରେ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ ୩୧ ହଜାରରୁ ଅଧିକ ଟଙ୍କା ଜବତ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ଡକାୟତ ଦଳ ଦୁଇଟି ଗାଡ଼ିରେ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ ଯାଉଥିବା ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ନିଶା ଶିଳ୍ପାଞ୍ଚଳ ଥାନା ସହଯୋଗରେ ରାସ୍ତା ଅବରୋଧ କରି ଜଗି ରହିଥିଲା। ଡକାୟତଙ୍କ ଗାଡ଼ି ସେଠାରେ ପହଞ୍ଚିବା ପରେ ରାସ୍ତା ନ ପାଇ ଡାବା ଆଡକୁ ଚାଲିଯାଇଥିଲା। ତୁରନ୍ତ ପୋଲିସ ଉକ୍ତ ଡାବା ସମ୍ମୁଖରେ ପହଞ୍ଚି ଦୁଇଟି ଗାଡ଼ି (ନଂ. ଓଆର୦୨ବିଏନ-୮୬୨୪ ଓ ଓଡି୦୨ବିଆର-୩୪୬୩) ଓ ୭ ଅଭିଯୁକ୍ତଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ପୋଲିସ ଗାଡ଼ିରୁ ଗୋଟିଏ ବନ୍ଧୁକ, ୪ଟି ଜୀବନ୍ତ ଗୁଳି ଓ ଟଙ୍କା ଜବତ କରିଥିଲା। ନିଶା ଶିଳ୍ପାଞ୍ଚଳରେ ଡକାୟତି ଉଦ୍ଦେଶ୍ୟରେ ସମ୍ପୃକ୍ତ ୭ଜଣ ଆସିଥିବା ତଦନ୍ତରୁ ଜଣାପଡ଼ିବା ପରେ ନଂ. ୪/୨୨ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ମଞ୍ଚେଶ୍ୱର ଥାନା ରୁକୁଟା ଗ୍ରାମର ଦେବାଶିଷ ରାଉତ(୨୬), ଢେଙ୍କାନାଳ ଜିଲା ସଦର ଥାନା ଶିଆରିଆ ଗ୍ରାମର ସୁନୀଲ କୁମାର ରାଉତ(୨୮), କଟକ ଜିଲା ଆଠଗଡ ଥାନା ଲକ୍ଷ୍ମୀନାରାୟଣପୁର ଗ୍ରାମର ଉମେଶ ଚନ୍ଦ୍ର ସାମଲ(୨୭), ସୁବାଶିଷ ସାହାଣୀ(୩୫), ଢେଙ୍କାନାଳ ଜିଲା ରାସୋଳ ଥାନା ବ୍ରହ୍ମପୁର ଗ୍ରାମର ରାଜେଶ ପ୍ରଧାନ(୨୨), କଟକ ଜିଲା ଆଠଗଡ ଥାନା ଉପରସାହିର ଜିତୁରଞ୍ଜନ ବେହେରା(୨୭), ଅନୁଗୋଳ ଜିଲା ଜରପଡା ଥାନା ଜରପଡା ଗ୍ରାମର ସୁଶାନ୍ତ ସାହୁ(୨୬)। ଉକ୍ତ ଗ୍ୟାଙ୍ଗ ବଇଣ୍ଡା ଅଞ୍ଚଳରେ ହୋଇଥିବା ବ୍ୟାଙ୍କରୁ ଚୋରି ଘଟଣାରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ସନ୍ଦେହ କରୁଛି। ଆବଶ୍ୟକ ପଡିଲେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ନିଶା ଶିଳ୍ପାଞ୍ଚଳ ପୋଲିସ ପ୍ରକାଶ କରିଛି।

# ଢେଙ୍କାନାଳରେ ୪ ପର୍ଯ୍ୟାୟରେ ଭୋଟ

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲାରେ ୪ ପର୍ଯ୍ୟାୟରେ ଫେବୃୟାରୀ ୧୬, ୧୮, ୨୦, ୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ହିନ୍ଦୋଳ ଏବଂ ଗଁଦିଆ ବ୍ଲକରେ ୧୬, ସଦର ଏବଂ ଓଡ଼ାପଡ଼ା ବ୍ଲକରେ ୧୮, ପରଜଙ୍ଗ ଏବଂ କାମାକ୍ଷାନଗର ବ୍ଲକରେ ୨୦, କଙ୍କଡ଼ାହାଡ ଏବଂ ଭୁବନ ବ୍ଲକରେ ୨୨ ତାରିଖରେ ମତଦାନ ହେବ।

ହିନ୍ଦୋଳ ବ୍ଲକର ୪ ଜିଲା ପରିଷଦ, ୩୫ ସରପଞ୍ଚ ଏବଂ ସମିତି ସଭ୍ୟ, ୪୬୨ ଓ୍ୱାର୍ଡସଭ୍ୟ ପଦବୀରେ ନିର୍ବାଚନ ହେବାକୁ ଥିବାବେଳେ ୧ଲକ୍ଷ ୩୨ହଜାର ୩୦୪ ଭୋଟର ମତଦାନ ସାବ୍ୟସ୍ତ କରିବେ। ଗଁଦିଆ ବ୍ଲକର ୪ ଜିଲା ପରିଷଦ, ୨୯ ସରପଞ୍ଚ ଓ ସମିତି ସଭ୍ୟ ଏବଂ ୪୨୬ ଓ୍ୱାର୍ଡସଭ୍ୟ ପଦବୀ ପାଇଁ ଭୋଟ ହେବ। ୧ଲକ୍ଷ ୨୧ହଜାର ୮୫୬ ଭୋଟର ସେମାନଙ୍କ ମନପସନ୍ଦର ପ୍ରତିନିଧି ବାଛିବେ। ସେହିପରି ଓଡ଼ାପଡ଼ା ବ୍ଲକର ୩ ଜିଲା ପରିଷଦ, ୨୮ ସରପଞ୍ଚ ଓ ସମିତି ସଭ୍ୟ, ୪୧୯ ଓ୍ୱାର୍ଡମେମ୍ବର ପଦବୀରେ ନିର୍ବାଚନ ହେବ। ବ୍ଲକରେ ୧ଲକ୍ଷ ୧୦ହଜାର ୩୨୦ ଭୋଟର ରହିଛନ୍ତି। ସଦର ବ୍ଲକରେ ୪ ଜିଲା ପରିଷଦ, ୩୦ ସରପଞ୍ଚ ଓ ସମିତି ସଭ୍ୟ, ୩୮୯ ଓ୍ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ ହେବ। ବ୍ଲକର ମତଦାତା ସଂଖ୍ୟା ୧ଲକ୍ଷ ୧୮ହଜାର ୨୬୯।

ପରଜଙ୍ଗ ବ୍ଲକରେ ୩ ଜିଲା ପରିଷଦ, ୨୯ ସରପଞ୍ଚ ଓ ସମିତି ସଭ୍ୟ, ୩୭୧ ଓ୍ୱାର୍ଡମେମ୍ବର ପଦବୀରେ ୧ଲକ୍ଷ ୭ହଜାର ୬୧୭ ଭୋଟର ମତଦାନ ସାବ୍ୟସ୍ତ କରିବେ। କାମାକ୍ଷାନଗର ବ୍ଲକର ୩ ଜିଲା ପରିଷଦ, ୨୨ ସରପଞ୍ଚ ଓ ସମିତି ସଭ୍ୟ, ୨୭୬ ଓ୍ୱାର୍ଡମେମ୍ବରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୧,୩୪୪ ଭୋଟର। କଙ୍କଡ଼ାହାଡ ବ୍ଲକର ୩ ଜିଲା ପରିଷଦ, ୨୧ ସରପଞ୍ଚ ଓ ସମିତି ସଭ୍ୟ, ୨୭୬ ଓ୍ୱାର୍ଡମେମ୍ବର ପଦବୀରେ ଭୋଟ ହେବାକୁ ଥିବାବେଳେ ୮୩,୨୦୦ ଭୋଟର ରହିଛନ୍ତି। ସେହିପରି ଭୁବନ ବ୍ଲକରେ ୩ ଜିଲା ପରିଷଦ, ୧୮ ସରପଞ୍ଚ ଓ ସମିତି ସଭ୍ୟ, ୨୫୮ ଓ୍ୱାର୍ଡସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବ୍ଲକରେ ୮୨,୭୪୭ ଭୋଟର ସେମାନଙ୍କ ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିବେ।

ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡମେମ୍ବର ଆଶାୟୀ ପ୍ରାର୍ଥୀ ଜାନୁୟାରୀ ୧୭ରୁ ୨୧ ଯାଏ ନାମାଙ୍କନ ଦାଖଲ କରିପାରିବେ। ଏଥିଲାଗି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ୨୨ରେ ଯାଞ୍ଚ ପରେ ୨୩ରେ ପ୍ରାର୍ଥୀପତ୍ର ତାଲିକା ପ୍ରକାଶିତ ହେବ। ୨୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ କରାଯାଇଥିବାବେଳେସେହିଦିନ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ। ସେହିପରି ଜିଲା ପରିଷଦ ପାଇଁ ଜାନୁୟାରୀ ୧୭ରୁ ୨୧ ଯାଏ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ ହେବ। ୨୨ରେ ଯାଞ୍ଚ, ୨୩ରେ ତାଲିକା ପ୍ରକାଶ, ୨୫ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଅପରାହ୍ନ ୩ଟା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ନିର୍ଦ୍ଧାରିତ ଦିବସରେ ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ଭୋଟଗ୍ରହଣ ହେବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ଗୃହ ନିର୍ମାଣ ବନ୍ଦ ନିର୍ଦ୍ଦେଶ

ବଇଣ୍ଡା,୧୧।୧(ଡି.ଏନ.ଏ.)



ଆସିଥିବା ଟିମ୍ ନିର୍ମାଣ କାର୍ଯ୍ୟ ଯାଞ୍ଚ କରୁଛି।

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଠାରେ ନିର୍ମାଣାଧୀନ ୯ଟି ନୂତନ ଶ୍ରେଣୀଗୃହ କାର୍ଯ୍ୟ ନିମ୍ନମାନର ହେଉଥିବା ସୋମବାର ଅନୁଗୋଳ ଜିଲାପାଳଙ୍କ ଠାରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ମଙ୍ଗଳବାର ଉକ୍ତ କାର୍ଯ୍ୟ ଯାଞ୍ଚ ପାଇଁ ବିଭାଗୀୟ ବରିଷ୍ଠ ବୈଷୟିକ ପରାମର୍ଶଦାତା ଦେବାଶିଷ ପାଣି, ବ୍ଲକ ସର୍ବଶିକ୍ଷା ଅଭିଯାନ କନିଷ୍ଠଯନ୍ତ୍ରୀ ସୁଧାକର ପ୍ରଧାନ ପହଞ୍ଚି ପରିଚାଳନା କମିଟି ସଦସ୍ୟ ଜିତେନ୍ଦ୍ର ବେହେରା, ଅରବିନ୍ଦ ସାହୁ, ରମାକାନ୍ତ ବେହେରା, ଅବନୀ ଦେହୁରୀ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚତମ୍ବାଙ୍କ ଉପସ୍ଥିତରେ କାମ ଯାଞ୍ଚ କରି ବନ୍ଦ କରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ କନିଷ୍ଠଯନ୍ତ୍ରୀ ସୁଧାକର ପ୍ରଧାନ କହିଛନ୍ତି, ଉକ୍ତ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ତଦନ୍ତ କରାଯାଇ କାମ ବନ୍ଦ କରାଯାଇଛି। ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ।

# ଜୋର୍‌ଧରିଲା ପଞ୍ଚାୟତ ରାଜନୀତି

ଅନୁଗୋଳ ଅଫିସ,୧୧।୧

ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଅନୁଗୋଳ ଜିଲାରେ ରାଜନୀତି ଜୋର୍ ଧରିଛି। ଅନୁଗୋଳ ବ୍ଲକର ୩୪ ଓ ବଣ୍ଠଁରପାଳ ବ୍ଲକର ୩୫ ପଞ୍ଚାୟତ ସହ ୮ଟି ଜିଲା ପରିଷଦ ପଦବୀ ପାଇଁ ଫେବୃୟାରୀ ୧୬ ତାରିଖରେ ଭୋଟ ଗ୍ରହଣ ହେବ। ସେହିପରି ଛେଣ୍ଡିପଦା ବ୍ଲକର ୩୪ ଓ କଣିହାଁ ବ୍ଲକର ୨୭ ପଞ୍ଚାୟତ ସହ ୭ ଜିଲା ପରିଷଦ ଆସନ ପାଇଁ ଫେବୃୟାରୀ ୧୮, ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ଓ ପାଲଲହଡାର ୨୭ ପଞ୍ଚାୟତ ସହ ୬ଟି ଜିଲା ପରିଷଦ ଆସନ ପାଇଁ ଫେବୃୟାରୀ ୨୦ରେ ଭୋଟ୍ ନିଆଯିବ। କିଶୋରନଗର ବ୍ଲକର ୨୩ ଓ ତାଳଚେର ବ୍ଲକର ୨୧ ପଞ୍ଚାୟତ ସମେତ ୭ ଜିଲା ପରିଷଦ ଆସନ ପାଇଁ ଫେବୃୟାରୀ ୨୨ରେ ନିର୍ବାଚନ ହେବ। ସଭା ଓ ଶୋଭାଯାତ୍ରାକୁ ଅନୁମତି ନ ଥିବାବେଳେ ୫ ଜଣଙ୍କୁ ନେଇ ପ୍ରାର୍ଥୀ କ୍ୟାମ୍ପେନିଂ କରିବେ। ବିଜୟ ଉତ୍ସବ ମଧ ପାଳନ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି।

# ଆଠମଲ୍ଲିକରେ ଝଡ଼ତୋଫାନ

ଆଠମଲ୍ଲିକ,୧୧।୧(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ମଙ୍ଗଳବାର ଅଦିନିଆ ବର୍ଷା ସହ ପ୍ରବଳ ପବନ ଓ କୁଆପଥର ମାଡ଼ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଝଡ଼ତୋଫାନ ଯୋଗୁ ବଇଣ୍ଡା-ଆଠମଲ୍ଲିକ-କିଆକଟା ୬୨ ନମ୍ବର ରାଜ୍ୟ ରାଜପଥର ଯଦୁପୁରଠାରେ ଗଛ ଓ ଇଲେକ୍ଟ୍ରି ଖୁଣ୍ଟ ଭାଙ୍ଗିପଡ଼ିବାରୁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ପ୍ରଶାସନ ପକ୍ଷରୁ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ରାସ୍ତା ଅବରୋଧ ହଟାଯିବା କାର୍ଯ୍ୟ ଜାରି ରହିଛି। ଶୈବପୀଠ ଦେଉଳଝରି ପରିସରରେ ଥିବା ଅନେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାବେଳେ ଗଛଗୁଡିକ ଉପୁଡି ମନ୍ଦିର ସମ୍ମୁଖ କଂକ୍ରିଟ ରାସ୍ତା ଅବରୋଧ ହୋଇଛି। ଉପଜିଲାପାଳ ଲଳିତ ମୋହନ ବେହେରା ତୁରନ୍ତ ରାସ୍ତାରୁ ଗଛ ଓ ଇଲେକ୍ଟ୍ରି ଖୁଣ୍ଟ ହଟାଇବାକୁ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସେହିପରି ପ୍ରବଳ କୁଆପଥର ମାଡ଼ ଯୋଗୁ ବହୁ ଆଜବେଷ୍ଟସ୍ ଘର କ୍ଷତିଗ୍ରସ୍ତ ହୋଇଛି। ପରିବା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଦୁଇଦିନରେ ୭୮ ଆକ୍ରାନ୍ତ ଚିହ୍ନଟ

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲାରେ କରୋନା ଗ୍ରାଫ୍ ଉପରମୁହାଁ ହୋଇଛି। ଗତ ସୋମବାର ୨୩ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମଙ୍ଗଳବାର ଦିନକରେ ୫୫ ପଜିଟିଭ୍ ବାହାରିଛନ୍ତି। ନୂଆ ମାମଲା ମଧ୍ୟରୁ କେବଳ ଓଡ଼ାପଡ଼ା ବ୍ଲକରୁ ୪୩ ଜଣ ଅଛନ୍ତି। ସେହିପରି ପରଜଙ୍ଗରୁ ୬, ଢେଙ୍କାନାଳ ପୌରାଞ୍ଚଳରୁ ୧, କାମାକ୍ଷାନଗରରୁ ୧, ଏନ୍ଏସିରୁ ୧, ହିନ୍ଦୋଳରୁ ୧, ଗଁଦିଆରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ଅଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୦,୧୫୬ରେ ପହଞ୍ଚିଛି। ସେହିପରି ୨ ରୋଗୀ ସୁସ୍ଥ ହୋଇଛନ୍ତି। ସୁସ୍ଥଙ୍କ ତୁଳନାରେ ଅଧିକ ଆକ୍ରାନ୍ତ ବାହାରୁଥିବାରୁ ସକ୍ରିୟ ମାମଲା ୩ ଅଙ୍କ ଛୁଇଁ ୧୦୫ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିବ କଣ୍ଟ୍ରୋଲ ରୁମ

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପ୍ରଶାସନର ଚିନ୍ତା ବଢ଼ାଇଥିବାବେଳେ ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନାର ସମୀକ୍ଷା କରିଛନ୍ତି। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରାଯାଇ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କୁ ସହାୟତା ଯୋଗାଇ ଦେବାକୁ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ କଣ୍ଟ୍ରୋଲ୍ ରୁମ୍ ଖୋଲିବ। କୋଭିଡ୍ ପ୍ରେଟୋକଲ୍ କଡ଼ାକଡ଼ି କରିବା ଏବଂ ଅଧିକ ଗହଳି ଆଶଙ୍କା ଥିବା ସ୍ଥାନରେ ୧୪୪ ଧାରା ଜାରି କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଏସ୍‌ପି ଏଲ୍. ଦିବ୍ୟା ଭି, ସିଡିଏମ୍ଓ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ସଦର ଥାନା ନର୍ମିଚିରା ଗ୍ରାମ ମଣ୍ଡପରେ ଗତ ଶନିବାର ସନ୍ଧ୍ୟାରେ କଙ୍କଡ଼ାହାଡ ପଞ୍ଚାୟତ ୪ନଂ. ଓ୍ୱାର୍ଡର ଓ୍ୱାର୍ଡସଭ୍ୟା ଲିଲି ବେହେରାଙ୍କ ସ୍ୱାମୀ ବିଜୟ ବେହେରା ଓରଫ୍ ବିଜୁ (୪୭)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ତଥା ସେହି ଗ୍ରାମର ସୁରେଶ ବେହେରା ଓରଫ୍ ସୁରିଆ (୩୯)ଙ୍କୁ ମଙ୍ଗଳବାର ପୋଲିସ ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଞ୍ଚଳରୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୨୨/୨୨, ଦଫା ୩୦୨ ଓ ୩୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିରି ମୁଗ, ମାଛଚାଷକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବଂ ବ୍ୟକ୍ତିଗତ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଛି।

# ହାତୀ ଆକ୍ରମଣରେ ଚାଷୀ ଗୁରୁତର

ପରଜଙ୍ଗ, ୧୧।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଜହ୍ନପଡ଼ା ଗ୍ରାମର ଚାଷୀ ଉଦୟ ନାୟକ ମଙ୍ଗଳବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ବିଲକୁ ନଡ଼ା ବାନ୍ଧିବାକୁ ଯିବା ସମୟରେ ଏକ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗି ଦେଇଥିଲା। ଉଦୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜହ୍ନାପଡ଼ା ଗ୍ରାମ ନିକଟରେ ଉକ୍ତ ଦନ୍ତା କିଛିଦିନ ହେଲା ଆତଙ୍କ ସୃଷ୍ଟି କରିଛି। ହାତୀ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।


**APPOINTMENT**

Required for a Appliance Chain Store Manager, System Manager, Sales Manager, Sales Executive, HR, Accountant, Office Boy.

**Contact: 7008485542**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (BPCL) ଶ୍ରୀମତୀ କଲ୍ୟାଣୀ ବେହେରା, ସ୍ୱାମୀ: ଅରକ୍ଷିତ ବେହେରା, ଘର: ତଳବଜାର, ଚୌଦ୍ୱାର, କଟକ, ଓଡ଼ିଶା - ୭୫୪୦୨୫ ଓ ଶ୍ରୀ ଧର୍ମାନନ୍ଦ ବେହେରା, ପିତା: ବିକଳ ବେହେରା, ଘର: ତଳବଜାର, ଚୌଦ୍ୱାର, କଟକ, ଓଡ଼ିଶା - ୭୫୪୦୨୫ଙ୍କ ମାଲିକାନାରେ ଥିବା ଖାତା ନଂ. ୮୫୯/୨୦୧୧, ପ୍ଲଟ ନଂ. ୨୩୯୧/୪୭୮୯, ମୌଜା: କପାଳେଶ୍ୱର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା ଅନ୍ତର୍ଭୁକ୍ତ ମୋଟ ରକବା ୪୪୫.୧୭ ବର୍ଗମିଟର/୦.୧୧ ଏକର ଜମିକୁ ଲିଜ୍‌ରେ ନେବାକୁ ଚାହୁଁଅଛି। ଉକ୍ତ ଜମି ବିଷୟରେ ସବିଶେଷ ବିବରଣୀ ନିମ୍ନଲିଖିତ ''ସୂଚିତ ସମ୍ପତ୍ତି'' ଅଧୀନରେ ଦିଆଯାଇଛି।

ଅଗ୍ରଲିଖିତ ଜମି ମାଲିକଙ୍କ ବ୍ୟତୀତ ଜମି ଉପରେ ଆଇନଗତ କ୍ରୟ/ ହସ୍ତାନ୍ତରୀକରଣ/ ବିନିମୟ/ ଭାରପ୍ରାପ୍ତି/ ଦାବି/ ପ୍ରଜାସ୍ୱତ୍ୱ/ ଉପପ୍ରଜାସ୍ୱତ୍ୱ/ ବ୍ୟବହାରଚୁକ୍ତି/ ଅନୁଜ୍ଞା/ ବନ୍ଧକ/ ଉତ୍ତରାଧିକାର/ ବିଭାଜନ/ ଅଂଶୀଦାର/ ଉପହାର/ ଦାନ/ ଇଚ୍ଛାପତ୍ର/ ଦଖଲ/ ରକ୍ଷଣାବେକ୍ଷଣ/ ଭୋଗାଧିକାର/ ତତ୍ତ୍ୱାବଧାନ/ ଚୁକ୍ତିବଦ୍ଧତା/ ମାଲିକାନା/ ଉନ୍ନୟନମୂଳକ ଅଧିକାର ବା ଅନ୍ୟ କୌଣସି ବଳରେ ଅଧିକାର/ଦାବି/ସ୍ୱତ୍ୱ/ସ୍ୱାର୍ଥ ଥିବା ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥା (ବ୍ୟାଙ୍କ/ସାମାଜିକ ସଂଗଠନ/ଆର୍ଥିକ ଅନୁଷ୍ଠାନ ସମେତ) ଯଦି ମାଲିକାନା/ଅଧିକାର ଦାବି କରୁଥାନ୍ତି ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଆବଶ୍ୟକୀୟ ଦସ୍ତାବିଜ ଓ ପ୍ରମାଣପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ନିଜର ଲିଖିତ ଆପତ୍ତି ଦାଖଲ କରିପାରିବେ। ପ୍ରଦତ୍ତ ସମୟସୀମା ମଧ୍ୟରେ ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ସୂଚିତ ସମ୍ପତ୍ତି ଉପରେ ନିଜର ଅଧିକାର ଦାବି କରି ଆପତ୍ତି ଦାଖଲ ନ କରନ୍ତି ତେବେ ଅଗ୍ରଲିଖିତ ଜମି ମାଲିକଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାଙ୍କର ଉକ୍ତ ଜମିରେ କୌଣସି ଅଧିକାର ନାହିଁ ବୋଲି ଗ୍ରହଣ କରାଯିବ ଏବଂ BPCL ଉକ୍ତ ଜମିକୁ ବିନାବାଧାରେ ଲିଜ୍‌ରେ ନେଇପାରିବ।

**ସୂଚିତ ସମ୍ପତ୍ତିର ତଫସିଲ**

ଖାତା ନଂ. ୮୫୯/୨୦୧୧, ପ୍ଲଟ ନଂ. ୨୩୯୧/୪୭୯୮, ମୌଜା: କପାଳେଶ୍ୱର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶା ଅନ୍ତର୍ଭୁକ୍ତ ସମ୍ପୂର୍ଣ୍ଣ ରକବା ୪୪୫.୧୭ ବର୍ଗମିଟର/୦.୧୧ ଏକର ଜମି।

**ଟେରିଟୋରୀ ମ୍ୟାନେଜର (ରିଟେଲ)**
ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ଭୁବନେଶ୍ୱର
ଦ୍ୱିତୀୟ ମହଲା, ଆଲୋକ ଭାରତୀ ଭବନ,
ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭,
ଓଡ଼ିଶା, ତାରିଖ: ୧୨।୦୧।୨୦୨୨

See Career Appointment on every **Wednesday & Saturday**

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ, ମୁମ୍ବାଇ**
www.rbi.org.in
ବିଜ୍ଞାପନ ସଂଖ୍ୟା ୧/୨୦୨୧-୨୦୨୨
ସ୍ୱାଧୀନତାର ଅମୃତ ମହୋତ୍ସବ

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| | ପ୍ୟାନେଲ ବର୍ଷ ୨୦୨୧ | |
| ୧ | ଆଇନ ଅଧିକାରୀ ଗ୍ରେଡ୍ 'ବି' | ୦୨ |
| ୨ | ପ୍ରବନ୍ଧକ (ବୈଷୟିକ - ସିଭିଲ) | ୦୬ |
| ୩ | ପ୍ରବନ୍ଧକ (ବୈଷୟିକ - ଇଲେକ୍ଟ୍ରିକାଲ) | ୦୩ |
| ୪ | ଲାଇବ୍ରେରୀ ପ୍ରଫେସନାଲ (ସହାୟକ ଲାଇବ୍ରେରିୟାନ) ଗ୍ରେଡ୍ 'ଏ' | ୦୧ |
| ୫ | ଆର୍କିଟେକ୍ଟ ଗ୍ରେଡ୍ 'ଏ' | ୦୧ |
| ୬ | କ୍ୟୁରେଟର (ପୂର୍ଣ୍ଣ ସମୟ - ଚୁକ୍ତି ଭିତ୍ତିରେ) | ୦୧ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଜାନୁୟାରୀ ୧୫, ୨୦୨୨ ଓ ଏମ୍ପ୍ଲୟମେଣ୍ଟ ନିଉଜ୍/ରୋଜଗାର ସମାଚାରର ଜାନୁୟାରୀ ୧୫, ୨୦୨୨ / ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ - ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ ସୂଚନା ଦେୟ ପ୍ରଦାନ ନିମନ୍ତେ | ଜାନୁୟାରୀ ୧୫, ୨୦୨୨ରୁ ଫେବୃୟାରୀ ୦୪, ୨୦୨୨ (ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) |
| ଅନଲାଇନ (online) / ଲିଖିତ ପରୀକ୍ଷା (Written Examination) | ମାର୍ଚ୍ଚ ୦୬, ୨୦୨୨ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ। (ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଜାଗରଣ, ଦୈନିକ ଭାସ୍କର, ରାଜସ୍ଥାନ ପତ୍ରିକା ଓ ନବଭାରତ ଟାଇମସ୍‌ରେ ଉପଲବ୍ଧ ହେବ)

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**Corrigendum to Notice Inviting Tender (NIT)**

Tender Notice No. TPWODL/MK/O/SITC/ 089 Date: 03.01.2022

**Supply, Erection & Commissioning of Tower & Conductor with OPGW (24 Pair) & Associated Civil Work for River Crossing Section of O/H at TPWODL.**

The time period is hereby extended for Submission of Tender Participation Fee and Authorization Letter through e-mail till **20th January 2022, 1500Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd /- **Chief-Contracts and Stores**

**COLLECTORATE, KORAPUT**
**(ST & SC Development Section)**
Notice No. 98/SSD Dtd.10.01.2022

**Recruitment for the Post of Contractual e-Tribal Language Teachers in ST & SC Development Department Schools of Koraput District**

Applications are invited from intending eligible candidates for recruitment against 2 vacancies of initial Contractual Tribal Language Teachers in ST & SC Development Department Schools of Koraput District. The selection for the recruitment will be made through written test.
The date and venue of such test shall be communicated after it is decided by competent authority. Detailed advertisement is available in the Koraput District website **www.koraput.nic.in**.

By Order of Collector
**Sd./- District Welfare Officer, Koraput**

**INVITATION FOR BIDS (IFB)**
**PANCHAYAT SAMITI, CHANDRAPUR, DIST.- RAYAGADA**
**TENDER CALL NOTICE NO. CHANDRAPUR 03/2021-22**

The Block Development Officer, Chandrapur, District Rayagada on behalf of Governor of Odisha invites percentage rate bids for the construction of works as detailed below in the table from ELIGIBILE contractors registered with the State Govt. and contractors of equivalent Grade/ Class registered with Central Govt. for execution of Civil works on production of definite proof from the appropriate authority. Agreement is to be drawn in P1 form. The bidders may submit bids for the following works.

| Sl. No. | Name of the Work | Value of works in (Rs.) | Bid Security EMD 1% (in Rs.) | Cost of tender Paper (in Rs.) | Period of Completion | Class of Contractors |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Chandrapur High School Building | 70,21,591 | | 10,000 | 06 (Six) Calendar Months | "B" & "A" |

1. The sale and receipt of the Bid documents shall starts from Dt.12.01.2022 and close on Dt.21.01.2022 upto 1.00 P.M. during office hours (Except Sunday and Holiday) on payment of cost of bid documents in shape of Demand Draft (non-refundable) issued from any Nationalized Bank drawn in favour of the Block Development Officer, Chandrapur payable at Chandrapur.
2. The bid received will be opened on 21.01.2022 at 02.00 P.M. in the office of the Block Development Officer, Chandrapur in the presence of bidders or their authorized agents wish to attend. If the office happens to be closed on the date or receipt/opening of the bids as specified, the bids will be received/opened on the next working day at the same time & venue.
3. Other details can be had in the bid documents.
4. The authority reserves the right to reject any or all the bids without assigning any reason thereof.

**Block Development Officer, Chandrapur**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି''** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୫.୦୧.୨୦୨୨ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୨୯.୦୧.୨୦୨୨ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା୩୧.୦୧.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀ ବିଷ୍ଣୁ ଚରଣ ପରିଡ଼ା, ପିତା: ସ୍ୱ ବିଦ୍ୟାଧର ପରିଡ଼ା, ୨) ଶ୍ରୀ ବାବାଜି ଚରଣ ପରିଡ଼ା, ପିତା: ସ୍ୱ ବିଦ୍ୟାଧର ପରିଡ଼ା, ଉଭୟଙ୍କ ଠିକଣା ସା: ଶଙ୍କରପୁର, ଡିହ ସାହି, ପୋ.: ଅରୁଣୋଦୟ ମାର୍କେଟ, ଜିଲ୍ଲା: କଟକ - ୭୫୩୦୧୨/ **ଗ୍ୟାରେଣ୍ଟିଦାତା: ଶ୍ରୀ ଅମରେନ୍ଦ୍ର ସାମଲ**, ପିତା: ଶ୍ରୀ ଚିତ୍ତରଞ୍ଜନ ସାମଲ, ସା: ସୁତାହାଟ, ପୋ.: ବକ୍ସି ବଜାର, ଜିଲ୍ଲା: କଟକ - ୭୫୩୦୦୧ ଆକାଉଣ୍ଟ ନଂ.: ୩୦୦୦୩୧୧୪୦୮୧ | ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ବାବାଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୯/ ୩୨୦୭, ଖାତା ନଂ.: ୧୨୦୫/୭୫, କ୍ଷେତ୍ର: ଏକର୦.୦୭୦ ଡିସିମିଲି, ୟୁନିଟ୍ ନଂ.: ୩୩, ବିସିନାବର, ମୌଜା: କଟକ ସହର (ବିସିନାବର), କଟକ, କିସମ: ଘରବାରୀ | ଟ.୫୫,୧୦,୦୦୦/- / ଟ.୫,୫୧,୦୦୦/- / ଟ.୫୦,୦୦୦/- | ତା୧୦.୦୧.୨୦୨୨ରିଖ ସୁଦ୍ଧା ଟ.୨୭,୩୮,୫୩୬/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୭.୦୬.୨୦୧୪ |

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଚନ୍ଦନ କୁମାର ମହଲା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ ଶେଖ୍ ମସିଉଲ୍ଲା (ସିଟି କେସ୍ ଅଫିସର), ମୋ.: ୯୯୩୮୭୭୮୯୪୯

ତାରିଖ : ୧୧.୦୧.୨୦୨୨, ସ୍ଥାନ : କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**PANCHAYAT SAMITI, MALKANGIRI**
Letter No.140/2022 Dated 10.01.2022

**TENDER CALL NOTICE - 6/21-22**

Sealed tenders are invited by the undersigned from the intending DIC/EPM Registered firm and authorized dealer for supply of Dual Desk & Bench for 9 Nos. of 5T High Schools of Malkangiri Block. The tenders from intending bidders will be received at Block Office, Malkangiri through Registered Post or Speed Post only. The tender paper completed in all respect along with all relevant enclosures in Technical Bid & Financial Bid to be contained and sealed separately in a big size envelope which should be superscribed as "TENDER PAPER FOR SUPPLY OF DUAL DESK & BENCH FOR 9 NOS. OF 5T HIGH SCHOOLS OF MALKANGIRI BLOCK" in capital letters which should be received at Block Development Office, Malkangiri on or before 21.01.2022 upto 5.00 P.M. The tender paper with terms and conditions may be collected from the Office of the Block Development Officer, Malkangiri during office hour of any working day from dtd.10.01.2022 to 20.01.2022 upto 5.00 P.M. The tender paper may also be downloaded from the District Website www.malkangiri.nic.in. The tender paper received after 5.00 P.M. of 21.01.2022 shall not be entertained. The undersigned reserves the right to accept or cancel any or all tenders without assigning any reason thereof. The details of items with specifications and terms & conditions of the tender is also available in the district website www.malkangiri.nic.in.
N.B.: All should go through the terms and conditions of tender call notice and detail tender call notice before submission of tender papers.

**Sd./- Block Development Officer Malkangiri**

ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିପାରିବ। -ଶ୍ରୀମା



# ସମସ୍ତଙ୍କ ପାଇଁ ଫାଷ୍ଟଫୁଡ୍

ଆଧୁନିକ ମଣିଷ ତା'ର ସ୍ୱାସ୍ଥ୍ୟ ସମ୍ପର୍କରେ ବହୁଦିନ ଧରି ସଚେତନ ହୋଇଆସିଛି। ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ପ୍ରାରମ୍ଭରେ କରୋନା ଭୂତାଣୁ ସମଗ୍ର ପୃଥିବୀକୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଧିକ ଚିନ୍ତିତ ଓ ସଚେତନ କରାଇଛି ବୋଲି କହିହେବ। ପିଲାଙ୍କଠାରୁ ଆରମ୍ଭକରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ଭାବୁଥିବା ବେଳେ ଆଜିର ପୃଥିବୀ ସ୍ୱାସ୍ଥ୍ୟକୁ କେବଳ ବ୍ୟକ୍ତିଗତ ଚିନ୍ତାର ବିଷୟ କରି ଛାଡ଼ିନାହିଁ। ବିଶ୍ୱର ଅନେକ ଅର୍ଥନୀତିଜ୍ଞ ଜଗତୀକରଣ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଆସୁଥିଲେ। ସେମାନେ କହୁଥିଲେ ଉତ୍ପାଦନ, ବଣ୍ଟନ ଓ ବିକ୍ରିକୁ ରାଜନୈତିକ ସୀମାର କର୍ତ୍ତୃତ୍ୱ ମଧ୍ୟରେ ଆବଦ୍ଧ କରି ରଖିବା ଉଚିତ ନୁହେଁ। ସେଥିପାଇଁ ସମଗ୍ର ପୃଥିବୀକୁ ବଜାର ଭାବେ ଦେଖିବା ଦରକାର ବୋଲି ଜଗତୀକରଣର ପଣ୍ଡିତମାନେ କହିଆସୁଥିଲେ। ଏହି ପ୍ରଚ୍ଛଦପଟରେ ଆବିର୍ଭାବ ହେଲା କରୋନା ଭୂତାଣୁ। ସବୁ ଅର୍ଥନୀତି, ପୃଥିବୀର ପ୍ରତ୍ୟେକ ସରକାର ଏବଂ ବିଶ୍ୱ ସମାଜ ଏହି କ୍ଷୁଦ୍ର ଅଦୃଶ୍ୟ ଭୂତାଣୁ ଦ୍ୱାରା ପ୍ରବଳ ଭାବେ ଆଘାତପ୍ରାପ୍ତ। ଏହି ଭାଇରସ୍ ବାସ୍ତବ ରୂପରେ ଗ୍ଲୋବାଲାଇଜେସନ ବା ଜଗତୀକରଣକୁ ଗୋଟିଏ ମାତ୍ରାରେ କରାଇ ଦେଇଛି।

ଖାଦ୍ୟ କ୍ଷେତ୍ରକୁ ଦେଖିଲେ ଜଗତୀକରଣ ଯୋଗୁ ଏବେ 'ଫାଷ୍ଟ ଫୁଡ୍' ବଜାର ଅଧିକ ବ୍ୟାପକ ହୋଇଯାଇଛି। ଭାରତରେ ଫାଷ୍ଟ ଫୁଡ୍ କହିଲେ ସାଧାରଣତଃ ଦୋସା, ଇଡ୍‌ଲି, ମହନଭୋଗ, ଉପମା କିମ୍ବା ବରା ଆଳୁଦମ୍, ଘୁଗୁନିକୁ ବୁଝାଏ। ଜଗତୀକରଣ ଯୋଗୁ ପିଲାଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଏବେ ବର୍ଗର, ପିଜା ଏବଂ କୋଲା ଖୋଜୁଛନ୍ତି। ଗୋଟିଏ ପଟେ ସ୍ୱାସ୍ଥ୍ୟ ସମ୍ପର୍କରେ ବାଧ୍ୟବାଧକତାରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଅନ୍ୟପଟେ ଅର୍ଥନୈତିକ ଉଦାରୀକରଣ ଯୋଗୁ ଭାରତ ଭଳି ଦେଶରେ ଆବାଳବୃଦ୍ଧବନିତା ସମସ୍ତେ ଏହି ପାଶ୍ଚାତ୍ୟ ଖାଦ୍ୟ ପଛରେ ବାୟା। ମନେରଖିବାକୁ ହେବ ଯେ, ପାଟି ସୁଆଦିଆ ଏହି ଖାଦ୍ୟ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଭାରତୀୟମାନେ ଗୋଟିଏ ଟିପି ଦେଖିଲା ଭଳି ପିଜା କିମ୍ବା ବର୍ଗରକୁ ନିଆଯାଉପାରେ। ନିକଟ ବଜାରରେ ପାଉପାରୁଥିବା ଏହି ଖାଦ୍ୟର ପ୍ରସ୍ତୁତିଶାଳା କାହିଁ କେତେ ଦୂରରେ ହୋଇଥାଏ। ଏସବୁକୁ ବହୁ ଦିନ ପର୍ଯ୍ୟନ୍ତ ସେଇଭଳି ସ୍ଥିତିରେ ରଖିବା ଲାଗି ସେଥିରେ ଏକ ପ୍ରକାର ରାସାୟନିକ ଉପାଦାନ ଦିଆଯାଇଥାଏ, ଯାହାକୁ ପ୍ରିଜରଭେଟିଭ୍ କୁହାଯାଏ। ପରିଶେଷରେ ବା ପଚନଶୀଳ ଖାଦ୍ୟ ଦୀର୍ଘ ଦିନ ସାଇତି ରଖାଯିବା ଦ୍ୱାରା ତାହା ମୌଳିକ ପୋଷକତତ୍ତ୍ୱ ହରାଇବସେ। ଫଳରେ ପାଟିକୁ ତାହା ସୁଆଦିଆ ଲାଗୁଥିଲେ ମଧ୍ୟ ଦେହକୁ ଦୀର୍ଘକାଳୀନ କ୍ଷତି ପହଞ୍ଚାଇଥାଏ। ଏପରି କି ଇମ୍ୟୁନୋ ସିଷ୍ଟମ୍ ବା ରୋଗ ପ୍ରତିରୋଧକ ଶକ୍ତି ଶରୀରର ସୁରକ୍ଷାକବଚ ଭାବେ ଜଣାଶୁଣା ଥିଲେ ହେଁ ଫାଷ୍ଟ ଫୁଡ୍ ଦ୍ୱାରା ତାହା ଗଭୀର ପ୍ରଭାବିତ ହୋଇଥାଏ ବୋଲି ଏବେ ଲଣ୍ଡନର ପ୍ରସିଦ୍ଧ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଜେମ୍ସ ଲି ଏବଂ କାରୋଲା ଭିନ୍‌ସୁଏସା ସ୍ପଷ୍ଟ କରିଛନ୍ତି। ସେମାନଙ୍କ ମତରେ ଫାଷ୍ଟ ଫୁଡ୍ ଖାଇବା ଯୋଗୁ ଇମ୍ୟୁନୋ ସିଷ୍ଟମ ରୋଗ ବିରୋଧରେ ଲଢ଼େଇ କରିବା ପରିବର୍ତ୍ତେ ସୁସ୍ଥ କୋଷିକାକୁ ଆକ୍ରମଣ କରେ ଓ ତାହା ଅଟୋଇମ୍ୟୁନୋ ଡିଜିଜ୍‌ର କାରଣ ପାଲଟେ। ଉଭୟ ବୈଜ୍ଞାନିକଙ୍କ ମତରେ ଫାଷ୍ଟଫୁଡ୍‌ଜନିତ ଏହି ବିପଦ ବିଶ୍ୱରେ ବିଶେଷକରି ଏସିଆ ଏବଂ ମଧ୍ୟପ୍ରାଚ୍ୟରେ ଶୀଘ୍ର ବଢ଼ିଚାଲିଛି। ଅଟୋଇମ୍ୟୁନୋ ଡିଜିଜ୍ ମଧ୍ୟରେ ରହିଛି ଟାଇପ୍-୧ ଡାଇବେଟିସ୍, ବିଭିନ୍ନ ପ୍ରକାର ସ୍କେଲେରୋସିସ୍, ଦୀର୍ଘସ୍ଥାୟୀ ଆଣ୍ଠୁଗଣ୍ଠି ରୋଗ ଓ ପାଚନତନ୍ତ୍ର ସଂକ୍ରମଣ। ଚଳିତ ଦଶନ୍ଧିରେ ଏହିସବୁ ରୋଗର ପ୍ରାଦୁର୍ଭାବ ଦ୍ରୁତ ଗତିରେ ବଢ଼ିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ୪୦ ବର୍ଷ ପୂର୍ବେ ଦେଖାଯାଉଥିବା ଏସବୁ ବ୍ୟାଧି ଏବେ ସାରା ବିଶ୍ୱକୁ କବଳିତ କରି ୩ରୁ ୯ ପ୍ରତିଶତ ବୃଦ୍ଧି ପାଇଛି। ଏପରି କି ଯେଉଁ ଦେଶଗୁଡ଼ିକରେ ଏହା କେବେ ବି ଦେଖାଯାଇ ନ ଥିଲା ସେଠାରେ ଲୋକେ ଭୋଗିବା ଆରମ୍ଭ କଲେଣି।

ଭାରତରେ କମ୍ ବୟସର ପିଲାକୁ ମଧ ଡାଇବେଟିସ୍ ଆକ୍ରାନ୍ତ କରୁଛି। ଫାଷ୍ଟଫୁଡ୍‌ର ସ୍ୱାଦ, ମାର୍କେଟିଂ ରଣନୀତି ଏବଂ ଏହା ସହଜରେ ଉପଲବ୍ଧ ହୋଇପାରୁଥିବାରୁ ଏ ଦେଶର ସବୁ ବର୍ଗକୁ ଛୁଇଁସାରିଲାଣି। ଆମ ପୁଷ୍ଟିକର ପାରମ୍ପରିକ ଖାଦ୍ୟ ମଧ୍ୟରେ ଫାଷ୍ଟଫୁଡ୍ ସଂସ୍କୃତି ସମ୍ପୂର୍ଣ୍ଣ ପଶିଗଲାଣି। ହେଲେ ଏହାର କୁପରିଣାମ ସମ୍ପର୍କରେ ଖୁବ୍ କମ୍ ଲୋକ ସଚେତନ। ଏଣୁ ଏହାକୁ ଖାଇବା ପୂର୍ବରୁ ଅଧିକାଂଶ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପରଖୁ ନାହାନ୍ତି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି , ଫାଷ୍ଟଫୁଡ୍ ଏବେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଖାଦ୍ୟର ଅଭିନ୍ନ ଅଙ୍ଗ ହୋଇଯାଇଛି। ଏହା ଏମାନଙ୍କ ମୋଟାପଣର କାରଣ ହେଉଛି। ବୟସ ବଢ଼ିବା ସହ ସେମାନେ ଅଧିକ ଅଟୋଇମ୍ୟୁନୋ ଡିଜିଜ୍‌ର ଶିକାର ହେଉଛନ୍ତି। ଫାଷ୍ଟଫୁଡ୍ ମାର୍କେଟିଂର ପ୍ରସାର ଉପରେ କଡ଼ା ନିୟନ୍ତ୍ରଣ ନାହିଁ। ଭାରତରେ ଅନେକ ବିଦେଶୀ ଫାଷ୍ଟଫୁଡ୍ ଚେନ୍ ସକ୍ରିୟ ଅଛନ୍ତି। ଏଗୁଡ଼ିକ ଏ ଦେଶର ଲୋକଙ୍କ ପସନ୍ଦୀୟ ଖାଦ୍ୟ ପରଷି ଧୀରେ ଧୀରେ ସେମାନଙ୍କ ବିଜନେସ୍ ବୃଦ୍ଧି କରିବାରେ ଲାଗିଛନ୍ତି। ଏପରି କି ଗ୍ରାମାଞ୍ଚଳର ଛୋଟିଆ ବଜାରରେ ଫାଷ୍ଟ୍‌ଫୁଡ୍ ତାହାର ପସରା ମେଲାଇ ସାରିଲାଣି। ତେବେ ୨୦୧୫ରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଏସ୍‌ଏଆଇ) ସ୍କୁଲ ପରିସରରେ କିମ୍ବା ଏହାର ୫୦ମିଟର ପରିସୀମା ମଧ୍ୟରେ ଅଧିକ ଫ୍ୟାଟ୍, ସୁଗାର ଓ ସଲ୍ଟ ଥିବା ଖାଦ୍ୟକୁ ବିକ୍ରି କିମ୍ବା ବିଜ୍ଞାପନ ଉପରେ ନିଷେଧାଜ୍ଞା ଜାରି କରିଥିଲା। ଏହାସହ କମ୍ପାନୀଗୁଡ଼ିକର ଲୋଗୋ, ଉତ୍ପାଦକୁ ବହି, ପାଠ୍ୟ ଉପକରଣ, ସ୍କୁଲ ବିଲ୍‌ଡିଙ୍ଗ, ବସ୍ ଓ ଖେଳପଡିଆରେ ଲଗାଇବା ଲାଗି ବାରଣ କରାଯାଇଥିଲା। ଏବର ସ୍ଥିତି ଦେଖିଲେ ଫାଷ୍ଟଫୁଡ୍ ଯେଭଳି ଭାବେ ଭାରତୀୟଙ୍କ ଖାଦ୍ୟସାରଣୀରେ ସାମିଲ ହୋଇଗଲାଣି, ତାହାକୁ ରୋକିବା ସମ୍ଭବପର ନୁହେଁ। ବିଶେଷକରି ସହରାଞ୍ଚଳରେ ଅବିବାହିତ ମହିଳା ଓ ପୁରୁଷଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନେ ନିଜ ହାତରେ ରୋଷେଇ କରିବା ସମ୍ଭବ ହେଉନାହିଁ। ଏହିଭଳି ଆହୁରି ଅନେକ କାରଣ ରହିଛି ଯେଉଁଥିପାଇଁ ଫାଷ୍ଟଫୁଡ୍ ଏକ ବାସ୍ତବତା ପାଲଟିଗଲାଣି। ସେଥି ସକାଶେ ସରକାର ଏହାର ନକାରାତ୍ମକ ଦିଗକୁ ସର୍ବନିମ୍ନ ସ୍ତରକୁ ଆଣିବା ଲାଗି ଚେଷ୍ଟା କରିବା ସହିତ ଖାଦ୍ୟର ମାନ ଓ ପୌଷ୍ଟିକତାକୁ ଦୃଷ୍ଟି ଦେବା ଦରକାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 5 | | | | 8 | |
| | 1 | | 2 | | 9 | | | |
| | | 8 | | | 6 | | 7 | |
| | 4 | | 7 | | | | | |
| 1 | | | | | 8 | | 9 | 5 |
| | | 9 | | | | | | |
| | | | | | 3 | 4 | | |
| | | | 6 | | | | | 2 |
| 8 | 2 | | | | | | 5 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରିକି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 1 | 3 | 8 | 2 | 5 | 4 | 9 |
| 2 | 8 | 5 | 1 | 4 | 9 | 6 | 7 | 3 |
| 4 | 9 | 3 | 5 | 7 | 6 | 1 | 8 | 2 |
| 5 | 6 | 9 | 4 | 2 | 3 | 7 | 1 | 8 |
| 8 | 3 | 4 | 6 | 1 | 7 | 9 | 2 | 5 |
| 7 | 1 | 2 | 8 | 9 | 5 | 4 | 3 | 6 |
| 1 | 2 | 7 | 9 | 5 | 8 | 3 | 6 | 4 |
| 9 | 4 | 6 | 2 | 3 | 1 | 8 | 5 | 7 |
| 3 | 5 | 8 | 7 | 6 | 4 | 2 | 9 | 1 |

ଗତକାଲିର ଉତ୍ତର

# ଯୁବଶକ୍ତି ଲେଖୁ ଜୀବନର ଜୟଗୀତି



ଉପେନ୍ଦ୍ର ବିଶ୍ୱାଳ

ଯୁବ ସମାଜର ଚିର ଆଦର୍ଶ ସ୍ୱାମୀ ବିବେକାନନ୍ଦ ସେଦିନ କହିଥିଲେ 'ମୋତେ ଶହେଜଣ ଆଦର୍ଶ ଯୁବକ ଦିଅ, ମୁଁ ଦେଶର ଭାଗ୍ୟ ବଦଳାଇ ଦେବି।' ଯେ କୌଣସି ଦେଶର ଉତ୍ଥାନ ପତନର ସୂତ୍ରଧର ହେଉଛନ୍ତି ଯୁବସମାଜ। ଏମାନେ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ ଗଠନର ମୂଳାଧାର। ବିଶ୍ୱ ଇତିହାସର ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ଯୁବମାନସର ଏମିତି ଅନେକ ଜାଜ୍ୱଲ୍ୟମୟ ଯଶଗାଥାମାନ। ନୂଆକରି ଇଟାଲିର ଇତିହାସ ରଚିଥିଲେ କିଏ ? ଯୁବକ ଗାରିବାଲ୍‌ଡି। ପତନ ମୁଖରୁ ଫ୍ରାନ୍ସକୁ ରକ୍ଷା କରି ତା'ର ବିଜୟବାନା ଉଡ଼ାଇଥିଲେ କିଏ ? ଯୁବକ ନେପୋଲିୟନ। ଗ୍ରୀସ୍‌କୁ ଗରିମାମୟ କରିଥିଲେ, ଶକ୍ତିଶାଳୀ କରିଥିଲେ କିଏ ? ଯୁବକ ଆଲେକ୍‌ଜାଣ୍ଡାର। ସେମିତି ଭାରତର ସ୍ୱାତନ୍ତ୍ର୍ୟ ସଂଗ୍ରାମକୁ ଅଧିକ ଗତିଶୀଳ କରିଥିଲେ, ଭାରତର ତେଜସ୍ୱୀ ତରୁଣଦଳ। ସେମାନଙ୍କ ତ୍ୟାଗ, ତିତିକ୍ଷା, ବଳିଦାନ ହିଁ ଭାରତର ସ୍ୱାଧୀନତାର ପଥକୁ ପ୍ରଶସ୍ତ କରିଥିଲା। ନିଜ ଜୀବନକୁ ବାଜି ଲଗାଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଭାରତର ଅଗଣିତ ତରୁଣଦଳ। ଭାରତର ପ୍ରତିଟି କୋଣ-ଅନୁକୋଣରେ ତୋଳି ଧରିଥିଲେ ବ୍ରିଟିଶ୍ ବିରୋଧୀ ବିପ୍ଳବର ବହ୍ନି। ବିଳାସ-ବ୍ୟସନ-ବିଭବକୁ ବେଖାତିର କରି, ଦୁର୍ଦ୍ଧର୍ଷ ବ୍ରିଟିଶ ଶକ୍ତିକୁ ଶକ୍ତ ମୁକାବିଲା କରୁଥିଲେ ସେମାନେ। ମାତୃଭୂମିର ମୁକ୍ତି ପାଇଁ ହସି ହସି ଫାଶୀଖୁଣ୍ଟରେ ଝୁଲି, ଭାରତୀୟ ତରୁଣଦଳ ରଚି ଯାଇଛନ୍ତି ଏକ ଏକ ଅମ୍ଳାନ କୀର୍ତ୍ତି। ଖୁଦିରାମ, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ମଦନଲାଲ ଧୀଙ୍ଗ୍ରା, ବାଘାଯତୀନ, ଆସଫକ୍ ଉଲ୍ଲା ଖାଁ, ଯତୀନ୍ଦ୍ରନାଥ ଦାସ, ଲକ୍ଷ୍ମୀବାଈ, ବୀଣା ଦାସ, ଦୁର୍ଗାବତୀ, ଜୟୀ ରାଜଗୁରୁ, ସୁଖଦେବ ଆଦି ତରୁଣ ଶହୀଦଙ୍କ ବୟସ ଥିଲା ମାତ୍ର ୧୬ରୁ ୩୫ ବର୍ଷ ମଧ୍ୟରେ। ଯୌବନ ହେଉଛି, ଜୀବନର ବସନ୍ତ। ଅର୍ଥାତ୍ ଯୌବନ ହେଉଛି ତାହା, ଯେଉଁଠି ଥାଏ ସୁନ୍ଦରତା ଆଉ ମଧୁରତା। ଯହିଁ ବିରାଜିତ ବିନମ୍ର ଭାବ ଓ କୋମଳ ସ୍ୱଭାବ। ଯୁବା ହେଉଛି ସିଏ, ଯେ ବଳ-ବୁଦ୍ଧି-ଚରିତ୍ରର ଉପାସକ। ଯୁବା ସିଏ, ଯିଏ ସୁସ୍ଥ ସମାଜଟିଏ ପାଇଁ ସମର୍ପିତ। ଯୁବ ମନ ହେଉଛି ଶିବ ମନ, ଯିଏ ସଦା ସମାଜ ହିତୈଷୀ। ଜଗତର କଲ୍ୟାଣ ନିମନ୍ତେ କେବେ ଗରଳ ପାନ କରିପାରନ୍ତି ତ ଆଉ କେବେ ମୁଣ୍ଡ ବି ପତେଇ ଦେଇଥାନ୍ତି, ଭାରି ବୋଝକୁ (ଗଙ୍ଗାମାତାଙ୍କ ପରି) ଧରି ରଖିବାକୁ। ଆଉ, ପୁଣି କେବେ ତାଣ୍ଡବ ବି ରଚି ପାରନ୍ତି ଦାନବ ସଂହାର ପାଇଁ। ବୟସ ନୁହଁ, ସ୍ୱଭାବ ହିଁ ସ୍ୱୀକୃତି ଦିଏ ଯୁବାର। ବଳ ଅପେକ୍ଷା ଲକ୍ଷଣ ହିଁ ସୂଚାଇ ଥାଏ ଯୁବା ପରିଚୟ। ବଢ଼ି ଚାଲୁଥିବା ପାପାଚାର, ହିଂସା, ଅନୀତି, ଅନାଚାର ବିରୋଧରେ ଲଢ଼ିବା ପାଇଁ ଯିଏ ତତ୍ପର, ସିଏ ହେଉଛି ଅସଲରେ ଯୁବା।

ଅତଏବ ଏହି ଯୁବାକାଳ ହେଉଛି କୀର୍ତ୍ତି ସ୍ଥାପନର, ଇତିହାସ ରଚିବାର। ଜୀବନର ଜୟଗୀତି ଲେଖିବାର ମାଙ୍ଗଳିକ ମୁହୂର୍ତ୍ତ ହେଉଛି ଏଇ ଯୁବାକାଳ। କାରଣ ଏହି ସମୟରେ ଯୁବକର ମନରେ ଥାଏ ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା। ବାହୁରେ ଭରି ରହିଥାଏ ତୋଫାନକୁ ସାମ୍ନା କରିବାର ସାମର୍ଥ୍ୟ। ଦେହରେ ଥାଏ ଅସରନ୍ତି ଉର୍ଜା। ପର୍ବତକୁ ଫଟାଇ, ଗିରିଚୂଡ଼ା ଲଙ୍ଘି ଆଗକୁ ଅଗ୍ରସର ହେବାର, ଶତ୍ରୁ ରକ୍ତରେ ସ୍ନାନ କରି ବିଜୟବାନା ଉଡ଼ାଇବାର ସାମର୍ଥ୍ୟ ବି ଥାଏ ସେତେବେଳେ। ଯୁବାକାଳ ହେଉଛି ସାଧନାର ସମୟ, ତର୍ପଣର ପ୍ରକୃଷ୍ଟ ପହର। ଏହି ସମୟରେ ନ ଥାଏ ବାର୍ଦ୍ଧକ୍ୟର କ୍ଲାନ୍ତି ଅବା ଶରୀରର ଶିଥିଳତା। ଲୋଭ, ମୋହ, ମାୟା ପରି ବିକାରଗ୍ରସ୍ତ ଭାବନା ବି ବସା ବାନ୍ଧି ନ ଥାଏ ସେତେବେଳେ। ବରଂ ଥାଏ ବିଜିଗୀଷୁ ମନୋବୃତ୍ତି, କିଛି କରି କି ଦେଖାଇବାର ପ୍ରବଣତା। ଯୁବାକାଳ ହେଉଛି ଜ୍ୱଳନ୍ତ ଅଗ୍ନିପିଣ୍ଡ ସଦୃଶ। ଅଗ୍ନିକୁ ଆୟତ୍ତରେ ରଖିଲେ ସେ ଆମର ପ୍ରଭୂତ ଉନ୍ନତି ସାଧନ କରିଥାଏ। ମାତ୍ର ଅଣାୟତ୍ତ ହେଲେ ରଚିଚାଲେ ଧ୍ୱଂସର ତାଣ୍ଡବ ଲୀଳା। ସେହିପରି ଯୁବ ସମାଜ ଉଦ୍‌ଭ୍ରାନ୍ତ, ଉଚ୍ଛୃଙ୍ଖଳିତ ହେଲେ, ଅବାଧ, ଆୟତ୍ତହୀନ, ଆଦର୍ଶଚ୍ୟୁତ ହେଲେ ଜୀବନଟା ସମସ୍ୟାବହୁଳ ଓ ଯନ୍ତ୍ରଣା ଜର୍ଜରିତ ହୋଇଉଠେ। ସଙ୍କଟଗ୍ରସ୍ତ ହୋଇ ଉଠେ ସମାଜ। ଗାନ୍ଧିଜୀଙ୍କୁ ଥରେ ପଚରା ଯାଇଥିଲା – ଆପଣଙ୍କ ଦୃଷ୍ଟିରେ ଭାରତର ଆଶା ଓ ନିରାଶାର ଉତ୍ସ କ'ଣ ? ତାଙ୍କର ସୁଚିନ୍ତିତ ମତ ଏମିତି ଥିଲା – ''ଯାବତୀୟ ଷଡ଼ଯନ୍ତ୍ର, ଶୋଷଣ, କଷଣ, ଅତ୍ୟାଚାର, ଚକ୍ରାନ୍ତ ସତ୍ତ୍ୱେ ଆଜି ବି ଆଧ୍ୟାତ୍ମିକତା ଆମ ସମାଜରେ ଅକ୍ଷୁଣ୍ଣ ରହିଛି। ଏହା ହିଁ ଆମ ପାଇଁ ଆଶା ଓ ଆଶ୍ୱାସନାର ବିଷୟ । ମାତ୍ର, ଦିନକୁ ଦିନ ଭାରତୀୟ ତରୁଣ ନିଜର ସ୍ୱାଭିମାନ ଓ ଆତ୍ମପ୍ରତ୍ୟୟ ଭୁଲି ଯିବାରେ ଲାଗିଛି। ତା'ଠାରେ ନପୁଂସକତା, ସ୍ୱାର୍ଥପରତା ଗ୍ରାସ କରିବାରେ ଲାଗିଛି। ଏହା ହିଁ ନିରାଶାର ପ୍ରମୁଖ କାରଣ।'' ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ''ବଳ ଓ ସାହସ ହିଁ ଜୀବନ। ଦୁର୍ବଳତା ହିଁ ଭୀରୁ। ସାମର୍ଥ୍ୟ ହିଁ ପୁରୁଷାର୍ଥ। ଏଣୁ ହେ ଯୁବାବର୍ଗ, ପୁରୁଷାର୍ଥର ଉପାସନା କର। ଅନ୍ଧକାର ଆସିଲେ ଡର ନାହିଁ। ବରଂ ଅନ୍ଧାର ହଟେଇବାକୁ ଚେଷ୍ଟାକର। ପାରୁଛ ଯଦି, ଆଦିତ୍ୟ ସମ ନିଜକୁ ପ୍ରତିଭାତ କର। କିଛି ନ ହେଲେ ଦୀପଟିଏ ହୋଇ ଅନ୍ଧାର ନାଶିବାକୁ ପ୍ରୟାସ କର। କାରଣ ଆଦିତ୍ୟଙ୍କ ଆବିର୍ଭାବ ହେଲାକ୍ଷଣି, ଅନ୍ତର୍ଦ୍ଧାନ ହୋଇଯାଏ ଅନ୍ଧକାର। ଦୀପଟିକୁ ଦେଖିଦେଲେ, ଦୂରକୁ ହଟିଯାଏ ତମସା। ଉଚ୍ଚତମ ଆଦର୍ଶ ଉପରେ ଦୃଢ଼ ରହିଲେ, ତମସା କେବେ ଆଚ୍ଛନ୍ନ କରି ନ ପାରେ ତୁମକୁ । ଈର୍ଷା ଓ ସ୍ୱାର୍ଥପରତାଠାରୁ ମୁକ୍ତ ରୁହ। ସତ୍ୟ ଓ ମାନବତାକୁ ସାଥିକରି, ଚିରକାଳ ମାତୃଭୂମି ପ୍ରତି ନିଷ୍ଠାବାନ ହୋଇ ରୁହ, ଦେଖିବ ସାରା ସଂସାର ତୁମକୁ ସହସ୍ର ସହସ୍ର ସଲାମ ବାଢ଼ିବ।''



ଜାତୀୟ ଯୁବ ଦିବସ ଉପଲକ୍ଷେ

ଆଜି ସାରା ଦୁନିଆ କହୁଛି- ଦେଶର ୮୦ କୋଟି ଯୁବାଧନ ଜାଗ୍ରତ ହେଲେ ଭାରତ ବିଶ୍ୱର ମଉଡ଼ମଣି ହୋଇଯିବ। ଶୃଙ୍ଖଳା, ଅନୁଶାସନ ଡୋରିରେ ବାନ୍ଧି ହୋଇ ତାରୁଣ୍ୟକୁ ଠିକ୍ ଉପଯୋଗ କଲେ ଜୀବନ ହୋଇଉଠିବ ପ୍ରୀତିଛନ୍ଦା, ମଧୁଛନ୍ଦା। ଏହି ସମୟରେ ସଂଯମତାପୂର୍ବକ ନିଷ୍ଠାରେ ନିମଗ୍ନ ରହି ସମୟର ଠିକ୍ ଉପଯୋଗ କରିପାରିଲେ ଆମେ ହୋଇପାରିବା ବିଶ୍ୱବିଜୟୀ, ଠିକ୍ ନେପୋଲିଅନଙ୍କ ପରି। ନେପୋଲିଅନକୁ ପାଇବା ପାଇଁ ପ୍ରାଣପଣେ ପ୍ରୟାସ କରୁଥିଲେ ଜଣେ ସଦ୍ୟ ବିବାହିତା ସୁନ୍ଦରୀ ବିଧବା ତରୁଣୀ। ବିଭିନ୍ନ ଉପାୟରେ ଦୃଷ୍ଟି ଆକର୍ଷିତ କରି ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥାନ୍ତି। ମାତ୍ର ସଫଳ ହୋଇ ପାରି ନ ଥିଲେ ସେ। ତା'ପରେ ଅନେକ ଦିନ ପରେ ଏକଦା ସେହି ବାଟ ଦେଇ ଯିବାବେଳେ ମନେ ପଡ଼ିଲା ସମ୍ରାଟ ନେପୋଲିଅନଙ୍କର ସେହି ମହିଳାଙ୍କ କଥା। ମହିଳାଙ୍କ ଘରକୁ ଯାଇ ଦ୍ୱାରାଘାତ କରିବାରୁ ଜଣେ ମହିଳା ବାହାରକୁ ଆସି ଦେଖିଲେ ସୈନ୍ୟ ସାମନ୍ତଙ୍କ ସହିତ ଫ୍ରାନ୍ସର ସମ୍ରାଟ। ମହିଳାଙ୍କୁ ଅଭୟବାଣୀ ଶୁଣାଇ ସମ୍ରାଟ ପଚାରିଲେ 'ଅନେକଦିନ ତଳେ ନେପୋଲିୟନ ବୋଲି ଯୁବକ ଏହିଠାରେ ରହୁଥିଲେ କି?' ମହିଳାଜଣକ କହିଲେ 'ହଁ, ଖୁବ୍ ଲାଜକୁଳା, ଶାନ୍ତସ୍ୱଭାବର ନେପୋଲିୟନ ନାମରେ ଜଣେ ଯୁବକ ଏଠାରେ ରହି ପାଠ ପଢୁଥିଲେ।' ସେଇଠୁ ସ୍ମିତହାସ୍ୟରେ ନେପୋଲିୟନ କହିଲେ – ''ମୁଁ ହେଉଛି ସେଦିନର ସେହି ନେପୋଲିୟନ। ସେଦିନ ଯଦି ଆପଣଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି, ନିଷ୍ଠାରେ ନିମଗ୍ନ ରହି ନ ଥାନ୍ତି, ସଂଯମତା ପୂର୍ବକ ସଂକଳ୍ପରେ ଦୃଢ଼ ନ ଥାନ୍ତି ତେବେ ଆଜି ମୁଁ ଫ୍ରାନ୍ସର ସମ୍ରାଟ ହୋଇ ପାରି ନ ଥାନ୍ତି ।''

ପ୍ରତିବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଯୁବ ପ୍ରେରଣା ଉତ୍ସ ହେଉ। ଅତଏବ ବୈଭବଶାଳୀ ଭାରତର ସଂକଳ୍ପ ନେଇ ଜାଗ, ହେ ସୁପ୍ତସିଂହ। ଏ ମାଟିର ଧୂଳିକଣାକୁ ହାତରେ ତୋଳିଧରି ଦେଖ, କେତେ ବୀର ଶହୀଦଙ୍କ ଉଷ୍ମ ଶୋଣିତରେ ସିକ୍ତ ଏ ମାଟିର ଧୂଳି। ମାଟିରେ କାନ ଦେଇ ଶୁଣ, ମାଗନ୍ତି ସେମାନେ ତାଙ୍କ ବଳିଦାନର ପ୍ରତିଦାନ। ହେ ଭାରତର ବହ୍ନିଶିଖା, ଅରୁଣର ଆଲୋକ, ତରୁଣଦଳ! ଉଠ, ଜାଗ ପ୍ରସ୍ତୁତ ହୁଅ। ଦେଖୁ ଏ ଦୁନିଆ, ଭାରତର ତରୁଣଦଳ ସୂର୍ଯ୍ୟସମ ତେଜିଆନ।

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ :୯୪୩୭୪୩୬୦୭୩**

# ମୂଲ୍ୟ ମାରିବା ଆସ



ଶ୍ରୁତକୀର୍ତ୍ତି ତ୍ରିପାଠୀ

'ନିଶା ନିବାରଣ' କିମ୍ବା ନିଶାକୁ ଛାଡ଼ିବା କଥା ପଢ଼ିଲାମାତ୍ରେ ଏହାଦ୍ୱାରା ଉପୁଜୁଥିବା ସୁବିଧା ଓ ଅସୁବିଧାକୁ ନେଇ ଅନେକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ପଚରା ଯାଉଥିବା ପ୍ରଶ୍ନଗୁଡ଼ିକ ମଧ୍ୟରେ ୯୦% ଲୋକଙ୍କ ପ୍ରଶ୍ନ ଏହା ଯେ, 'ମଦର ଅପକାରିତା ବିଷୟରେ ଯାହାସବୁ ଲେଖାଯାଉଛି ବା କୁହାଯାଉଛି, ସବୁ ଠିକ୍, ହେଲେ ଏହାକୁ ମାନୁଛି କିଏ ? ମଦ୍ୟପାନର କୁପରିଣାମ ସତ୍ତ୍ୱେ ସରକାର ଏହା ଉପରେ ପ୍ରତିବନ୍ଧକ ନ ଲଗେଇବାର କାରଣ କଣ ?' ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ, ମଦ ବିରୋଧୀ ଅଭିଯାନ ପ୍ରତ୍ୟେକ ଘରୁ ପ୍ରତ୍ୟେକ ସଦସ୍ୟଙ୍କ ଦ୍ୱାରା ଆରମ୍ଭ ହେବା ଉଚିତ, ଯାହା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ନିଶାର କୁପରିଣାମ କାହାରି ପାଖରେ ଅଛପା ନୁହେଁ, ତଥାପି ନିଶାଗ୍ରସ୍ତ ହୋଇ ସମାଜରେ ଅଶାନ୍ତି ଓ ଅସାମାଜିକତାକୁ ବୃଦ୍ଧି କରିବାରୁ ପ୍ରଥମେ ଲୋକ ନିବୃତ୍ତ ହୁଅନ୍ତୁ। ଏହି କ୍ଷେତ୍ରରେ ସର୍ବପ୍ରଥମେ ସରକାର ନିଶାର ପ୍ରସାର କରିବାର ଦାୟିତ୍ୱ ନ ନେବାକୁ ଅନୁରୋଧ।

କିଛି ଲୋକଙ୍କ ମନରେ ଆସୁଥିବା ଦ୍ୱନ୍ଦ୍ୱ, ଯାହା କାହାକୁ ବି କିଛି ସମୟ ପାଇଁ ଭାବିବାକୁ ବାଧ କରିବ,'ସରକାରଙ୍କ ମୁଖ୍ୟ ରାଜସ୍ୱର ଉତ୍ସ ହେଉଛି ମଦ, ତେଣୁ ସେ ଏହାର ବ୍ୟବହାର ଓ ବିକ୍ରି ଉପରେ କାହିଁକି ରୋକ ଲଗେଇବେ ?' ମାତ୍ର ରାଜସ୍ୱ ଆଦାୟ ଦାୟରେ ଏକ ବଳିଷ୍ଠ, ଉଚ୍ଚ ଧୀଶକ୍ତି ସମ୍ପନ୍ନ, ଉନ୍ନତ ମଣିଷ ସମାଜକୁ ବିବେକହୀନ, ନିୟନ୍ତ୍ରଣହୀନ, ସମ୍ବେଦନହୀନ ପ୍ରାଣୀରେ ପରିଣତ କରିଦେବା କେତେଦୂର ସମୀଚୀନ? ରାଜସ୍ୱ ଆଦାୟର ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି, ସେ ଦିଗରେ ସରକାର ଧ୍ୟାନ ଦେଲେ ଆହୁରି ଅନେକ ସମାଧାନର ପଥ ଖୋଜାଯାଇପାରିବ। ମଦରୁ ହେଉଥିବା ରାଜସ୍ୱ ଆଦାୟ ୧୦ ଗୁଣା କ୍ଷତିର ରାସ୍ତା ପ୍ରସ୍ତୁତ କରେ। ତେଣୁ ଏ ବିଷୟରେ ଗପୁଥିବା ବ୍ୟକ୍ତିଙ୍କର ଏହା ଏକ ବାହାନା ମାତ୍ର। ପ୍ରକୃତରେ ଏହାର ଆବଶ୍ୟକତା ନାହିଁ। ଏ ଯୁକ୍ତି ମୂଲ୍ୟହୀନ।

କେତେ ଜଣଙ୍କ ପ୍ରଶ୍ନ ଏପରି ବି , 'ଯଦି ମଦ ରହିବ ନାହିଁ,ତେବେ ଆମର ପୋଲିସ ଓ ଓକିଲମାନଙ୍କ ପାଖରେ କିଛି କାମ ହିଁ ରହିବ ନାହିଁ। ମଦଜନିତ ଅପରାଧ ଓ ବୀଭତ୍ସ କାଣ୍ଡର ଅଭାବ ଯୋଗୁ ସେମାନଙ୍କର ରୋଜଗାର କମିଯିବ।' ଏହି ବିଷୟରେ ଗୋଟିଏ ଛୋଟ ଉଦାହରଣ ଦେବା ଠିକ୍ ମନେକରୁଛି। ଶିକ୍ଷକଙ୍କ ଅନୁପସ୍ଥିତିରେ ଶ୍ରେଣୀକକ୍ଷରେ ପିଲାମାନଙ୍କ ଗତିବିଧିକୁ ଥରେ ଭାବି ଦେଖନ୍ତୁ । ଶିକ୍ଷକ ନ ଥିଲେ ସେମାନେ ବିଶୃଙ୍ଖଳିତ ହୁଅନ୍ତି, ନିଜର ମନମୁଖି କାମ ପାଇଁ ତାଙ୍କୁ ସୁଯୋଗ ମିଳିଯାଏ, ଯାହାଦ୍ୱାରା ପାଠପଢ଼ା ତ ଦୂରେ ଥାଉ ପିଲାମାନେ ଶାନ୍ତିରେ ଏକାଠି ବସିବା ବି ସମ୍ଭବ ହେବ ନାହିଁ। ଶିକ୍ଷକଙ୍କ କେବଳ ଉପସ୍ଥିତି ହିଁ ପିଲାଙ୍କ ମନରେ ଭୟ, ଅନୁଶାସନ ଓ କିଛି ଭୁଲ ନ କରିବାର ମନୋଭାବକୁ ବଳବତ୍ତର କରେ। ଠିକ୍ ସେହିପରି ପୋଲିସର ଉପସ୍ଥିତି ଜନସାଧାରଣଙ୍କୁ ଭୁଲ୍ ବାଟରେ ନ ଯିବା, ଶୃଙ୍ଖଳିତ ଏବଂ ଅନୁଶାସିତ ହୋଇ କାର୍ଯ୍ୟ କରିବା ପାଇଁ ନିତାନ୍ତ ପ୍ରୟୋଜନୀୟ । ଏମିତି ବି ନିଶାଜନିତ ଅପରାଧ ବ୍ୟତୀତ ଅନ୍ୟାନ୍ୟ ଅପରାଧ ସଂଖ୍ୟା କିଛି କମ୍ ନୁହେଁ ଆମ ସମାଜରେ। ତେଣୁ ବରଂ ନିଶା ଦ୍ୱାରା ଘଟୁଥିବା ବେଆଇନ କାମ କମିଗଲେ, ଆମ ରାଜ୍ୟ ତଥା ଦେଶର ପୋଲିସ ଅନ୍ୟ କାମରେ ନିଜର ପୂର୍ଣ୍ଣ ଯୋଗଦାନ ଦେବା ସମ୍ଭବ ହେବ।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ ପ୍ରଶ୍ନ, 'ମଦ ବନ୍ଦ ହେଲେ, କ'ଣ ରାଜ୍ୟରେ ମଦବିକ୍ରି ବନ୍ଦ ହୋଇଯିବ ?' ଏହି ପ୍ରଶ୍ନର ଗଭୀରତା ସତରେ ଅନେକ। ଉପର ଦେଖାଣିଆ ମଦର ବ୍ୟବହାର ଉପରେ କଟକଣା କି ରୋକ ଲଗେଇଦେଲେ, ମଦ ବିକ୍ରି ଯେ ବନ୍ଦ ହୋଇଯିବ ଏହା ଆଦୌ ସମ୍ଭବ ନୁହେଁ। ପରିଣାମ ଅପମିଶ୍ରଣ, ଚୋରାଚାଲାଣ ଏବଂ ମଦ ପ୍ରତି ଲୋକଙ୍କର ବ୍ୟାକୁଳତା ଆହୁରି ଦ୍ୱିଗୁଣିତ ହୋଇଯାଇପାରେ ! ଯାହା ଅପରାଧ ଓ ବେଆଇନ କାମ କରିବାକୁ ଲୋକଙ୍କୁ ପ୍ରଶ୍ରୟ ଦେଲାଭଳି ହେବ। ମଦ ବ୍ୟବହାରରେ ରୋକ ଲାଗିଲେ ବଡ଼ ବଡ଼ ହୋଟେଲରେ ବ୍ୟବସାୟ ମାନ୍ଦା ହେବା, ମଦ କାରଖାନାରେ କାର୍ଯ୍ୟରତ ଲୋକ ବେକାର ହେବା, ଏଭଳି ଅନେକ ଛୋଟ ବଡ଼ କାରଣ ବି ଲୋକଙ୍କଠାରୁ ଶୁଣିବାକୁ ମିଳେ, ହେଲେ ଉପରୋକ୍ତ ସବୁ ସମସ୍ୟା ପାଇଁ ବିକଳ୍ପ ବ୍ୟବସ୍ଥା ଯେ ଅଛି ତାହା ସେମାନେ ଜାଣିବା ଉଚିତ। ଆମ ଦେଶରେ ମଦ ସମ୍ପର୍କିତ ରୋଜଗାରପନ୍ଥା ବ୍ୟତୀତ ଅନ୍ୟ ସମ୍ମାନଜନକ ରୋଜଗାର ବ୍ୟବସ୍ଥାର କୌଣସି ଅଭାବ ନାହିଁ। ଏହାର ସଦ୍ୟ ଉଦାହରଣ ହେଉଛି ଉତ୍ତରପ୍ରଦେଶ ସରକାର କରୋନା କାଳରେ ୫୦୦ ପ୍ରକାର ହସ୍ତକର୍ମଜନିତ ନୂଆ କାମ ସୃଷ୍ଟି କରିଛନ୍ତି। ଏକ ପ୍ରଗତିଶୀଳ ରାଜ୍ୟ ତଥା ଦେଶରେ ସରକାରଙ୍କ ଦାୟିତ୍ୱ ହେଉଛି ଅନ୍ତେବାସୀଙ୍କୁ ନୂତନ ଏବଂ ଉନ୍ନତ କର୍ମସଂସ୍ଥାନ ଯୋଗେଇଦେବା। ସେହି କ୍ରମେ ନିଶା ଉତ୍ପାଦନ ବନ୍ଦ ହେବା ପରେ, ସେଥିରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରାଯାଇପାରିବ।

'ମଦ୍ୟପାନ କରିବାରେ ଖରାପ କ'ଣ, ଶରୀର ପାଇଁ ଏହା ମଧ୍ୟରେ କିଛି ଔଷଧୀୟ ଗୁଣ ବି ଲୁଚି ରହିଛି। ପୂର୍ବେ ଯଦି ଦେବତାମାନେ 'ସୋମରସ' ପିଉଥିଲେ, ଏବେ ଆମେସବୁ ମଦ ପିଇଲେ କ'ଣ ଅସୁବିଧା ? 'ଏହି ପ୍ରଶ୍ନର ଉତ୍ତରରେ ଜାଣି ରଖନ୍ତୁ' ସୋମରସ 'କେବେହେଲେ ମଦ ନୁହେଁ, ଏହା ଏକ ପାନୀୟ ଯାହାକୁ 'ସୋମ' ଅର୍ଥାତ 'ଚନ୍ଦ୍ର'ଙ୍କ କିରଣରେ ପ୍ରସ୍ତୁତ କରାଯାଇଥାଏ। ଶୀତଳ ଚନ୍ଦ୍ର କିରଣର ପ୍ରଭାବରେ ଖିରି ଅମୃତ ତୁଲ୍ୟ ଦିବ୍ୟ ରୂପ ପାଇଥାଏ, ଯାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଶରୀର ପାଇଁ ହିତକାରୀ। ତେଣୁ ' ସୋମରସ' କୁ 'ମଦ' ଭାବୁଥିବା ଲୋକେ ଏ ଭ୍ରାନ୍ତଧାରଣାରୁ ଯଥାଶୀଘ୍ର ନିଜକୁ ନିବୃତ୍ତ କରନ୍ତୁ। କେବେ କେମିତି ନିଶାର ଅଳ୍ପ ମାତ୍ରାକୁ ଔଷଧି ରୂପେ ବ୍ୟବହାର କରାଯାଏ, କିନ୍ତୁ ଏବେ ପରିସ୍ଥିତି ଏମିତି ହେଲାଣି ଅତ୍ୟଧିକ ନିଶାସେବନ ଜନିତ ଘଟଣା ଓ ଦୁର୍ଘଟଣା ସମାଜ ପାଇଁ ଏକ ଚିନ୍ତାଜନକ ବିଷୟ ସାଜି ସାରିଲାଣି।

ଜନ୍ମଦିନ, ବାହାଘର, ଯେ କୌଣସି ଉତ୍ସବ ପାଳନ ପାଇଁ ଲୋକେ ମଦର ସାହାରା ନ ନେଲେ ଏହାର ବ୍ୟବହାର ଅନେକାଂଶରେ ହ୍ରାସ ପାଇପାରିବ। ମଦର ବ୍ୟବହାର ସେତେବେଳେ ହ୍ରାସ ପାଇବ, ଯେବେ ମଦ ଉତ୍ପାଦନରେ ରୋକ ଲଗାଯାଇପାରିବ। ହେଲେ ଆଇନର ବିରୋଧ ସତ୍ତ୍ୱେ କେଉଁ ଫାଙ୍କରେ ନିଶା ପ୍ରସ୍ତୁତି, ଚାଲାଣ, ଆମଦାନୀ ଓ ରପ୍ତାନି କାରବାର ସୁରୁଖୁରୁରେ ଚାଲିଛି।

ପରିଶେଷରେ ସବୁ ଯୁକ୍ତି, ତର୍କ, ଆଲୋଚନା, ସମାଲୋଚନାର ନିର୍ଯ୍ୟାସ କେବଳ ଏତିକି ହୋଇପାରେ ଯେ 'ମଦ' କେବେ ବି ଲାଭକରୀ ନ ଥିଲା, ନା ଭବିଷ୍ୟତରେ ହୋଇପାରିବ। ମାନିବାକୁ ନ ଚାହିଁଲେ ମଧ୍ୟ ଏହାର କୁପ୍ରଭାବ ଆମ ସମାଜ, ଆମ ଆଗାମୀ ପିଢ଼ି ଉପରେ ପଡୁଛି। ଏହାକୁ ହଠାତ୍ ତ ଶେଷ କରିହେବ ନାହିଁ, କିନ୍ତୁ ଏହାର ଉତ୍ପାଦନରେ ରୋକ ଲଗାଯାଇ ପାରିଲେ, କ୍ରମେ ଏହାର ବ୍ୟବହାର ଉପରେ ନିୟନ୍ତ୍ରଣ ରହିବ। 'ସମସ୍ତଙ୍କର ସାମୂହିକ ପରିଶ୍ରମ ନିଶ୍ଚୟ ଦିନେ ଆମ ରାଜ୍ୟ ତଥା ସମଗ୍ର ଦେଶକୁ ନିଶାମୁକ୍ତ କରିବ ବୋଲି ଏକ ଦୃଢ଼ ବିଶ୍ୱାସ ଆଶା କରାଯାଇପାରେ।

**ମୋ-୬୩୭୦୫୧୬୪୭୮**
**ଭୁବନେଶ୍ୱର**

## ଏଇ ଭାରତରେ

ମିହୁ ଖୋସ୍‌ଲା। ବୟସ ୩୮। ମୁମ୍ବାଇର ରାସ୍ତାରେ ବୁଲୁଥିବା ବିଲେଇଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରୁଛନ୍ତି। ଏବେ ସୁଦ୍ଧା ଖୋସ୍‌ଲା ୧୦,୦୦୦ ବିଲେଇଙ୍କ ଚିକିତ୍ସା କରିସାରିଲେଣି। ସେ ୨୦୦୫ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ପରେ ନ୍ୟୁୟର୍କ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରୁ ଫିଲ୍ମ ମେକିଂରେ ସ୍ନାତକୋତ୍ତର ଡିଗ୍ରୀ ଶେଷ କରି ଆମେରିକାରେ ଚାକିରି କରିଥିଲେ। ୨୦୦୮ରେ ମୁମ୍ବାଇ ଫେରିବା ପରେ ସହରରେ ପ୍ରାଣୀ ନିର୍ଯାତନ ତାଙ୍କୁ ଘୋର ଦୁଃଖ ଦେଇଥିଲା ଓ ସେ ପ୍ରଥମେ ଗୋଟିଏ ବିଲେଇକୁ ଉଦ୍ଧାର କରି ପୋଷିଥିଲେ। ଏହାର ଦୁଇବର୍ଷ ପରେ 'ଜିକ୍‌ଫର' ସଂସ୍ଥା ଗଠନ କରି ତା' ମାଧ୍ୟମରେ ପରିତ୍ୟକ୍ତ ବିଲେଇଙ୍କୁ ଉଦ୍ଧାର କରି ଘରେ ରଖିବାରେ ଲାଗିଲେ। ୨୦୧୫ରେ ସେ ତାଙ୍କ ଭଉଣୀ ଓ ଜଣେ ସହପାଠୀଙ୍କ ସହ ମିଶି ଅର୍ଗମ ନଗରରେ କ୍ୟାଟ୍ କାଫେ ଷ୍ଟୁଡିଓ ପ୍ରତିଷ୍ଠା କରିଛନ୍ତି। ଏହି କାଫେର ଆୟ ଓ ବାହାରୁ ମିଳୁଥିବା ଆର୍ଥିକ ଅନୁଦାନରେ ବିଲେଇମାନଙ୍କ ଚିକିତ୍ସା ଖର୍ଚ୍ଚ ଭରଣା କରୁଛନ୍ତି। ସେମାନେ ୨,୦୦୦ରୁ ଉର୍ଦ୍ଧ୍ୱ ବିଲେଇଙ୍କୁ ଉଦ୍ଧାର କରି ସେମାନଙ୍କୁ ସ୍ୱତନ୍ତ୍ର ଘରେ ରଖିଛନ୍ତି। ୨୦୧୭ରେ ସେମାନେ ଫିଲାଇନ ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ଭେଟେରିନାରି ଡାକ୍ତରଙ୍କଠାରୁ ଆରମ୍ଭ କରି ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା କରୁଛନ୍ତି। ଏବେ ସୁଦ୍ଧା ୧୦ହଜାର ବିଲେଇଙ୍କ ଚିକିତ୍ସା କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜାନୁୟାରୀ ୧୯୯୭

- ଶ୍ରୀଲଙ୍କାର ଉତ୍ତର କିଲିନୋଚି ନିକଟବର୍ତ୍ତୀ ଦୁଇଟି ସାମରିକ ଶିବିର ଉପରେ ତାମିଲ ଗେରିଲାମାନେ ଅତର୍କିତ ଆକ୍ରମଣ କରିବା ଫଳରେ ୨୦୦ ସୈନ୍ୟଙ୍କ ମୃତ୍ୟୁ।
- ବୁରୁଣ୍ଡିର ସୈନ୍ୟମାନେ ଅଟକ କେନ୍ଦ୍ର ଛାଡ଼ି ଖସି ପଳାଇଯିବାକୁ ବସିଥିବା ୧୨୬ ଜଣ ହୁଟୁ ଶରଣାର୍ଥୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ପୂର୍ବତନ ସଦସ୍ୟ ଭବତୋଷ ଦତ୍ତଙ୍କ ୮୬ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ବିବାହ ବୟସ

ମହାଶୟ,

ଝିଅମାନଙ୍କର ବିବାହ ବୟସ ଯେତେବେଳେ ଅଠରବର୍ଷକୁ ବୃଦ୍ଧି କରାଗଲା, ସେତେବେଳେ କୁହାଯାଇଥିଲା ଅଠରବର୍ଷ ପୂର୍ବରୁ ନାରୀ ସନ୍ତାନଧାରଣ କରିବାକୁ ଉପଯୁକ୍ତ ହୋଇ ନ ଥାଏ। ଏବେ ୨୧ କରାଗଲା। କାରଣ କ'ଣ ? ୧୮-୨୧ ବର୍ଷରୁ କେହି ତ ସେମାନଙ୍କୁ ବିଭା ହେବାକୁ ବାଧ କରୁନାହାନ୍ତି। ଯିଏ ପାଠ ପଢ଼ିବାକୁ ଚାହିଁବ ସେ ୨୧ କାହିଁକି ୫୧ ବର୍ଷ ଯାଏ ପାଠ ପଢ଼ି ପାରିବ। ବିଭାଘର ପରେ ମଧ୍ୟ ସେମାନେ ପାଠ ପଢ଼ି ପାରୁଛନ୍ତି। ସେମାନଙ୍କର ବିବାହ ବୟସକୁ ଜୋର ଜବରଦସ୍ତ ୨୧ କରିଦେବା ଫଳରେ ସେମାନଙ୍କ ଜୀବନଶୈଳୀ ପ୍ରଭାବିତ ହେବ। ଝିଅମାନଙ୍କ ବୟସକୁ ଲକ୍ଷ୍ୟ କରି ଅନେକ ସମୟରେ ବାପାମା' ସେମାନଙ୍କୁ ତୁରନ୍ତ ବିଭା କରାଇ ଦେଇ ବିପଦମୁକ୍ତ ହେବାକୁ ଚେଷ୍ଟା କରିଥାନ୍ତି। ୧୮ରୁ ଆଉ ୨୧ବର୍ଷ ବଢ଼ାଇ ଦେବା ଫଳରେ ଝିଅକୁ ସୁରକ୍ଷା କିଏ ଦେବ ? ସାମ୍ପ୍ରତିକ ସମୟରେ ପୋଲିସ ପ୍ରଶାସନ ଯୁବତୀମାନଙ୍କୁ ଠିକ୍ ଭାବରେ ସୁରକ୍ଷା ଦେଇପାରୁନାହାନ୍ତି । ବାପାମା'ମାନେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିପାରୁନାହାନ୍ତି। ତେଣୁ ସରକାର ପୁନର୍ବିଚାର କରନ୍ତୁ ଏବଂ ସେଇ ୧୮ ବର୍ଷରେ ସୀମିତ ରଖନ୍ତୁ। ଯାହାର ପାଠପଢ଼ିବାର ଅଛି ସେ ପାଠ ପଢୁ। ଯିଏ ବିଭା ହେବା କଥା ସେ ବିଭା ହେଉ।

**-ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିଏ ପରା କରୁଥିଲେ
ହରିପୁର ହାଟେ ସଭା
ସବୁ ଖାଲି ଭେଦା ଭୋଟ୍
ପୂଜା ରିସପତ୍ ଅବା।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏସ୍ଇଆର୍‌ର ନୂଆ ସିପିଆର୍‌ଓ ନିଯୁକ୍ତ

ଭୁବନେଶ୍ୱର,୧୧।୧



କେ.ଏସ୍. ଆନନ୍ଦ

ଦକ୍ଷିଣ ପୂର୍ବ ରେଳପଥ(ଏସ୍ଇଆର୍)ର ନୂଆ ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ(ସିପିଆର୍‌ଓ) ଭାବେ ବରିଷ୍ଠ ପ୍ରଶାସକ କେ.ଏସ୍ ଆନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଆନନ୍ଦ ଡେପୁଟି ଚିଫ୍ କମର୍ସିଆଲ ମ୍ୟାନେଜର (ମାଲ ପରିବହନ) ଏସ୍ଇଆର୍‌ରେ କାର୍ଯ୍ୟ କରୁଥିଲେ। ସେ ଗ୍ରୁପିକ୍ ସେବା (ଆଇଆର୍‌ଟିଏସ୍) ଅଧିକାରୀ ଭାବେ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଆନନ୍ଦ ବରିଷ୍ଠ ବିଭାଗୀୟ ସୁରକ୍ଷା ଅଧିକାରୀ, ଚକ୍ରଧରପୁର ଏବଂ ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ, ଆଦ୍ରା ସହିତ ସିନି ସ୍ଥିତ ଜୋନାଲ ରେଳ ତାଲିମ ପ୍ରତିଷ୍ଠାନର ପ୍ରିନ୍ସିପାଲ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ କ୍ରୀଡ଼ା ଏବଂ ସାମାଜିକ,ସାଂସ୍କୃତିକ କାର୍ଯ୍ୟରେ ମଧ୍ୟ ଆଗ୍ରହ ରଖିଛନ୍ତି।

# ଭିଆଇର ୩୫.୮% ଅଂଶଧନ ନେବେ ସରକାର

ନୂଆଦିଲ୍ଲୀ,୧୧।୧




ସରକାର ଭୋଡାଫୋନ୍-ଆଇଡିଆ (ଭିଆଇ)ର ସର୍ବବୃହତ୍ ଅଂଶୀଦାର ହେବେ ବୋଲି ଜଣାପଡ଼ିଛି। ବିଳମ୍ବିତ ସ୍ପେକ୍ଟ୍ରମ ଉପରେ ସୁଧକୁ ରୂପାନ୍ତର କରିବା ଏବଂ ମୋଟ ରାଜସ୍ୱ ଦେୟକୁ ଇକ୍ୱିଟିରେ ପରିଣତ କରିବାକୁ ଯାଉଛନ୍ତି। ଗତ ଅକ୍ଟୋବରରେ କେନ୍ଦ୍ର ସରକାର ଟେଲିକମ୍ ସଂସ୍କାର ପ୍ୟାକେଜରେ ଟେଲିକମ୍ କମ୍ପାନୀଗୁଡ଼ିକୁ ୪ ବର୍ଷର ସ୍ପେକ୍ଟ୍ରମ୍ ଏବଂ ଏଜିଆର ଦେୟ ଉପରେ ମୋରାଟୋରିୟମ ପ୍ରଦାନ କରିଥିଲେ। ସୋମବାର ଟେଲିକମ୍ କମ୍ପାନୀର ବୋର୍ଡ ଏହି ବିକଳ୍ପକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି ଏବଂ ସମ୍ପୂର୍ଣ୍ଣ ପରିମାଣର ସୁଧକୁ (ପ୍ରାୟ ୧୬,୦୦୦ କୋଟି ଟଙ୍କା ମୂଲ୍ୟର) ଇକ୍ୱିଟିରେ ରୂପାନ୍ତର କରିବାକୁ ଅନୁମୋଦନ କରିଛନ୍ତି। ସଂସ୍କାର ପ୍ୟାକେଜ୍ ଅଧୀନରେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଶେୟାର ମୂଲ୍ୟ ୧୦ଟଙ୍କାରେ ସରକାରଙ୍କୁ ଦିଆଯିବ। ତେଣୁ ଏହି ରୂପାନ୍ତର ପ୍ରମୋଟର୍ସଙ୍କ ସମେତ କମ୍ପାନୀର ସମସ୍ତ ବିଦ୍ୟମାନ ଅଂଶୀଦାରଙ୍କୁ ହ୍ରାସ କରିବ। ଏହାର ପରିବର୍ତ୍ତନ ପରେ ଆଶା କରାଯାଏ ଯେ ସରକାର କମ୍ପାନୀର ମୋଟ ବକେୟା ଅଂଶଧନ ମଧ୍ୟରୁ ୩୫.୮% ଅଂଶଧନ ଗ୍ରହଣ କରିପାରନ୍ତି। ସେହିଭଳି କମ୍ପାନୀର ପ୍ରମୋଟର ଅଂଶୀଦାରମାନେ ଯଥାକ୍ରମେ ୨୮.୫% (ଭୋଡାଫୋନ୍ ଗ୍ରୁପ୍) ଏବଂ ପ୍ରାୟ ୧୭.୮% (ଆଦିତ୍ୟ ବିର୍ଲା ଗ୍ରୁପ୍) ଧାରଣ କରିବେ। ଏ ସମ୍ପର୍କରେ କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜ ବିଜ୍ଞପ୍ତିରେ ସୂଚନା ଦେଇଛି। ଏହା ଫଳରେ ସରକାର ସର୍ବବୃହତ୍ ଅଂଶୀଦାର ହୋଇପାରନ୍ତି। କିନ୍ତୁ ଏହା କମ୍ପାନୀ ଚଳାଇବାରେ ଜଡିତ ହୋଇ ନ ପାରେ ବୋଲି ପୂର୍ବରୁ ଭିଆଇର ସିଇଓ ରବିନ୍ଦର ଟକ୍କର ସୂଚନା ଦେଇଥିଲେ । ସେ କହିଥିଲେ, କମ୍ପାନୀ ଏକ ସାର୍ବଜନୀନ କ୍ଷେତ୍ରରେ ପରିଣତ ହେବ ବୋଲି କହିବା ଭୁଲ ହେବ। ସରକାର ଚାହୁଁଛନ୍ତି, ଆମେ କମ୍ପାନୀକୁ ଦକ୍ଷତାର ସହ ଏବଂ ପ୍ରତିଯୋଗିତାମୂଳକ ଭାବରେ ଚଳାଇବା। ସରକାରଙ୍କ ସହ ଆଲୋଚନାରେ ଏହା ସ୍ପଷ୍ଟ ଭାବେ କୁହାଯାଇଛି, ଭାରତରେ ଟେଲିକମ୍ କମ୍ପାନୀ ହାସଲ କରିବା ତଥା ଚଳାଇବାରେ ଏହାର କୌଣସି ଆଗ୍ରହ ନାହିଁ। ଗତ ୪ ବର୍ଷର ମୋରାଟୋରିୟମ ଦ୍ୱାରା ଭିଆଇ ପ୍ରାୟ ୬୦,୦୦୦ କୋଟି ଟଙ୍କାର ଅର୍ଥ ରାଶି ସଂରକ୍ଷଣ କରିବାରେ ସକ୍ଷମ ହେବ। ଫଳରେ ଏହାର ବ୍ୟାଙ୍କ ଋଣ ପରିଶୋଧ କରିବା ସହ ନେଟ୍‌ୱାର୍କର ଉନ୍ନତି ତଥା ବିସ୍ତାର କରିବାକୁ ସହଜ ହେବ। ସେହିପରି କମ୍ପାନୀକୁ ୫ଜି ସେବା ପାଇଁ ସ୍ପେକ୍ଟ୍ରମ ହାସଲ କରିବାକୁ ପଡିବ ଯାହା ଚଳିତ ବର୍ଷ ଆରମ୍ଭ ହେବ। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଭିଆଇର ମୋଟ ଋଣ ୧.୯୪ ଟ୍ରିଲିୟନ, ବିଳମ୍ବିତ ସ୍ପେକ୍ଟ୍ରମ ବାଧ୍ୟତାମୂଳକ ୧.୦୮ ଟ୍ରିଲିୟନ ଟଙ୍କା ହେବ। ଅପରପକ୍ଷରେ ୬୩,୪୦୦ କୋଟିର ଏଜିଆର୍ ଦାୟିତ୍ୱ ଏବଂ ୨୨,୭୭୦ କୋଟି ଟଙ୍କା ବ୍ୟାଙ୍କ ଋଣ ରହିଛି।

# ଏଏମ୍-ଏନ୍ଏସ୍‌କୁ ସହଯୋଗ ଦେବ 'ଇଣ୍ଟରବ୍ରାଣ୍ଡ'

ଭୁବନେଶ୍ୱର,୧୧।୧

ଦେଶର ଅଗ୍ରଣୀ ବ୍ରାଣ୍ଡ କନ୍‌ସଲ୍ଟିଂ ସଂସ୍ଥା ଇଣ୍ଟରବ୍ରାଣ୍ଡ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍-ଏନ୍ଏସ୍ ଇଣ୍ଡିଆ)ର ବ୍ରାଣ୍ଡ ଷ୍ଟ୍ରାଟେଜି କାର୍ଯ୍ୟ ହାସଲ କରିଛି। ଏହି ଅବସରରେ ଇଣ୍ଟରବ୍ରାଣ୍ଡ ଇଣ୍ଡିଆର ପରିଚାଳନାର ମୁଖ୍ୟ ନିର୍ଦ୍ଦେଶକ ଆଶିଷ ମିଶ୍ର କହିଲେ, ଏଏମ୍-ଏନ୍ଏସ୍ ଇଣ୍ଡିଆ ଇସ୍ପାତ ଜଗତରେ ବିଶ୍ୱର ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା। ଆମର ଇନୋଭେଟ ଆଇଡିଆ ଓ କାର୍ଯ୍ୟଶୈଳୀ ଦ୍ୱାରା ସଂସ୍ଥା ମଧ୍ୟରେ ଓ ବାହାରେ ଏହି ବ୍ରାଣ୍ଡକୁ ଆହୁରି ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରିବୁ। ଇଣ୍ଟରବ୍ରାଣ୍ଡ ଇଣ୍ଡିଆରେ ଅନେକ ଆଧୁନିକ ଚିନ୍ତାଧାରାର ବିଶେଷଜ୍ଞମାନଙ୍କୁ ଦେଖୁଛି ଏବଂ ଏହା ଆମର ବ୍ୟବସାୟିକ ଅଭିଳାଷକୁ ଲକ୍ଷ୍ୟରେ ରଖି ଶକ୍ତିଶାଳୀ ବ୍ରାଣ୍ଡ ନିର୍ମାଣ କରିବା ଦିଗରେ କାର୍ଯ୍ୟ କରିବ ବୋଲି କହିଛନ୍ତି ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ବିବେକ ଚଟ୍ଟୋପାଧ୍ୟାୟ।

Phone No. 06821-241026(O)/241079(R) Fax No.- 06821-241026/240056 e-mail: eerwss_bnj@ori.nic.in< eerwssbnj2009@gmail.com

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**

O-1694

**1st Corrigendum to Bid Identification No. S.E._RWS&S_44 of 2021-22**

1. In the above Tender Identification No. SE RWSS BNJ **44 of 21-22** the date of Publishing of work **dt.15.01.2022 at 11.00 AM** to dt.**03.02.2022 up to 5.00 PM** instead of **dt.05.01.2022 to 25.01.2022 at 11.00 AM.**
2. Clarification date-**02.02.2022 upto 5.00 PM** instead of **dt.22.01.2022 upto 5.00 PM.**
3. Opening of the bid on **04.02.2022 at 11.00 AM** instead of **27.01.2022 at 11.00 AM**

**All other terms and conditions remain unaltered.**

Sd./- Superintending Engineer, RWS&S Division, Bhanjanagar

OIPR-25021/11/0038/2122

**CLASSIFIED DISPLAY** ALL EDITION - B/W (Everyday)

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ୍, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାରବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବସିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସରକାରଙ୍କ ସହଯୋଗ ଲୋଡ଼ିଲା ୟୁସିସିଆଇ

ଭୁବନେଶ୍ୱର,୧୧।୧

ଓଡ଼ିଶାର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି)ରେ କୋଇଲାର ଅଭାବ ଯୋଗୁ ରାଜ୍ୟର ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ବେଶ୍ ଅନୁଭୂତ ହେଉଛି। ଏ ନେଇ ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇ) ପକ୍ଷରୁ ନବୀନ ପଟ୍ଟନାୟକଙ୍କ ସହଯୋଗ ଲୋଡ଼ିଛନ୍ତି। ଏହାଦ୍ୱାରା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ ହୋଇପାରିବ ବୋଲି ୟୁସିସିଆଇ କହିଛି। ୟୁସିସିଆଇ ସଭାପତି ବ୍ରହ୍ମା ମିଶ୍ର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, କୋଇଲା ଅଭାବ ଯୋଗୁ ରାଜ୍ୟରେ ସ୍ଥାନୀୟ ଶିଳ୍ପ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିଛି। ରାଜ୍ୟର ବହୁ ଏମ୍ଏସ୍ଏମ୍ଇ ବନ୍ଦ ହେବାରେ ଲାଗିଛି। ଏହାଦ୍ୱାରା ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବାରେ ଲାଗିଛି। କୋଇଲା ଅଭାବ ଯୋଗୁ ଶକ୍ତି ସଞ୍ଚରଣ ଶିଳ୍ପ ଏବଂ ନିର୍ମାଣ ଶିଳ୍ପ ପ୍ରଭାବିତ ହେବାରେ ଲାଗିଛନ୍ତି। କୋଇଲା ଅଭାବ ଯୋଗୁ ରାଜ୍ୟର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିକଟରେ ଆଉ ୨-୩ ଦିନର କୋଇଲା ଗଚ୍ଛିତ ରହିଛି। ଫଳରେ ଓଡ଼ିଶା ବଡ଼ ଧରଣର କୋଇଲା ଅଭାବର ସମ୍ମୁଖୀନ ହେବାରେ ଲାଗିଛି। କୋଇଲା ଯୋଗାଣକାରୀମାନେ ୪୦-୫୦% ଅପରେଶନ ଜାରି ରଖିଛନ୍ତି। ୧୫,୦୦୦ରୁ ଅଧିକ ର୍ୟାକ୍‌ର କୋଇଲା ଯୋଗାଣ କରାଯାଉଛି। ୧୫୦୦ରୁ ଅଧିକ କୋଇଲା ର୍ୟାକ୍ ସିପିପି ସହାୟତା ଲାଗି ମହଜୁଦ ରହିଛି। କାର୍ଯ୍ୟ ଜାରି ରଖିଥିବା ପାୱାର ପ୍ଲାଣ୍ଟଗୁଡ଼ିକୁ ଶକ୍ତି ସଞ୍ଚାରଣ ପରିମାଣ କମାଇବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସିପିପି ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ପ୍ରଭାବିତ ହେଉଛନ୍ତି। ଫଳରେ ଫିନିଶଡ୍ ପ୍ରଡକ୍ଟର ଉତ୍ପାଦନ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯଦ୍ଦ୍ୱାରା ଉପଭୋକ୍ତାମାନେ ପ୍ରଭାବିତ ହେଉଛନ୍ତି। ରାଜ୍ୟରେ ଥିବା ପାୱାର ପ୍ଲାଣ୍ଟଗୁଡିକ ବାର୍ଷିକ ୧୫,୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିଥାନ୍ତି। ଏଥିପାଇଁ ବାର୍ଷିକ ୮୩ ନିୟୁତ ଟନ୍ କୋଇଲାର ଆବଶ୍ୟକତା ପଡ଼ିଥାଏ। ଏହା ଓଡ଼ିଶା କୋଇଲା ଉତ୍ପାଦନର ୫୫% । ରାଜ୍ୟର ୬୫% କୋଇଲା ଅନ୍ୟ ରାଜ୍ୟର ପାୱାର ପ୍ଲାଣ୍ଟକୁ ପଠାଯାଉଛି। ଫଳରେ ରାଜ୍ୟର ସ୍ଥାନୀୟ ଶିଳ୍ପସଂସ୍ଥା କୋଇଲାର ମାତ୍ର ୩୫% ପାଇପାରୁଛନ୍ତି।

# ଇଣ୍ଡିଆ ନେକ୍ସଟ୍‌ର ପଞ୍ଚମ ସଂସ୍କରଣ

ଭୁବନେଶ୍ୱର,୧୧।୧

ଦେଶର ଅଗ୍ରଣୀ ଗ୍ରେ ସିମେଣ୍ଟ, ହ୍ୱାଇଟ୍ ସିମେଣ୍ଟ ଏବଂ ରେଡି-ମିକ୍ସ କଂକ୍ରିଟ୍ ଅଲ୍ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ଇଞ୍ଜିନିୟରିଂ ଏବଂ ଆର୍କିଟେକଚର ଶିକ୍ଷାର୍ଥୀ ପ୍ରତିଭା ଅନ୍ୱେଷଣ ପାଇଁ ଇଣ୍ଡିଆ ନେକ୍ସଟ୍‌ର ୫ମ ସଂସ୍କରଣ ପାଇଁ ଏଣ୍ଟ୍ରି ଆହ୍ୱାନ କରାଯାଉଛି। ଚଳିତ ବର୍ଷର ଇନିସିଏଟିଭ୍ 'ବିଲ୍ଡ ୱିଥ୍ ସ୍କିଡ୍' ରହିଛି। ଏହାର ପ୍ରତିଯୋଗୀମାନେ ଗ୍ରାମୀଣ ଏବଂ ସହରୀ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ପାଇଁ ଇନୋଭେଟିଭ୍ ଡିଜାଇନିଂ ପ୍ରସ୍ତୁତ କରି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ହାସଲ ପାଇଁ ଦେଶକୁ ସହାୟତା ଯୋଗାଇଦେବେ। 'ବିଲ୍ଡ ୱିଥ୍ ସ୍କିଡ୍' ଦ୍ୱାରା ହୋମ୍ ଡିଜାଇନିଂ ଲାଟେଷ୍ଟ ଜ୍ଞାନକୌଶଳ, ପ୍ରଣାଳୀ ଏବଂ ଉପଲବ୍ଧ ମ୍ୟାଟେରିଆଲ ଆଧାରରେ ପ୍ରସ୍ତୁତ କରାଯାଇ ଭାରତ ବିକାଶ ଲକ୍ଷ୍ୟକୁ ତ୍ୱରାନ୍ୱିତ କରାଯିବ। ସମୟ ଭିତ୍ତିକ ସ୍ଥିତିରେ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବା ଲକ୍ଷ୍ୟକୁ ହାସଲ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ଏହାକୁ ବିଶେଷଜ୍ଞ ଆର୍କିଟେକଚର କମିଟି ପ୍ୟାନେଲ ଦ୍ୱାରା ବିଭିନ୍ନ ମାନକ ଆଧାରରେ ଯାଞ୍ଚ କରାଯିବ। ମାନକ ମଧ୍ୟରେ ସ୍ଥିତିନିର୍ମାଣ, ସୃଜନଶୀଳତା, ଦୀର୍ଘସ୍ଥାୟୀ ପ୍ରକଳ୍ପ, ଜ୍ଞାନକୌଶଳ ଏବଂ ମ୍ୟାଟେରିଆଲ ବ୍ୟବହାର, ସ୍କାଲାବିଲିଟି ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଣ୍ଟ୍ରିଦାଖଲର ଅନ୍ତିମ ତାରିଖ ଜାନୁୟାରୀ ୩୧ ରହିଛି।

**OFFICE OF THE CDM & PHO, SUNDARGARH**

Notice No. 127/PH — Date: 07.01.2022

**TENDER CALL NOTICE**

No. E-819: Sealed tenders are invited from intending agencies/suppliers/hoteliers/caterers/individuals for **[A. Supply of Food catering Services (Meals, Tiffin, Snacks, Teas, Coffee etc.) & B. Hotel accommodation Services]**. Details regarding supply as per need and the term & conditions of the tender may be download from the district website **www.sundergarh.nic.in**. **The bidders should apply with separate bid documents for Food Catering Services and Hotel Accommodation Services.** The tender should reach the office of the undersigned on or before 17.01.2022 through **Speed Post/Registered Post/ Courier** only. This office will not to entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

Sd./- Chief District Medical & Public Health Officer, Sundargarh

OIPR-10100/11/0036/2122

**GOVERNMENT OF ODISHA** No.B-994

**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**

Phone:- 06842 254004 | E-mail: sernbphulbani@gmail.com

**INVITATION FOR BIDS (IFB)**

**Bid Identification No. CCE-(R&B)-PLB-15/2021-22**

No. 43 Dated: 10.01.2022

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of Work | :- | Building Works |
| 3 | No. of tenders | :- | Five Nos. |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | B Class & A Class |
| 6 | Date & Time of sale & receipt of bids | :- | 10.00 AM of 16.02.2022 to 5.00 PM of 03.03.2022 |
| 7 | Date of Opening of bid | :- | 11.00 AM of 04.03.2022 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer, Phulbani (R&B) Circle, Phulbani

OIPR-34129/11/0022/2122

**MANE PADANTI**

ମନେ ପଡ଼ନ୍ତି



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ପ୍ରଦୀପ କୁମାର ସାହା
ସମସ୍ତେ କେତେ ଝୁରୁଛନ୍ତି ତୁମର ସେ ସ୍ନେହବୋଳା କଥାକୁ, ଯେଉଁଠି ଥାଅ ତୁମ ଘରକୁ ଚାହିଁ ଥାଅ ଆଶୀର୍ବାଦର ଧାରା ଅଜାଡ଼ି ଦେଉଥାଅ ।
-:ଶୋକସନ୍ତପ୍ତ: ପରିବାର, ବନ୍ଧୁ ଓ ପରିଜନ ।
ଧ-୨୨୮୨୪



ସ୍ମୃତି ତର୍ପଣ
ନିତ୍ୟାନନ୍ଦ ପାତ୍ରୀ
ସମସ୍ତେ ଅନୁପ୍ରାଣିତ । ଯେଉଁଠାରେ ଥିଲେ ବି ଆପଣ ଶାନ୍ତିରେ ଥା'ନ୍ତୁ । ଆପଣଙ୍କର ଆଶିର୍ବାଦ ଆମର ଏକାନ୍ତ କାମ୍ୟ । ପ୍ରଭୁଙ୍କ ପାଖରେ ଆମର ଏତିକି ପ୍ରାର୍ଥନା ।
॥ ଇତି ॥
ଆପଣଙ୍କର ପରିବାର ବର୍ଗ
ଧ-୨୨୮୨୦



ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ଉର୍ମିଳା ତ୍ରିପାଠୀ
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକ ସନ୍ତପ୍ତ ପରିବାରବର୍ଗ
ମୋ : ୮୭୬୩୬୬୮୭୬୦
ଧ-୨୨୮୧୯



ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ସ୍ୱର୍ଗତ ଗୋପାଳ ମହାପାତ୍ର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ ।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୨୮୧୮

# ହାୟରର ନୂତନ ଉତ୍ପାଦ 'ଏମ୍ଓ'

ଭୁବନେଶ୍ୱର,୧୧।୧

ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସେସ୍ ଓ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ହାୟର୍ ପକ୍ଷରୁ ଏହାର ନୂତନ କନ୍‌ଭେକ୍ସନ ମାଇକ୍ରୋୱେଭ୍ ଓଭନ୍ (ଏମଓ) ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଯାହାକୁ ସ୍ୱତନ୍ତ୍ର ରୂପେ ଏକ କମ୍ପାକ୍ଟ ଓ ଭର୍ସାଟାଇଲ ଡିଜାଇନ୍‌ରେ ଆଧୁନିକ ଭାରତୀୟ ରୋଷେଇ ଘରଗୁଡିକ ପାଇଁ ନିର୍ମାଣ କରାଯାଇଛି। ଟେକ୍ନୋଲୋଜି ଓ ସୌନ୍ଦର୍ଯ୍ୟତାର ଏକ ଉପଯୁକ୍ତ ସମ୍ମିଶ୍ରଣ ରହିଛି। ଏହି ମାଇକ୍ରୋୱେଭ୍ ଓଭନ୍ ଏକ ସମ୍ପୂର୍ଣ୍ଣ ବ୍ଲାକ୍ ଫିନିଶ୍ ବଡି ଓ ଡିଜିଟାଲ ଡିସ୍‌ପ୍ଲେରେ ଏକ ଲାଲ୍ ରଙ୍ଗର ହ୍ୟାଣ୍ଡେଲ୍ ସହିତ ଆସୁଛି, ଯାହା ଆଧୁନିକ ରୋଷେଇ ଘରଗୁଡିକର ଇଂଟେରିୟରକୁ ପରିପୂର୍ଣ୍ଣ କରୁଛି। ଉପଭୋକ୍ତାମାନେ ନିଜର ଧ୍ୟାନକୁ ସ୍ୱାସ୍ଥ୍ୟକର ଓ ଘରୋଇ ରୋଷେଇ ଆଡକୁ ସ୍ଥାନାନ୍ତର କରିବା ସହିତ ହାୟର୍‌ର ଅଭିନବ ଟେକ୍ନୋଲୋଜି ସେମାନଙ୍କୁ ପନୀର/ଘିଅ/ଦହି ଫଙ୍କସନ ଏବଂ ତଡ୍‌କା ଓ କରୀ କୁକିଙ୍ଗ ବିକଳ୍ପ ଭଳି ସ୍ୱତବ ଫିଚର ସହିତ ପରୀକ୍ଷଣ କରିବାକୁ ଅନୁମତି ଦେଉଛି। ଏ ସମ୍ପର୍କରେ ହାୟର୍ ଆପ୍ଲାଏନ୍ସେସ୍ ଇଣ୍ଡିଆର ଅଧ୍ୟକ୍ଷ ଏରିକ୍ ବ୍ରାଗାଞ୍ଜା କହିଛନ୍ତି ଯେ, ହାୟର୍‌ରେ ଆମେ ସବୁବେଳେ ଆମର ଉପଭୋକ୍ତାମାନଙ୍କ ଇଚ୍ଛା ଦ୍ୱାରା ଅନୁପ୍ରାଣିତ ଉଦ୍ଭାବନଗୁଡିକୁ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛୁ। ମହାମାରୀ ପରବର୍ତ୍ତୀ ଯୁଗ ସ୍ୱାସ୍ଥ୍ୟକର ଓ ଘରେ ରନ୍ଧା ଯାଇଥିବା ଖାଦ୍ୟ ପ୍ରତି ଲୋକମାନଙ୍କର ପସନ୍ଦରେ ଏକ ବୃଦ୍ଧିକୁ ପରିଲକ୍ଷିତ କରିଛି। ହାୟର୍‌ର ନୂଆ ମାଇକ୍ରୋୱେଭ୍ ଓଭନ୍ ମେଗାଟ୍ରନ୍ ଉପରେ ୩ ବର୍ଷର ୱାରେଣ୍ଟି ସହ ୧୭,୦୦୦ ଟଙ୍କାରେ ଉପଲବ୍ଧ ହେବ।

**GOVERNMENT OF ODISHA** No.O-1693

**OFFICE OF THE SUPERINTENDING ENGINEER RURAL WORKS DIVISION, ROURKELA**

E-Mail- rw_rourkela@yahoo.co.in

**TENDER CALL NOTICE**

**BID IDENTIFICATION NO. ONLINE-SERKL-28 OF 2021-22**

| | | | |
|---|---|---|---|
| 1. | Name of the Work | :- | Bridge & Building Works |
| 2. | Total No. of works | :- | 6 (Six) Nos. |
| 3. | Estimated cost | :- | Rs.4.42 Lakhs to Rs.15.41 Lakhs |
| 4. | Class of contractor | :- | "D" & "C" Class |
| 5. | Period of completion | :- | 01 (One) & 02 (Two) Calendar Months |
| 6. | Type of Tender | :- | Single Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Rourkela** | **Online-SERKL-28 of 2021-22** | **15.01.2022 from 10.00 A.M.** | **22.01.2022 upto 5.00 P.M.** |

Further details can be seen from the website www.tendersorissa.gov.in

Sd./- Superintending Engineer, RW Division, Rourkela

OIPR-25067/11/0034/2122

**ODISHA LIFT IRRIGATION CORPORATION LTD.**
(A Govt. of Odisha Undertaking)

**OFFICE OF THE EXECUTIVE ENGINEER LIFT IRRIGATION DIVISION, GUNUPUR**

E-mail ID: eeolicgnp@ymail.com

**NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY**

**No. 07/2021-22** — **Dt. 04.01.2022**

No. CAD-2761: Executive Engineer, Lift Irrigation Division, GUNUPUR invites sealed proposals from eligible Bidders (Firms/ Agencies) interested to provide "Facility management Services **"Junior Engineer (Mechanical)"** on outsourcing basis vide a service contract to be engaged at Lift Irrigation Division, GUNUPUR.

Tender documents can be available from the office of the Executive Engineer, Lift Irrigation Division, GUNUPUR during office hours on working days from **Dt.11.01.2022 to Dt.20.01.2022** on application and payment of cost of tender paper Rs. 2000 +GST 5% (non refundable) in shape of **Bank Draft/ Banker's cheque** drawn on any Nationalized Bank in favour of **Executive Engineer, Lift Irrigation Division, GUNUPUR** payable at **GUNUPUR**.

The completed tender documents shall be received at L.I.Division, GUNUPUR by speed post / Registered post / Courier only up to **05.00 P.M. of Dt.20.01.2022** which will be opened at Lift Irrigation, GUNUPUR on **Dt.21.01.2022 at 11.00 AM** in presence of tenderers or their authorized representative if any.

The tender must be accompanied with all required documents / EMD as per DTCN in absence of which the tender will summarily be rejected. The undersigned reserves the right to accept or reject any or all the tenders without assigning any reason thereof.

OIPR-32144/11/0006/2122 — Executive Engineer, L.I. Division, GUNUPUR

**ବନୀକରଣ ଓ ବୃକ୍ଷରୋପଣ ପାଇଁ ରାଜ୍ୟରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କାର**

No. MM-339: ବନୀକରଣ ଓ ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨) ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବିବେଚିତ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସବ୍‌ଡିଭିଜନ ସ୍ତରରେ (ପ୍ରତି ସବ୍‌ଡିଭିଜନରେ ଗୋଟିଏ ଗ୍ରାମ ପଞ୍ଚାୟତ ଏବଂ ଗୋଟିଏ ଶିକ୍ଷାନୁଷ୍ଠାନ) ଯଥାକ୍ରମେ କୋଡ଼ିଏ ହଜାର ଓ ଦଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି। ଉକ୍ତ ପୁରସ୍କାର ଜିଲ୍ଲା ସଦର ମହକୁମାରେ ମାର୍ଚ୍ଚ ୨୧ ତାରିଖ, ୨୦୨୨ରେ ପାଳିତ ହେବାକୁ ଥିବା ବିଶ୍ୱ ବନ ଦିବସ ଉତ୍ସବରେ ଦିଆଯିବ। ଏଥିପାଇଁ କୌଣସି ଗ୍ରାମ ପଞ୍ଚାୟତ ବା ଶିକ୍ଷାନୁଷ୍ଠାନ ଯେ କି ବିଗତ ତିନି ବର୍ଷ ଭିତରେ ପର୍ଯ୍ୟାପ୍ତ ମାତ୍ରାରେ ବୃକ୍ଷରୋପଣ, ବନୀକରଣ, ବନସୁରକ୍ଷା କରିଛନ୍ତି ଓ ଏଥିପାଇଁ ଜନସଚେତନ ବୃଦ୍ଧି କରିବାରେ ସଫଳତା ଅର୍ଜନ କରିଅଛନ୍ତି, ସେମାନେ ନିର୍ଦ୍ଧାରିତ ଫର୍ମରେ ସମ୍ପୃକ୍ତ ରେଞ୍ଜ ଅଫିସରଙ୍କ ନିକଟରେ ୨୫ ଜାନୁୟାରୀ ୨୦୨୨ ସୁଦ୍ଧା ଦରଖାସ୍ତ ଦେଇପାରିବେ। ନିର୍ଦ୍ଧାରିତ ଫର୍ମର ନମୁନା ଓ ଏ ସମ୍ପର୍କିତ ସବିଶେଷ ସୂଚନା ସମ୍ପୃକ୍ତ ଡି.ଏଫ୍.ଓଙ୍କ କାର୍ଯ୍ୟାଳୟରେ ମିଳିପାରିବ।

ଶିଶିର କୁମାର ରଥ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ, ଓଡ଼ିଶା

OIPR-08002/11/0017/2122

**ODISHA LIFT IRRIGATION CORPORATION LTD.**
(A Govt. of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, KEONJHAR**

**E-Procurement Notice - 15/2021-22**

No. CAD-2762 — E-mail: olickjr@gmail.com

**No. 44** — **Dated: 07.01.2022**

1. Name of the Tender Inviting Officer : Executive Engineer, L.I. Division, Keonjhar
2. Name of the Work : Installation, electrification and energisation of 22 Nos. RL L.I. Project in different Block of Keonjhar district.
3. No. of Packages : 20 Nos.
4. Tender Amount : Varies from 27.288 lakhs to 67.308 lakhs
5. Date and time of availability of bid documents in the portal for online bidding : From 10.00 hrs. dated 10.01.2022 to 17.00 hrs. dated 17.01.2022.
6. Last date and time of receipt of bids in the portal upto : 17.00 hrs. Dated 17.01.2022
7. Last date and time of clarification upto : 17.00 hrs. Dated 15.01.2022
8. Date of opening of Technical Bid at : 11.00 hrs. Dated 18.01.2022
9. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in**.
10. Subsequent corrigendum/addendum if required shall be available in the above portal.

Authority reserves the right to reject any or all the tenders, increase or decrease the quantities without assigning any reason thereof.

Sd./- Executive Engineer, L.I. Division, Keonjhar

OIPR-32156/11/0016/2122

**OFFICE OF THE CHIEF EXECUTIVE OFFICER, WATCO**

Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444;
E-mail- mail@watcoodisha.in, md@watcoodisha.in

WATCO No. C-1852

**INVITATION FOR BID (IFB)**

**BID Identification No. WATCO (W) - 34/2021-22 Dtd. 07.01.2022**

**WATCO No. 115 Date 07.01.2022**

1. Name of the work:- **IMPLEMENTATION OF 24X7 WATER SUPPLY TO BARAMUNDA HB COLONY, HIG & JAGANNATH VIHAR AREA OF WARD NO.24, BMC, BHUBANESWAR - UNDER SUJALA DESIGN, CONSTRUCTION, TESTING & COMMISSIONING OF 4.0 LAKH LTR CAPACITY RCC ELEVATED STORAGE RESERVOIR.**
2. Estimated Cost :- Rs.100.00 Lakh
3. Period of completion :- 06 (Six) Months
4. Date & time of availability of bid document in the portal :- From 11.00 AM of Dt.10.01.2022 to 5.00 PM of 19.01.2022
5. Last date/time of receipt of bids in the portal :- 5.00 PM of 19.01.2022
6. Date & time of opening of technical bids :- 12.30 PM of 20.01.2022.
7. Name and address of the Officer Inviting Bid :- CEO, WATCO, Telefax:- 0674-2391444, E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

OIPR-13194/11/0010/2122 — Sd./- CEO, WATCO

## ସଂକ୍ଷେପରେ

### ୱାଶିଂଟନଙ୍କ ଖେଳିବା ନେଇ ସନ୍ଦେହ

**ଚେନ୍ନାଇ, ୧୧।୧ (ପି.ଟି.):** ଭାରତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର କରୋନା ସଂକ୍ରମିତ ହୋଇଛନ୍ତି। ଫଳତଃ ଜାନୁୟାରୀ ୧୯ରୁ ଆରମ୍ଭ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ତାଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାମିଲନାଡୁର ଏହି ୨୨ ବର୍ଷୀୟ ଖେଳାଳିଙ୍କର ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ କୋଭିଡ୍ ଟେଷ୍ଟ ହୋଇଥିଲା। ସେ ଏପର୍ଯ୍ୟନ୍ତ ମୁମ୍ବାଇରେ ଏକାଠି ହୋଇଥିବା ହ୍ୱାଇଟବଲ୍ କ୍ରିକେଟରଙ୍କ ସହ ଯୋଗ ଦେଇନାହାନ୍ତି। ଏହି ଖେଳାଳିମାନେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଦକ୍ଷିଣ ଆଫ୍ରିକା ପ୍ରସ୍ଥାନ କରିବେ ବୋଲି ଭାରତୀୟ କ୍ରିକେଟ ବିସିସିଆଇ ସୂତ୍ରରୁ ଜଣାଯାଇଛି।

### ଶୀର୍ଷରେ ଜାମସେଦପୁର

**ବାମ୍ବୋଲିମ୍, ୧୧।୧:** ଇଣ୍ଡିଆନ ସୁପରଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଜାମସେଦପୁର ଏଫ୍‌ସି ୧-୦ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଇଶାନ ପଣ୍ଡିତ ୮୮ତମ ମିନିଟରେ ଗୋଲ ଦେଇ ଜାମସେଦପୁରକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ଜାମସେଦପୁର ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୧୧ ମ୍ୟାଚରୁ ଏହି ଦଳ ୫ ବିଜୟ ସହ ୧୯ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ବିଜୟ ଶୂନ୍ୟଥିବା ଇଷ୍ଟବେଙ୍ଗଲ ୧୧ ମ୍ୟାଚରୁ ୫ମ ପରାଜୟ ବରଣ କରିଛି।

### ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଶ୍ରୀକାନ୍ତ



**ନୂଆଦିଲ୍ଲୀ, ୧୧।୧:** ଏଠାରେ ଆରମ୍ଭ ହୋଇଥିବା ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀ ମହିଳା ତାରକା ପି.ଭି. ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଯୁବ ମହିଳା ଖେଳାଳି ଅସ୍ମିତା ଚଲିହା ପଞ୍ଚମ ସିଡ୍ ୟେଭଗେନିଆ କୋସେଟ୍‌କାୟାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି। ଅନ୍ୟପଟେ ପୁରୁଷ ସିଙ୍ଗଲ୍ସରେ କିଦାମ୍ବୀ ଶ୍ରୀକାନ୍ତ ମଧ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ଅଣସିଡ୍ ଚାଲିହା ବିଶ୍ୱର ୨୮ ନମ୍ବର ଖେଳାଳି ରୁଷିଆର ୟେଭଗେନିଆଙ୍କୁ ୨୪-୨୨, ୨୧-୧୬ରେ ହରାଇଛନ୍ତି। ସିନ୍ଧୁ ନିଜ ଦେଶର ଶ୍ରୀକ୍ରିଷ୍ଣା ପ୍ରିୟା କୁଡାରାଭାଲିଙ୍କୁ ୨୧-୫, ୨୧-୧୬ରେ ହରାଇଛନ୍ତି। ଶ୍ରୀକାନ୍ତ ପୂର୍ବତନ ବିଶ୍ୱ ଜୁନିୟର ୧ ନଂ ଖେଳାଳି ସିରିଲ ବର୍ମାଙ୍କୁ ୨୧-୧୭, ୨୧-୧୦ରେ ପରାସ୍ତ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ କେ. ସାଇ ପ୍ରତୀକ ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୧୬, ୧୬-୨୧, ୨୧-୧୭ରେ ଈଶାନ ଭଟନାଗର ଓ ତନୀଷା କାଷ୍ଟ୍ରୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### ପାଇରେଟ୍ସ ନମ୍ବର ୱାନ

**ବେଙ୍ଗାଲୁରୁ, ୧୧।୧ (ପି.ଟି.):** ୟୁ ମୁମ୍ବାକୁ ୪୩-୨୩ରେ ପରାସ୍ତ କରି ପାଟଣା ପାଇରେଟ୍ସ ଟିମ୍ ଚଳିତ ପ୍ରୋ କବାଡ଼ି ଲିଗ୍ ପଏଣ୍ଟ ଟେବୁଲ ଶୀର୍ଷକୁ ଉନ୍ନୀତ ହୋଇଛି। ପାଟନା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର ଦଳର କରି ଖେଳିଥିଲା। ଡିଫେଣ୍ଡର ନୀରଜ କୁମାର, ମହମାଦ୍ରେଜା ଶାଦ୍‌ଲୋଇଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ୟୁ ମୁମ୍ବା ଏହାର ଷ୍ଟାର ରେଡର ଅଜିତ କୁମାରଙ୍କ ଅନୁପସ୍ଥିତି ଅନୁଭବ କରିଥିଲା। ଦଳର କର୍ଣ୍ଣର ଡିଫେଣ୍ଡର ଫାଜେଲ ଅଟ୍ରାଚାଲି ଓ ରିଙ୍କ ତ୍ରୁଟିପୂର୍ଣ୍ଣ ପ୍ରଦର୍ଶନ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପଏଣ୍ଟ ଟେବୁଲରେ ଦବଙ୍ଗ ଦିଲ୍ଲୀ କେ. ସି. ଦ୍ୱିତୀୟ ସ୍ଥାନକୁ ଖସି ଆସିଥିବା ବେଳେ ୟୁ. ମୁମ୍ବା ୫ମ ସ୍ଥାନରେ ରହିଛି।

# ଅଷ୍ଟ୍ରେଲିଆ-ସର୍ବିୟା ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

**ମେଲବୋର୍ନ, ୧୧।୧ (ଏପି)**

ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ସର୍ବୀୟ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନରେ ଖେଳିବା ଲାଗି କୋର୍ଟ ଯୁଦ୍ଧରେ ବିଜୟ ଲାଭ କରିଥିଲେ ମଧ ତାଙ୍କୁ ଭିଜା ମିଳିବା ନେଇ ଏବେ ସୁଦ୍ଧା ଅନିଶ୍ଚିତତା ଜାରି ରହିଛି। କୋଭିଡ୍ ଟିକା ନେଇ ନ ଥିବା କାରଣରୁ ତାଙ୍କୁ ଭିଜା ନ ମିଳିଲେ ସେ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇପାରନ୍ତି। ତେବେ ଜୋକୋଭିଚ୍‌ଙ୍କ ଭିଜା ପ୍ରସଙ୍ଗ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ନେଇ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଏବଂ ତାଙ୍କ ସର୍ବିୟା ପ୍ରତିପକ୍ଷ ଆନା ବର୍ନାବିଚ୍‌ଙ୍କ ମଧ୍ୟରେ ଟେଲିଫୋନ ଜରିଆରେ ଆଲୋଚନା ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା

**ଜୋକୋଭିଚ୍‌ଙ୍କ ଭିଜା ପ୍ରସଙ୍ଗ**

ଜୋକୋଭିଚ୍ ସର୍ବିୟାର ଜଣେ ଲୋକପ୍ରିୟ ଖେଳାଳି। ଦେଶରେ ତାଙ୍କର ବହୁ ସମର୍ଥକ ରହିଛନ୍ତି। ୩୪ ବର୍ଷୀୟ ଜୋକୋଭିଚ୍‌ଙ୍କ ଭିଜା ପ୍ରସଙ୍ଗରେ ଦୁଇ ପ୍ରଧାନମନ୍ତ୍ରୀ ଯୋଗାଯୋଗରେ ରହିବା ଲାଗି ସହମତ ହୋଇଛନ୍ତି। ଆଲୋଚନା ବେଳେ ମୋରିସନ ସ୍ପଷ୍ଟ କରିଛନ୍ତି ଯେ, ସୀମା ନୀତିରେ ଆମର ଭେଦଭାବ ନାହିଁ। କୋଭିଡ୍ ସମୟରେ ଅଷ୍ଟ୍ରେଲିଆକୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ସର୍ବୀୟ ପ୍ରଧାନମନ୍ତ୍ରୀ ବର୍ନାବିଚ୍ ଟେନିସ ଷ୍ଟାରଙ୍କୁ ଯଥାମାନ୍ୟ ମର୍ଯ୍ୟାଦା ପ୍ରଦାନ ଉପରେ ଜୋର୍ ଦେଇଛନ୍ତି। କୋର୍ଟରେ ବିଜୟ ଲାଭ କରିବାର ମାତ୍ର କେଇ ଘଣ୍ଟା ପରେ ଜୋକୋଭିଚ୍ ଟ୍ରେନିଂ ପାଇଁ ମେଲବୋର୍ନ ଟେନିସ୍ କୋର୍ଟକୁ ଓହ୍ଲାଇ ଥିଲେ। ଅନ୍ୟପକ୍ଷରେ ଜୋକୋଭିଚ୍ ଟୁଇଟ କରି କହିଛନ୍ତି ବିଚାରପତି ତାଙ୍କ ଭିଜା ବାତିଲ ନିଷ୍ପତ୍ତିକୁ ରଦ୍ଦ କରିଦେଇଥିବାରୁ ସେ ଖୁବ୍ ଆନନ୍ଦିତ ଓ କୃତଜ୍ଞ। ଏ ସମସ୍ତ ଘଟଣା ସତ୍ତ୍ୱେ ସେ ଏଠାରେ ରହି ଅଷ୍ଟ୍ରେଲିଆନ ଓପନ ଖେଳିବାକୁ ଚାହାନ୍ତି। ସ୍ଥାନୀୟ ଟେନିସପ୍ରେମୀଙ୍କ ଉପସ୍ଥିତିରେ ଖେଳିବା ମଜା ଅନ୍ୟଠାରୁ ଭିନ୍ନ। କିନ୍ତୁ ଇମିଗ୍ରେଶନ ମନ୍ତ୍ରୀ ଆଲେକ୍ସ ହକ୍ ତାଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ଟେନିସ ଷ୍ଟାରଙ୍କୁ ପ୍ରତ୍ୟର୍ପଣ କରିବାକୁ ବର୍ତ୍ତମାନ ବିଚାର କରୁଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଭାଗ ନେବା ଲାଗି ଜୋକୋଭିଚ୍ ଗୁରୁବାର ପ୍ରତ୍ୟୁଷରେ ମେଲବୋର୍ନ ବିମାନବନ୍ଦରରେ ପହଞ୍ଚିବାର କିଛିଘଣ୍ଟା ପରେ ଜଣେ ସୀମା ଅଧିକାରୀ (ବର୍ଡର ଅଫିସିଆଲ) ଜୋକୋଭିଚ୍‌ଙ୍କ ଭିଜାକୁ ବାତିଲ କରିଦେଇଥିଲେ। ସୀମା ଅଧିକାରୀମାନଙ୍କ ପ୍ରକ୍ରିୟାଗତ ତ୍ରୁଟି ଥିବା ଦର୍ଶାଇ ବିଚାରପତି ସୋମବାର ଭିଜା ବାତିଲକୁ ରଦ୍ଦ କରିଦେଇଥିଲେ। ସେ ପର୍ଯ୍ୟନ୍ତ ଜୋକୋଭିଚ୍ ମେଲବୋର୍ନ ସ୍ଥିତ ଏକ କ୍ୱାରାଣ୍ଟାଇନ୍ ହୋଟେଲ ରୁମ୍‌ରେ ଅଟକ ଥିଲେ। ଗତ ମାସରେ କରୋନା ସଂକ୍ରମିତ ହୋଇଥିବାରୁ ଟିକା ପ୍ରସଙ୍ଗରେ ଟୁର୍ନାମେଣ୍ଟ ଆୟୋଜକ ଟେନିସ ଅଷ୍ଟ୍ରେଲିଆ ଜୋକୋଭିଚ୍‌ଙ୍କୁ ଡାକ୍ତରୀ ରିହାତି ପ୍ରଦାନ କରିଥିଲା। କିନ୍ତୁ ସର୍ବୀୟ ଖେଳାଳି ଜଣେ ଅଣନାଗରିକ ହୋଇଥିବାରୁ ନ୍ୟାଶନାଲ ଭ୍ୟାକ୍ସିନେଶନ ନିୟମ ଅନୁସାରେ ତାଙ୍କୁ ରିହାତି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ଅଷ୍ଟ୍ରେଲିଆର ସୀମା ବାହିନୀ (ବର୍ଡର ଫୋର୍ସ)ଅଫିସିଆଲମାନେ ଦର୍ଶାଇଥିଲେ। ଜୋକୋଭିଚ୍‌ଙ୍କ ଭିଜା ବାତିଲ ହେବାପରେ ସମାନ କାରଣରୁ ଚେକ୍ ରିପବ୍ଲିକ ଟେନିସ ଖେଳାଳି ରେନାଟା ଭୋରାକୋଭା ଏବଂ ଜଣେ ୟୁରୋପିଆନ ଟେନିସ ଅଫିସିଆଲଙ୍କୁ ପ୍ରତ୍ୟର୍ପଣ କରାଯାଇଛି। ଭିଜା ବିବାଦକୁ ନେଇ ମୋରିସନଙ୍କ ରକ୍ଷଣଶୀଳ ସରକାର ଟେନିସ ଅଷ୍ଟ୍ରେଲିଆକୁ ଦାୟୀ କରିଛି। ଅଷ୍ଟ୍ରେଲିଆର କୋଭିଡ୍ ନିୟମ ସମ୍ପର୍କରେ ଟେନିସ ଅଷ୍ଟ୍ରେଲିଆ ଖେଳାଳିମାନଙ୍କୁ ଭଲରୂପେ ଅବଗତ କରିନାହିଁ। ଏଣେ ଟେନିସ ଅଷ୍ଟ୍ରେଲିଆ ପାଲଟା ଦୋଷାରୋପ କରିଛି। ବିମାନ ଚଢ଼ିବା ପୂର୍ବରୁ ଜୋକୋଭିଚ୍ ଓ ଅନ୍ୟ ଖେଳାଳିମାନଙ୍କ ଭିଜା କାଗଜପତ୍ର ଯାଞ୍ଚ କରିବା କାର୍ଯ୍ୟ ହେଉଛି ସ୍ୱରାଷ୍ଟ୍ର ବ୍ୟାପାର ବିଭାଗର। ମାତ୍ର ଏହି କାର୍ଯ୍ୟ ସେମାନେ ଠିକଣାରୂପେ ତୁଲାଉ ନାହାନ୍ତି।

ଫେଡେରାଲ ସର୍କିଟ କୋର୍ଟ ଦ୍ୱାରା ଡକ୍ୟୁମେଣ୍ଟ ରିଲିଜ ହେବା ପରେ ଦେଶକୁ ପ୍ରବେଶ ଲାଗି ଜୋକୋଭିଚ୍ ଯେଉଁ ଆବେଦନ ପତ୍ର ଦାଖଲ କରିଥିଲେ ତାହାକୁ ନେଇ ନୂଆ ପ୍ରଶ୍ନ ଉଠିଛି। ମଣ୍ଟେ କାର୍ଲୋ ବାସିନ୍ଦା ଅବସ୍ଥାନ କରୁଥିବା ଏହି ଟେନିସ ଷ୍ଟାର ମେଲବୋର୍ନରେ ପହଞ୍ଚିବା ପୂର୍ବରୁ ୧୪ ଦିନ ପୂର୍ବରୁ ଅନ୍ୟ କୌଣସି ସ୍ଥାନକୁ ଗସ୍ତ କରି ନ ଥିବା ଅଷ୍ଟ୍ରେଲିଆନ ଟ୍ରାଭେଲ ଡିକ୍ଲାରେଶନ ଫର୍ମରେ ଉଲ୍ଲେଖ କରିଥିଲେ। ମାତ୍ର ପୂର୍ବତନ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଖ୍ରିଷ୍ଟମାସ ଦିବସରେ ସର୍ବୀୟ ରାଜଧାନୀ ବେଲଗ୍ରେଡ୍‌ର ଷ୍ଟ୍ରିଟ୍‌ରେ ଟେନିସ ଖେଳୁଥିବା ଏବଂ ଡିସେମ୍ବର ୩୧ରେ ସ୍ପେନରେ ଟ୍ରେନିଂ ନେଉଥିବା ଦୃଶ୍ୟର ଫଟୋ ଉତ୍ତୋଳନ ହୋଇଛି ଯାହାକି ଏହି ୧୪ ଦିନ ମଧ୍ୟରେ ରହିଥିଲା ବୋଲି କୁହାଯାଉଛି। ଏହା ଯଦି ସତ୍ୟ ପ୍ରମାଣିତ ହୁଏ ତେବେ ଗୁରୁତର ଅପରାଧ ବିବେଚନା କରାଯିବ। ଏଥିପାଇଁ ଜରିମାନା ଦଣ୍ଡ ବ୍ୟବସ୍ଥା ରହିଛି।



## ଅଭ୍ୟାସ ଆରମ୍ଭ କଲେ ନୋଭାକ୍

ଭିଜା ସଙ୍କଟ ହଟି ନ ଥିଲେ ମଧ ଅଷ୍ଟ୍ରେଲିଆନ ଓପନ୍ ପାଇଁ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ମେଲବୋର୍ନ ପାର୍କରେ ଦୁଇ ଦିନ ହେଲା ଅଭ୍ୟାସ କରିଛନ୍ତି। କୋଭିଡ୍ ଟିକା ନେଇ ନ ଥିବାରୁ ଏଠାରେ ଗତଥର ଚାମ୍ପିୟନ ସର୍ବୀୟ ଖେଳାଳି କୋର୍ଟରେ ବିଜୟ ଲାଭ କରିଥିଲେ ମଧ ପ୍ରତ୍ୟର୍ପଣର ଆଶଙ୍କା ରହିଛି। କୋର୍ଟ ସୋମବାର ଜୋକୋଭିଚ୍‌ଙ୍କ ଭିଜା ବାତିଲକୁ ରଦ୍ଦ କରିଦେବାର କେଇ ଘଣ୍ଟା ପରେ କୋକୋଭିଚ୍ ମେଲବୋର୍ନ ପାର୍କରେ ତାଙ୍କ ଅଭ୍ୟାସ ଆରମ୍ଭ କରିଥିଲେ। ମଙ୍ଗଳାର ସେ ରଡ୍ ଲାଭର ଆରେନାରେ କେବଳ ତାଙ୍କ ସପୋର୍ଟ ଟିମ୍‌କୁ ଅନୁମତି ଥିଲା। କୋର୍ଟରେ ସେ ଜଣେ ଟ୍ରେନରଙ୍କ ସହ ବ୍ୟାୟାମ କରିଥିଲେ। ତାଙ୍କ କୋଚ୍‌ଙ୍କ ପରାମର୍ଶ କ୍ରମେ ସେ ବେସ୍‌ଲାଇନ୍ ପଛପଟୁ ଶଟ୍ ଲଗାଇଥିଲେ। ଏଣେ ଆସନ୍ତା ସୋମବାରଠାରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆନ ଓପନ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଖେଳାଳିଙ୍କ ସିଡିଂ ଘୋଷଣା କରାଯାଇଛି। ପୁରୁଷ ସିଙ୍ଗଲ୍ସରେ ନୋଭାକ ଜୋକୋଭିଚ୍ ଏବଂ ମହିଳା ବିଭାଗରେ ଆସଲେ ବାର୍ଟି ଟପ୍‌ସିଡ୍ ବିବେଚିତ ହୋଇଛନ୍ତି।

# ପାରାମାଉଣ୍ଟ-ରାମେଶ୍ୱର ଫାଇନାଲ



ଏସ.କେ. ନକିବ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୧।୧ (କ୍ରୀଡ଼ା ପ୍ରତିନିଧି):** ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରୀନ୍ସ ଏକାଡେମୀକୁ ହରାଇ ପାରାମାଉଣ୍ଟ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଆୟୋଜକ ରାମେଶ୍ୱର ଓ ପାରାମାଉଣ୍ଟ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିଥିଲା। ପ୍ରତିପକ୍ଷ ଦଳର ଏ. ଚାନ୍ଦ ୧୧ ରନରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗ୍ରୀନ୍ସ ୩୧ ଓଭରରେ ୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ଜୁନିୟର କ୍ରିକେଟ ମୁଖ୍ୟ କୋଚ୍ ରଶ୍ମି ରଞ୍ଜନ ପରିଡ଼ା ଅତିଥିଭାବେ ଯୋଗଦେଇ ନକିବଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ




ବିପ୍ଳବ ସାମନ୍ତରାୟଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନେଶ୍ୱର, ୧୧।୧ (କ୍ରୀଡ଼ା ପ୍ରତିନିଧି):** କେଶୁରା ଖେଳପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୯୯ ରନ୍‌ରେ ଭୁବନେଶ୍ୱରର ପାରାମାଉଣ୍ଟକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ ବିପ୍ଳବ ସାମନ୍ତରାୟଙ୍କ (୧୦୧ ରନ୍) ଦ୍ରୁତ ଶତକ ସତ୍ତ୍ୱେ ୩୩.୪ ଓଭରରେ ୨୩୦ ରନ୍ କରି ଅଲ୍‌ଆଉଟ ହୋଇଥିଲା। ୨୩୧ ରନ୍‌ର ବିଜୟ ଲକ୍ଷ୍ୟରେ ପାରାମାଉଣ୍ଟ ୨୪ ଓଭର ଖେଳି ୧୩୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ସୁଶାନ୍ତ ରଥ ଅତିଥିଭାବେ ଯୋଗଦେଇ ବିପ୍ଳବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ। ଶରତ ଚନ୍ଦ୍ର ସାହୁ ଓ ସୁଶାନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହେବ।

# ନ୍ୟୁଜିଲାଣ୍ଡର ଇନିଂସ ବିଜୟ

**ଟେଷ୍ଟ ସିରିଜ ଅମୀମାଂସିତ**

**ଖ୍ରୀଷ୍ଟଚର୍ଚ୍ଚ,୧୧।୧**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ଏକ ଇନିଂସ ଓ ୧୧୭ ରନରେ ବିଜୟ ହାସଲ କରିଛି। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି। ପ୍ରଥମ ଇନିଂସରେ ୨୫୨ ରନର ଦ୍ୱିଶତକୀୟ ଇନିଂସ ଖେଳିଥିବା ନ୍ୟୁଜିଲାଣ୍ଡ ଓପନର ତଥା ଅଧିନାୟକ ଟମ୍ ଲାଥମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଦୁଇଟି ଯାକ ମ୍ୟାଚ୍‌ରେ ଶତକ ହାସଲ କରି ସ୍ଥିର ପ୍ରଦର୍ଶନ କରିଥିବା ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଡେଭନ କନୱେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୫୨୧ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ବାଂଲାଦେଶ ୧୨୬ ରନରେ ଅଲଆଉଟ ହେବା ସହ ଫଲୋଅନ ହୋଇଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସ ଆରମ୍ଭ କରି ମ୍ୟାଚ୍‌ର ତୃତୀୟ ଦିବସରେ ୨୭୮ ରନକରି ଅଲଆଉଟ ହୋଇ ଇନିଂସ ପରାଜୟ ବରଣ କରିଥିଲା। ସୋମବାର ଦ୍ୱିତୀୟ ଦିବସରେ ବାଂଲାଦେଶ ପ୍ରଥମ ଇନିଂସର ପରିସମାପ୍ତି ଘଟିଥିଲା। ତୃତୀୟ ଦିବସରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସାମାନ୍ୟ ସଂଘର୍ଷ କରିଥିଲେ ମଧ ମିଡିଲ ଅର୍ଡର ବ୍ୟାଟର ଓ ଟେଲ ଏଣ୍ଡରମାନେ ନିରାଶ କରିଥିଲେ। ଦଳ ତରଫରୁ ଲିଟନ ୧୧୪ଟି ବଲର ସମ୍ମୁଖୀନ ହୋଇ କ୍ରିଜରେ ୧୮୯ ମିନିଟ୍ ଉପସ୍ଥିତ ରହି ୧୪ ଚୌକା ଓ ୧ ଛକା ସହ ୧୦୨ ରନର ଶତକ ହାସଲ କରି କାଏଲ ଜେମିସନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୨୮.୫ ଓଭରରେ ୫୨୧/୬ ଇନିଂସ ଘୋଷଣା। ବାଂଲାଦେଶ ପ୍ରଥମ ଇନିଂସ- ୪୧.୨ ଓଭରରେ ୧୨୬ ଅଲଆଉଟ। ବାଂଲାଦେଶ ଦ୍ୱିତୀୟ ଇନିଂସ (ଫଲୋଅନ୍)- ୭୯.୩ ଓଭରରେ ୨୭୮ ଅଲଆଉଟ (ଲିଟନ- ୧୦୨, ମୋମିନୁଲ- ୩୭, ନୁରୁଲ- ୩୬, ସାଣ୍ଟୋ- ୨୯, ନଇମ- ୨୪, ଶଦମାନ- ୨୧, ଜେମିସନ- ୪/୮୨, ୱାଗନର- ୩/୭୭)।

# କ୍ରିସ୍ ମୋରିସଙ୍କ ଅବସର



**ଜୋହାନ୍ସବର୍ଗ, ୧୧।୧ (ପି.ଟି.):** ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ ମଙ୍ଗଳବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏବେ ସେ ଘରୋଇ ଦଳ ଟାଇଟାନ୍ସର କୋଚ୍ ଭାବେ କାର୍ଯ୍ୟ କରିବେ। ୩୪ବର୍ଷୀୟ କ୍ରିକେଟର ସୋସିଆଲ ମିଡିଆରେ ଏ ବିଷୟ ଘୋଷଣା କରିଛନ୍ତି। ଡାହାଣହାତୀ ପେସ୍ ବୋଲର ତଥା ବିସ୍ଫୋରକ ବ୍ୟାଟର ମୋରିସ ୨୦୧୬ରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ଚାରୋଟି ପାରମ୍ପରିକ ଫର୍ମାଟ ଗେମ୍‌ରେ ୧୭୩ ରନ କରିଥିବା ବେଳେ ୧୨ ଉଇକେଟ ଅକ୍ତିଆର କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ୪ଟି ଟେଷ୍ଟ ବ୍ୟତୀତ ୪୨ ଅନ୍ତର୍ଜାତୀୟ ଦିନିକିଆ, ୨୩ ଟି୨୦ ଖେଳି ଯଥାକ୍ରମେ ୪୮ ଓ ୩୪ ଉଇକେଟ ଅକ୍ତିଆର କରିଥିଲେ। ମୋରିସ ଦିନିକିଆରେ ୪୬୭ ରନ ଏବଂ ଟି୨୦ରେ ୧୩୩ରନ ସଂଗ୍ରହ କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମୋରିସ ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ୍ ତରଫରୁ ଖେଳିଛନ୍ତି। ଜଣେ ଦକ୍ଷିଣ ଆଫ୍ରିକୀୟ ଖେଳାଳି ହିସାବରେ ମୋରିସ ଆଇପିଏଲ୍‌ରୁ ସବୁଠାରୁ ଅଧିକ ଆୟ କରିପାରିଛନ୍ତି। ୨୦୧୩ ଖେଳାଳି ନିଲାମରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୩.୩୨ କୋଟି ଟଙ୍କାରେ କ୍ରୟ କରିଥିଲା।

# ଭାରତୀୟ ଦଳରେ ଓଡ଼ିଶାର ମନୀଷା, ପ୍ୟାରୀ



ମନୀଷା ପାନ୍ନା ଓ ପ୍ୟାରୀ ଖାଖା।

**ନୂଆଦିଲ୍ଲୀ, ୧୧।୧(ପି.ଟି.)**

ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ମଙ୍ଗଳବାର ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ମନୀଷା ପାନ୍ନା ଓ ପ୍ୟାରୀ ଖାଖା ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଯଦିଓ ଅଧିନାୟିକାଙ୍କ ନାମ ଘୋଷଣା ହୋଇନାହିଁ ତେବେ ଅଭିଜ୍ଞ ଲୋଇଟୋଙ୍ଗବାମ ଆଶାଲତା ଦେବୀ ଏହା ମହାଦେଶୀୟ ଟୁର୍ନାମେଣ୍ଟରେ ଦଳର ନେତୃତ୍ୱ ନେବା ଆଶା କରାଯାଉଛି। ମହାରାଷ୍ଟ୍ରର ୩ଟି ଭେନ୍ୟୁରେ ଏହି ସମ୍ମାନଜନକ ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ଭାରତୀୟ ଦଳ**

ଗୋଲକିପର: ଅଦିତି ଚୌହାନ, ମାଇବାମ୍ ଲିନ୍‌ଥୋଇଙ୍ଗାମ୍ବି ଦେବୀ, ସୌମ୍ୟା ନାରାୟଣସ୍ୱାମୀ।

ଡିଫେଣ୍ଡର: ଡାଲିମା ଚିବର, ସ୍ୱିଟି ଦେବୀ ନାଙ୍ଗବାମ୍, ରିତୁ ରାଣୀ,

**ଏଏଫ୍‌ସି ମହିଳା ଏସିଆନ କପ୍**

ଲୋଇଟୋଙ୍ଗବାମ ଆଶାଲତା ଦେବୀ, ମନୀଷା ପାନ୍ନା, ହେମାମ ଶିଲ୍‌କି ଦେବୀ, ସଞ୍ଜୁ ଯାଦବ।

ମିଡ୍‌ଫିଲ୍ଡର: ୟୁମନାମ କମଳା ଦେବୀ, ଅଞ୍ଜୁ ତମାଙ୍ଗ, କାର୍ତ୍ତିକା ଅଙ୍ଗାମୁଥୁ, ନୋଙ୍ଗ୍‌ମେଇଥେମ ରତ୍ନବାଳା ଦେବୀ, ନାଓରେମ ପ୍ରିୟଙ୍କା ଦେବୀ, ଇନ୍ଦୁମତି କାଥିରେସନ।

ଫରୱାର୍ଡ: ମନୀଷା କଲ୍ୟାଣ, ଗ୍ରେସ୍ ଡାଙ୍ଗମେଇ, ପ୍ୟାରୀ ଖାଖା, ରେଣୁ, ସୁମତି କୁମାରୀ, ସନ୍ଧ୍ୟା ରଙ୍ଗନାଥନ, ମାରିୟାମ୍ମାଳ ବାଲାମୁରୁଗାନ।

ମୁଖ୍ୟ କୋଚ୍: ଥୋମାସ ଡେନର୍ବି।

# ଏକା ଲଢ଼ିଲେ କୋହଲି

**ତୃତୀୟ ଟେଷ୍ଟ**

**କେପ୍ ଟାଉନ, ୧୧।୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ନ୍ୟୁଲ୍ୟାଣ୍ଡ୍ସର ଗ୍ରୀନ୍ ପିଚ୍‌ରେ ତିଷ୍ଠି ରହିବା ପାଇଁ ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ସଂଘର୍ଷ କରିଥିବାବେଳେ ଅଧିନାୟକ ବିରାଟ କୋହଲି ଏକା ଲଢ଼େଇ କରି ଦଳୀୟ ସ୍କୋରକୁ ସମ୍ମାନଜନକ ୨୨୩ରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ଦିବସ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୧ ଉଇକେଟ ହରାଇ ୧୭ ରନ୍ ସଂଗ୍ରହ କରିଛି। ଅଧିନାୟକ ଡିନ୍ ଏଲଗାର ୩ ରନ୍ କରି ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ଆଉଟ ହୋଇଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ବିରାଟ। ଦୁଇ ଓପନର ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲ ୧୧ ଓଭର ପର୍ଯ୍ୟନ୍ତ ତିଷ୍ଠି ରହିଥିଲେ ହେଁ ଧିମା ଆରମ୍ଭ କରିଥିଲେ। ୧୨ତମ ଓଭରର ଦ୍ୱିତୀୟ ବଲ୍‌ରେ ରାହୁଲଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ଡୁଆନେ ଓଲିଭର। ରାହୁଲ ୧୨ ଓ ଅଗ୍ରୱାଲ ୧୫ ରନ୍ କରି ପ୍ୟାଭିଲିୟନ ଫେରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବିରାଟ କୋହଲି।

ତୃତୀୟ ଉଇକେଟରେ ଚେତେଶ୍ୱର ପୂଜାରା ଓ କୋହଲି ୬୨ ରନ୍ ଯୋଗକରି ଇନିଂସ ସମ୍ଭାଳିଥିଲେ। ମାତ୍ର ପୂଜାରା ୭୭ ବଲ୍‌ରୁ ୪୩ ରନ୍ କରି ଆଉଟ୍ ହେବାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିଥିଲା। ମାତ୍ର ବିରାଟ ଏକାକୀ ଲଢ଼େଇ ଜାରି ରଖି ୪ର୍ଥ ଉଇକେଟରେ ଅଜିଙ୍କ୍ୟ ରାହାନେ (୯ ରନ)ଙ୍କ ସହ ୨୧, ୫ମ ଉଇକେଟରେ ରିଷଭ ପନ୍ତ(୨୭)ଙ୍କ ସହ ୫୧ ଓ ୭ମ ଉଇକେଟରେ ଶାର୍ଦ୍ଦୁଳ ଠାକୁର(୧୨)ଙ୍କ ସହ ୩୦ ରନ୍‌ର ଭାଗୀଦାରି ଗଢ଼ିଥିଲେ। ୨୦୧ ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ଅଧିନାୟକ ୧୨ ଚୌକା ଓ ୧ ଛକା ସହାୟତାରେ ୭୯ ରନ୍ କରି କାଗିଶୋ ରାବାଡ଼ାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ରାବାଡ଼ା ସର୍ବାଧିକ ୪ଟି, ମାର୍କୋ ଜାନସେନ ୩ଟି ଓ ଡୁଆନେ ଓଲିଭର, ଲୁନ୍‌ଗି ଏନ୍‌ଗିଡ଼ି ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୩/ଅଲଆଉଟ (ବିରାଟ କୋହଲି-୭୯, ଚେତେଶ୍ୱର ପୂଜାରା-୪୩, ରିଷଭ ପନ୍ତ-୨୭, କାଗିଶୋ ରାବାଡ଼ା-୪/୭୩, ମାର୍କୋ ଜାନସେନ-୩/୫୫, ଡୁଆନେ ଓଲିଭର-୧/୪୨, ଲୁନ୍‌ଗି ଏନ୍‌ଗିଡ଼ି-୧/୩୩, କେଶବ ମହାରାଜ-୧/୧୪)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୭/୧।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଜାନୁୟାରୀ ୧୨/୨୦୨୨ (୮+୪=୧୨ ପୃଷ୍ଠା) | Dhenkanal, Wednesday, January 12/2022 | ପୃଷ୍ଠା-୧





**ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା**

ବଲିଉଡ୍‌ର ଅନ୍ୟତମ ସଫଳ ଅଭିନେତା ଆୟୁଷ୍ମାନ ଖୁରାନା ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି।

୦୨

୦୪

**ବଜେଟ ଅଧିବେଶନ ପାଇଁ ଜରୁରୀ ବ୍ୟବସ୍ଥା କରାଯାଉଛି**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପାର୍ଲାମେଣ୍ଟ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ବଜେଟ ଅଧିବେଶନ ପାଇଁ ଜରୁରୀ ବ୍ୟବସ୍ଥା କରାଯାଉଛି ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।




# ବେଆଇନ ଖନନ ରାଜସ୍ୱ ଚୋରି: ଏନ୍‌ଜିଟି

## ବାଲି ଚୋରା ଚାଲାଣକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କର

**ଯାଜପୁର ଅଫିସ,୧୧।୧**

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ମସୁଦପୁର ମୌଜାରେ ଚାଲିଥିବା ବେଆଇନ ବାଲି ଖାଦାନ ମାମଲା ଉପରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବେଆଇନ ବାଲି ଉତ୍ତୋଳନକାରୀ କେବଳ ବାୟୁ, ଜଳ, ଭୂତଳ ଏବଂ ପରିବେଶ ପ୍ରଦୂଷଣ କରୁ ନାହାନ୍ତି ବରଂ ମହାଜନୀ କାରବାର କରୁଛନ୍ତି। ବେଆଇନ ଖନନ ହେଉଛି ରାଜସ୍ୱ ଚୋରି। ତେଣୁ ଜରିମାନା ବାବଦକୁ ପୁନଃ ଆକଳନ କରି ଆସନ୍ତା ୧୪।୩।୨୦୨୨ ମଧ୍ୟରେ ଶପଥ ପତ୍ର ଦାଖଲ କରିବାକୁ ଏନ୍‌ଜିଟି ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ବେଆଇନ ବାଲି କାରବାରରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରି ୨ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ଏନ୍‌ଜିଟି ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ଏକ କମିଟି ଗଠନ ହୋଇଥିଲା। ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ପରିବେଶ ବୈଜ୍ଞାନିକ ଏମ୍. ଆର୍. ପ୍ରସାଦ, ଖଣି ବିଭାଗ ସହ ନିର୍ଦ୍ଦେଶକ ବି.କେ. ସାହୁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ



ମସୁଦପୁର ବାଲିଘାଟ

ଅଧିକାରୀ ପ୍ରମୋଦ ବେହେରା ପ୍ରମୁଖ ତା୧୮।୬।୨୦୨୧ରିଖରେ ମସୁଦପୁର ବାଲିଘାଟ ଉପରେ ତଦନ୍ତ କରିଥିଲେ। ଏହି କମିଟି ରିପୋର୍ଟ ଦାଖଲ କରିବା ପରେ ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ପୁଣି ଏକ ସତ୍ୟପାଠ ଦାଖଲ କରିଥିଲେ। ଉକ୍ତ ସତ୍ୟପାଠରେ ବ୍ୟାସନଗର ତହସିଲଦାରଙ୍କ ରିପୋର୍ଟ ଅନୁସାରେ ଲିଜ୍ ବାଲିଘାଟରୁ ଆଦାୟ ରାଜସ୍ୱ ତୁଳନାରେ ବେଆଇନ ବାଲିଘାଟ ମୂଲ୍ୟ ଶସ୍ତା ହେଉଥିବା ସେ ଦର୍ଶାଇଥିଲେ। ବେଆଇନ ବାଲି ଉତ୍ତୋଳନକାରୀଙ୍କଠାରୁ ତହସିଲଦାର ୧,୮୮,୨୩୭ ଟଙ୍କା ଜରିମାନା ଆଦାୟ କରିଥିଲେ। ତେବେ ଆଇନ ଅନୁସାରେ ଆକଳନ କଲେ ୧ କୋଟି ୯୪ ଲକ୍ଷ ଟଙ୍କାର ବେଆଇନ ବାଲି ଉତ୍ତୋଳନ ହୋଇଥିବା ଅଭିଯୋଗକାରୀ ତାଙ୍କ ଶପଥ ପତ୍ରରେ ଉଲ୍ଲେଖ କରିଥିଲେ। ଏହାକୁ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ବି.ଅମିତ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ଗ୍ରହଣ କରିବା ସହ ପୁନଃ ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବ୍ୟାସନଗର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ପାର୍ଶ୍ୱବର୍ତ୍ତୀ ମସୁଦପୁର ଗ୍ରାମର ପିନାକ ରଞ୍ଜନ ଦାସଙ୍କ ପକ୍ଷରୁ ଏନ୍‌ଜିଟିରେ ଆଇନଜୀବୀ ପାଣି ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଅନୁଯାୟୀ ଏକ ମାମଲା (ନମ୍ବର-୪୮/୨୦୨୦/ଇଜେଡ)ରୁଜୁ ହୋଇଥିଲା। ଅଭିଯୋଗରେ ସେ ଦର୍ଶାଇଥିଲେ, ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀର ଗତିପଥ ବଦଳିବ, ଖରସ୍ରୋତା ବ୍ରିଜ୍ ପ୍ରତି ବିପଦ, ସ୍ଥାନୀୟ ହାଟ, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ପ୍ରଭାବ ଏବଂ ଅନେକ କୋଟି ଟଙ୍କାର ରାଜସ୍ୱ ଲୁଟ ହୋଇଛି। ବିଜ୍ଞାନ ବିରୁଦ୍ଧ ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଏହାବାଦ୍ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ନଦୀ ତଟବର୍ତ୍ତୀ ନଦୀବନ୍ଧ ବହୁଳ ଭାବେ କ୍ଷତି ହେବା ସହିତ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ନଦୀ ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ପ୍ରାଣୀ ଓ ପକ୍ଷୀ ବିନାଶ ହେଉଥିବାବେଳେ ମାଛଚାଷ ଉପରେ ଏହାର ପ୍ରଭାବ ପଡୁଥିବା ଅଭିଯୋଗରେ ଦର୍ଶାଯାଇଥିଲା । ବୈତରଣୀ ନଦୀଗର୍ଭରେ ଯାଜପୁର ଜିଲାର ବ୍ୟାସନଗର ତହସିଲ ଅନ୍ତର୍ଗତ ଷଠିପୁର, ଲିଙ୍ଗେଶ୍ୱର, ନିଶଙ୍କପୁର, ନୟାହାଟ ପାଟଣା, ଗହ୍ମରିଆ, ଦୋସିଆମୁହାଁ, କଣ୍ଟାବଣିଆ, ସାହାଡାଶୁଣୀ, ମୁକୁନ୍ଦପୁର, ମଥୁରାପୁର, ମୂଳାପାଳ, ସାଆଁଳ, ସାଲବା ଆଦି ବାଲିଘାଟରେ ବେଆଇନ ଉତ୍ତୋଳନ ବ୍ୟାପକ ହେଉଛି। ଏଥିଯୋଗୁ ଗ୍ରାମ ରାସ୍ତାର ପିଚୁ ଉଠି ପୁଣି ମାଟିରାସ୍ତାରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ତେଣୁ ଏନ୍‌ଜିଟିର ନିର୍ଦ୍ଦେଶ ଅନୁଯାୟୀ ଅନ୍ୟ ବାଲିଘାଟ ଉପରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।



ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ମଙ୍ଗଳବାର ଅପରାହ୍ନରେ ଝଡ଼ତୋଫାନ ଯୋଗୁ ୬୨ ନମ୍ବର ରାଜ୍ୟ ରାଜପଥର ଯଦୁପୁରଠାରେ ଗଛ ଓ ଇଲେକ୍ଟ୍ରି ଖୁଣ୍ଟ ପଡ଼ି ରାସ୍ତା ଅବରୋଧ ହୋଇଛି।

# ପଶ୍ଚିମରୁ ଉପକୂଳ ବର୍ଷିଲା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ବିଶେଷ କରି ବଲାଙ୍ଗୀର, ସୋନପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ସେହିପରି କଟକ ଓ ଭୁବନେଶ୍ୱରରେ ମଧ୍ୟ ସନ୍ଧ୍ୟାରୁ ବର୍ଷା ହୋଇଛି। ଝାରସୁଗୁଡ଼ାରେ ସର୍ବାଧିକ ୪୫.୬ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀର ୨୩, ସମ୍ବଲପୁର ୧୯.୭, ହୀରାକୁଦ ୧୭.୨, ସୋନପୁର ୧୭, ଅନୁଗୋଳରେ ୧୧ ମିମି ବର୍ଷା ହୋଇଥିଲା। ତେବେ କଳାହାଣ୍ଡି, ଅନୁଗୋଳ, ମୟୂରଭଞ୍ଜ, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, କେନ୍ଦୁଝର, ସୋନପୁର, ରାୟଗଡ଼ା, ଗଜପତି, ଦେଓଗଡ଼ ଓ ସମ୍ବଲପୁରରେ କୁଆପଥର ବର୍ଷା ସହ ବଜ୍ରପାତ ହୋଇଥିଲା। ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ବର୍ଷା ସହିତ ବଜ୍ରପାତ ହେବ ଓ କୁଆପଥର ପଡ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ☞ପୃଷ୍ଠା-୨

# କିଛି ସପ୍ତାହ ସତର୍କ ରୁହ

■ **କୋଭିଡ୍ ସ୍ଥିତି ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ଦେଶରେ ଜୋର୍‌ଦାର୍ ହେଲାଣି କୋଭିଡ୍-୧୯ ତୃତୀୟ ଲହର। ଓଡ଼ିଶାରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ବଢୁଛି। ତେଣୁ ଆଗାମୀ କିଛି ସପ୍ତାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସତର୍କ ରହିବା ପାଇଁ ଉଭୟ ଜନସାଧାରଣ ଓ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ରାଜ୍ୟର କୋଭିଡ୍ ପରିସ୍ଥିତି ସମୀକ୍ଷା କରି କହିଛନ୍ତି, ଯଦିଓ ତୃତୀୟ ଲହରରେ ବର୍ତ୍ତମାନ ସୁଦ୍ଧା ଡାକ୍ତରଖାନା ଯିବା ରୋଗୀଙ୍କ ସଂଖ୍ୟା ବହୁତ କମ୍ ରହିଛି, ତଥାପି ଭବିଷ୍ୟତ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ପଡିବ। ସେହିପରି



ଆଦୌ ଟିକା ନେଇ ନ ଥିବା କିମ୍ବା ଦ୍ୱିତୀୟ ଡୋଜ୍ ନେଇ ନ ଥିବା ଲୋକମାନଙ୍କ ଟିକାକରଣକୁ ଜୋର୍‌ଦାର୍ କରାଯାଉ। ଗତଥର ଭଳି ଏଥର ମଧ୍ୟ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରାଯିବ। ଏଥିରେ ମିଶନ ଶକ୍ତି ଗୋଷ୍ଠୀଗୁଡିକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ☞ପୃଷ୍ଠା-୨

## ସଂକ୍ରମଣ ହାର ୧୦.୨୫%କୁ ବୃଦ୍ଧି

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

**ଦିନକରେ ୭ ହଜାର ଆକ୍ରାନ୍ତ**



ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଦୈନିକ ସଂକ୍ରମଣ ୭ହଜାର ପାର୍ କରିଛି। ଗତ ୨୪ ଘଣ୍ଟାରେ ୬୯,୦୧୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୭,୦୭୧ଜଣ ପଜିଟିଭ୍ ବାହାରିଛନ୍ତି । ଫଳରେ ସଂକ୍ରମଣ ହାର ୧୦.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସୁନ୍ଦରଗଡ଼ରେ ସର୍ବାଧିକ ସଂକ୍ରମଣ ହାର ୨୨.୮ ପ୍ରତିଶତ ରହିଥିବାବେଳେ ଖୋର୍ଦ୍ଧାରେ ୧୭.୧, ସମ୍ବଲପୁର ୧୫.୮, କୋରାପୁଟ ୧୨.୪ ଓ କଟକରେ ୧୧.୧ ପ୍ରତିଶତ ଛୁଇଁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୪,୧୨୮ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୨,୯୪୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ୧୮ ବର୍ଷରୁ କମ୍ ବୟସର ୭୦୭ଜଣ ଅଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨,୨୨୬, ସୁନ୍ଦରଗଡ଼ ୧,୧୪୭, ସମ୍ବଲପୁର ୬୦୯, କଟକ ୫୦୫, ମୟୂରଭଞ୍ଜ ୨୦୧, ବଲାଙ୍ଗୀର ୧୯୦, ବାଲେଶ୍ୱର ୧୯୮, ପୁରୀ ୧୫୬, ଝାରସୁଗୁଡ଼ା ୧୪୩, ଯାଜପୁର ୧୩୦, ଗଞ୍ଜାମ ୧୧୧ ଓ କୋରାପୁଟରୁ ୧୦୭ ଜଣ ଚିହ୍ନଟ ହୋଇଛନ୍ତି। ☞ପୃଷ୍ଠା-୨

# ମନ୍ତେଇଠାରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିଲା

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ, ୧୧।୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତେଇ ପଞ୍ଚାୟତର ଅଶୃଙ୍ଖଳ ନାଳ ଉପରେ ନିର୍ମାଣାଧୀନ ମନ୍ତେଇ ବିଜୁ ସେତୁ ମଙ୍ଗଳବାର ମଧ୍ୟାହ୍ନରେ ଭୁଶୁଡ଼ି ପଡ଼ିଛି। ସେତୁର ଦୁଇ ନମ୍ବର ସ୍ପାନ୍ ସେଣ୍ଟ୍ରିଂ ଦବିଯିବାରୁ ତାହା ଭାଙ୍ଗିପଡି ନାଳରେ ପଡିଥିଲା। ତେବେ କାର୍ଯ୍ୟରତ ଶ୍ରମିକ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏହି ସେତୁର ନିର୍ମାଣରେ ଅନିୟମିତତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର ମହାପାତ୍ର, ଅଶୋକ କୁମାର ରାଉତ, କମଳାକାନ୍ତ ସୂତାର ପ୍ରମୁଖ କହିଛନ୍ତି, ୨୦୧୬ ଡିସେମ୍ବର ୧୨ରେ ଏହି ସେତୁ ପାଇଁ ଶିଳାନ୍ୟାସ ହୋଇଥିଲା। ବିଭାଗୀୟ ଅବହେଳା ଯୋଗୁ ଏହାର ନିର୍ମାଣ ହୋଇପାରି ନ ଥିଲା। ସ୍ଥାନୀୟ ଲୋକଙ୍କ ଦାବି ପରେ ସେତୁ ନିର୍ମାଣ ହେଉଥିଲା। ସେତୁ ନିର୍ମାଣ ହେଲେ ମନ୍ତେଇରୁ ସିଧାସଳଖ ବାଲିଘାଇ ଗ୍ରାମକୁ ଗମନାଗମନ ପଥ ସୁଗମ ସହ ନୂଆପଡ଼ା, ମାଣିକପୁର, ବଟିରା ସମେତ ଆଖପାଖ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହୋଇଥାନ୍ତେ। ଏଥିପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯାଉଛି। ଏତେ ପରିମାଣର ଅର୍ଥ ବ୍ୟୟ ସତ୍ତ୍ୱେ ସେତୁ ନିର୍ମାଣ ସମୟରେ ଭୁଶୁଡି ପଡିବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ୪ ସ୍ପାନ୍ ବିଶିଷ୍ଟ ଏହି ସେତୁର ପ୍ରଥମ ସ୍ପାନ୍‌ର ଛାତ କିଛିଦିନ ତଳେ ପଡ଼ିଥିଲା। ଏଥିରେ ନିମ୍ନମାନର ସିମେଣ୍ଟ, ରଡ୍ ବ୍ୟବହାର ହେଉଥିବା ଓ ବିଭାଗୀୟ ଅଧିକାରୀଙ୍କ ତଦାରଖ ନ ଥିବା ଦର୍ଶାଇ ଅଞ୍ଚଳବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ନିର୍ମାଣଗତ ତ୍ରୁଟିରେ ସୁଧାର ଅଣାଗଲା ନାହିଁ। ଏହି କାମର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ସାହୁଙ୍କୁ ପଚାରିବାରେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାହିଁକି ସେତୁ ଭୁଶୁଡ଼ିଲା ଓ କ'ଣ ତ୍ରୁଟି ରହିଲା, ତା'ର ଅନୁଧ୍ୟାନ କରୁଛୁ। ଖୁବ୍‌ଶୀଘ୍ର ପୁଣି ସେତୁ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।



ଭୁଶୁଡି ପଡିଥିବା ବିଜୁ ସେତୁ

## ମକର ସଂକ୍ରାନ୍ତି, ପୋଙ୍ଗଲ ପାଳନ ଉପରେ କଟକଣା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ରାଜ୍ୟରେ ଭିଡ଼ ଜମାଇ ମକର ସଂକ୍ରାନ୍ତି ଓ ପୋଙ୍ଗଲ ପାଳନ ହେବ ନାହିଁ। ଏନେଇ ରାଜ୍ୟ ସରକାର ମଙ୍ଗଳବାର କଟକଣା ଜାରି କରିଛନ୍ତି। ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ ସାଧାରଣତଃ ଶ୍ରଦ୍ଧାଳୁମାନେ ନଦୀ, ପୁଷ୍କରିଣୀ, ସମୁଦ୍ର ଆଦିରେ ବୁଡ଼ ପକାଇବା ସହ ଭିଡ଼ ଜମାଇଥାନ୍ତି। ହେଲେ ଏଥର ଏ ସବୁକୁ ବାରଣ କରାଯାଇଛି। ମନ୍ଦିରରେ ସର୍ବସାଧାରଣଙ୍କ ପୂଜାର୍ଚ୍ଚନା କରିବାକୁ ମଧ୍ୟ ମନା କରାଯାଇଛି। ସମସ୍ତଙ୍କୁ ଘରେ ରହି ମକର ସଂକ୍ରାନ୍ତି ଓ ପୋଙ୍ଗଲ ପର୍ବ ପାଳନ କରିବାକୁ ଜନସାଧାରଣଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଅନୁରୋଧ କରିଛନ୍ତି। ମକର ମେଳାରେ ଉତ୍ସବ ପାଳନ କରିବା ସମ୍ପୂର୍ଣ୍ଣ ବାରଣ କରାଯିବା ସହ ଧର୍ମାନୁଷ୍ଠାନରେ କେବଳ ରୀତିନୀତି କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏଥିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏ ନେଇ ସବୁ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର ଓ ଦ୍ୱୈତନଗରୀ ପୋଲିସ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

# ଆଇପିଏଲ୍‌ର ନୂଆ ପ୍ରାୟୋଜକ ଟାଟା ଗ୍ରୁପ୍

**ନୂଆଦିଲ୍ଲୀ,୧୧।୧**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଟାଇଟଲ ସ୍ପୋନସରଶିପ୍‌ରେ ପରିବର୍ତ୍ତନ ହୋଇଛି। ଦେଶର ସର୍ବବୃହତ୍ ବ୍ୟାବସାୟିକ ଗ୍ରୁପ୍ ଟାଟା ଏବେ ଆଇପିଏଲର ନୂଆ ପ୍ରାୟୋଜକ। ପୂର୍ବରୁ ଚାଇନା ମୋବାଇଲ କମ୍ପାନୀ ଭିଭୋ ଆଇପିଏଲ୍‌ର ପ୍ରାୟୋଜକ ଥିଲା। ମଙ୍ଗଳବାର ଆଇପିଏଲ୍ ଗଭର୍ନିଂ କାଉନସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିବା ଆଇପିଏଲ୍ ଅଧ୍ୟକ୍ଷ ବ୍ରିଜେଶ ପଟେଲ ସୂଚନା ଦେଇଛନ୍ତି। କେତେ ଅର୍ଥ ବିନିମୟରେ ଏହି ଚୁକ୍ତି ହୋଇଛି ତାହା ସ୍ପଷ୍ଟ କରାଯାଇନାହିଁ। ଟାଟା ଗ୍ରୁପ୍ ମୁଖପାତ୍ର ଏହି ଚୁକ୍ତି ସଂକ୍ରାନ୍ତରେ ସୂଚନା ଦେଇଥିଲେ ମଧ୍ୟ ଅଧିକ କିଛି କହିନାହାନ୍ତି। ବିଶ୍ୱର ଏହି ସର୍ବବୃହତ୍ କ୍ରିକେଟ ଲିଗ୍ ଆଗକୁ ଟାଟା ଆଇପିଏଲ୍ ନାମରେ ପରିଚିତ ହେବ।

ପୂର୍ବରୁ ଭିଭୋ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରାୟୋଜନ ଅଧିକାର ବାବଦରେ ୨୨୦୦ କୋଟି ଟଙ୍କା ପ୍ରଦାନ କରିଥିଲା। ତେବେ ୨୦୨୦ରେ ଗଲୱାନ ଘାଟିରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ କାରଣରୁ ଏହି ଚୁକ୍ତିକୁ ଗୋଟିଏ ବର୍ଷ ପାଇଁ ବାତିଲ



କରାଯାଇଥିଲା। ସେତେବେଳେ ଭିଭୋ ବଦଳରେ ଡ୍ରିମ୍ ୧୧ ଆଇପିଏଲ ପ୍ରାୟୋଜକ ରହିଥିଲା। ତେବେ ୨୦୨୧ରେ ପୁଣି ଥରେ ଭିଭୋ ପ୍ରାୟୋଜକ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା। ବିଳମ୍ବରେ ହେଉ ପଛେ ଏଭଳି ପରିବର୍ତ୍ତନ ହେବାର ଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ଚାଇନା ସହିତ ଭାରତର ଭଲ ସମ୍ପର୍କ ନାହିଁ। ଏପରି ସ୍ଥଳେ ଚାଇନା ଉତ୍ପାଦିତ ଜିନିଷକୁ ନେଇ ଦେଶରେ ନକାରାତ୍ମକଭାବ ପ୍ରକାଶ ପାଇଥିଲା। ଫଳରେ ଚୁକ୍ତି ଆଉ ଗୋଟିଏ ବର୍ଷ ବାକିଥିଲେ ମଧ୍ୟ ଭିଭୋ ଏହି ପ୍ରାୟୋଜନ ଚୁକ୍ତିରୁ ଓହରିଯାଇଥିବା ବୋର୍ଡ ତରଫରୁ କୁହାଯାଇଛି। ନୂଆ ପ୍ରାୟୋଜକ ବାର୍ଷିକ ସ୍ପୋନସରଶିପ୍ ବାବଦରେ ୪୪୦ କୋଟି ଟଙ୍କା ପ୍ରଦାନ କରିବ। ଟାଟା ଗ୍ରୁପ୍ ସହିତ ହୋଇଥିବା ଚୁକ୍ତି ଗୋଟିଏ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ।



# ଲକ୍ଷ୍ମୀଧର ବେହେରା ଆଇଆଇଟି ମଣ୍ଡି ନିର୍ଦ୍ଦେଶକ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଓଡ଼ିଆ ଶିକ୍ଷାବିତ୍ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ମଣ୍ଡିର ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଆଇଆଇଟି କାନ୍‌ପୁରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପୁନମ୍ ଏବଂ ପ୍ରଭୁ ଗୋଏଲ୍ ଚେୟାରର ପ୍ରଫେସର ବେହେରା ହେଉଛନ୍ତି ରୋବୋଟିକ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଶେଷଜ୍ଞ।



ସେ ଜଳବାୟୁ ନିୟନ୍ତ୍ରିତ କୃଷି, ଜୈବ ଶକ୍ତି, ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି କେତେକ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଯୋଜନା ରଖିଥିବାବେଳେ ଆଇଆଇଟି ମଣ୍ଡିକୁ ର‍୍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରଫେସର ବେହେରା କହିଛନ୍ତି। ୨୦୨୦ରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ସେ ପ୍ରତିଦିନ ୧ ହଜାରରୁ ଅଧିକ ରାସ୍ତା କଡ଼ ପିଲାଙ୍କୁ ଖାଇବାକୁ ଦେବା ପାଇଁ କ୍ୟାମ୍ପସ୍‌ରେ ଏକ କମ୍ୟୁନିଟି ରୋଷେଇ ଘର ଚଳାଉଥିଲେ। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅନ୍ତର୍ଗତ ତାଳସରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବେହେରା ଉଚ୍ଚଶିକ୍ଷା ପାଇଁ ୧୯୯୧ରେ ଓଡ଼ିଶା ଛାଡ଼ିଥିଲେ। ଏନ୍‌ଆଇଟି ରାଉରକେଲାରୁ ଏମ୍‌ଟେକ୍ ଶେଷ କରିବା ପରେ ଆଇଆଇଟି ଦିଲ୍ଲୀରୁ ପିଏଚ୍‌ଡି ପାଇଥିଲେ। ୨୦୦୧ରେ ଆଇଆଇଟି କାନପୁରରେ ଯୋଗଦେବା ପୂର୍ବରୁ ସେ ରାଜସ୍ଥାନର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଏବଂ ଜର୍ମାନୀର ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଅଫ୍ ଇନଫରମେଶନ ଟେକ୍ନୋଲୋଜିରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। ପ୍ରଫେସର ବେହେରାଙ୍କ ସମେତ ଆଉ ୩ ଜଣଙ୍କୁ ଦିଲ୍ଲୀ, ମାଡ୍ରାସ ଏବଂ ଇନ୍ଦୋର ଆଇଆଇଟିରେ ମଧ୍ୟ ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଆଇଆଇଟି ବମ୍ବେର ପ୍ରଫେସର ରଙ୍ଗନ ବାନାର୍ଜୀଙ୍କୁ ଆଇଆଇଟି ଦିଲ୍ଲୀର ପରବର୍ତ୍ତୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ସେହିଭଳି ଆଇଆଇଟି ମାଡ୍ରାସର ପ୍ରଫେସର ଭି. କାମାକୋଟିଙ୍କୁ ସେହି ଅନୁଷ୍ଠାନର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି ଏବଂ ଆଇଆଇଟି ବମ୍ବେର ପ୍ରଫେସର ସୁହାଶ ଯୋଶୀଙ୍କୁ ଆଇଆଇଟି ଇନ୍ଦୋରର ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି।

# ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝିଙ୍କ ପରଲୋକ



ନୂଆପଡ଼ା ଅଫିସ,୧୧।୧: ପୂର୍ବତନ ମନ୍ତ୍ରୀ ତଥା ନୂଆପଡା ଜିଲା ଖଡ଼ିଆଳ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ଭୁବନେଶ୍ୱର ବାସଭବନରେ ରାତିରେ ଶୋଇଥିବା ବେଳେ ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଅପରାହ୍ଣରେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ବୁଧବାର ନିଜ ଗାଁ ବୋଇରଗାଁଠାରେ ଦିବଂଗତ ନେତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ଗ୍ରାମରେ ୧୯୩୮ରେ ଜନ୍ମଗ୍ରହଣ କରିଥିଲେ ଦୁର୍ଯ୍ୟୋଧନ। ରେଭେନ୍ସା କଲେଜରେ ଅଧ୍ୟୟନ ପରେ ରାଜନୀତିରେ ଯୋଗଦେଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ବୋଡେନ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ୧୯୯୦, ୧୯୯୫ରେ ଜନତା ଦଳରୁ ଏବଂ ୨୦୦୦ ଓ ୨୦୦୪ରେ ସେ ବିଜେଡିରୁ ଖଡ଼ିଆଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ୨୦୦୦ରୁ ୨୦୦୯ ମଧ୍ୟରେ ସେ ସୂଚନା ଓ ପ୍ରସାରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଯୋଜନା ସମନ୍ୱୟ, ବିଜ୍ଞାନ ଓ କାରିଗରି ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୯ରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୪ରେ ଭାଜପା ଟିକେଟରେ ସେ ଖଡ଼ିଆଳ ନିର୍ବାଚନମଣ୍ଡଳୀରୁ ଜିତି ନିଜର ଲୋକପ୍ରିୟତାର ପ୍ରମାଣ ଦେଇଥିଲେ। ୨୦୧୯ରେ ଭାଜପାରୁ ଇସ୍ତଫା ଦେଇ ସେ ବିଜେଡିରେ ସାମିଲ ହୋଇଥିଲେ। ଏହି ବର୍ଷୀୟାନ ନେତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଧାୟକ, ଏମ୍‌ପି ଓ ରାଜନେତା ଗଭୀର ଶୋକପ୍ରକାଶ କରିଛନ୍ତି।

# ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା



ମୁମ୍ବାଇ: ବଲିଉଡ୍‌ର ସଫଳ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୟ କ୍ୟାରିୟରକୁ ୧୮ ବର୍ଷ ପୂରିଛି। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ କରିଥିବାବେଳେ ପରିବାର ପାଇଁ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି। ଏଥିରେ ୪ କୋଟିର ପାର୍କିଂ ପ୍ଲଟ୍ ରହିଛି। ମୁମ୍ବାଇର ଅନ୍ଧେରୀ ୱେଷ୍ଟର ଲୋଖଣ୍ଡୱାଲା କମ୍ପ୍ଲେକ୍ସର ହାଉସିଂ କମ୍ପ୍ଲେକ୍ସର ୱିଣ୍ଡୋ ଗ୍ରାଣ୍ଡ ରେସିଡେନ୍ସିରେ ରହିବା ପାଇଁ ଗତ ବର୍ଷ ୨୯ ନଭେମ୍ବରରୁ ସେ ଡିଲ୍ ଫାଇନାଲ କରିଥିଲେ। ଏହି ବିଲ୍ଡିଂରେ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଘର ନେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କିଛି ସପ୍ତାହ ...

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାସ୍ତରରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା ରାଜ୍ୟରେ କୋଭିଡ୍ ସ୍ଥିତି ଓ ଏହାର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ। କୋଭିଡ୍ ନିୟମ ଅନୁପାଳନର କଡ଼ାକଡ଼ି ତଦାରଖ ପାଇଁ ରାଜ୍ୟ ପୋଲିସ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବନ୍ସଲ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

### ସଂକ୍ରମଣ ହାର ...

ବାକି ସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳେ ରହିଥିବାବେଳେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୮୨,୭୬୯କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୬୯ରେ ପହଞ୍ଚିଛି। ଏବେ ରାଜ୍ୟରେ ଆଉ ୨୬,୪୭୬ଜଣ ସକ୍ରିୟ ରୋଗୀ ରହିଛନ୍ତି। କୋଭିଡ୍ ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ସଂକ୍ରମଣ ଅପ୍‌ୱାର୍ଡ ଟ୍ରେଣ୍ଡରେ ରହିଛି। ରାଜ୍ୟ ସରକାରଙ୍କ କଟକଣା ଅନୁସାରେ ବିଭାଗ କାର୍ଯ୍ୟ କରୁଛି। ସର୍ଭେଲାନ୍ସ, ଟିକାକରଣ, ଟେଷ୍ଟିଂ, ଟ୍ରିଟ୍‌ମେଣ୍ଟ ଆଦି ଚାଲିଛି। ସଂକ୍ରମଣ କେବେ କମିବ, କହିହେବ ନାହିଁ। ତା' ଉପରେ ବେଶି ଚିନ୍ତା କରିବାର ନାହିଁ। ଗୋଟିଏ ଦେଶରେ ୨୫ଟି ଡେମିକ୍ରନ କେସ୍ ବାହାରିଛି। ଏହା ଉପରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ। ଏହା ଉପରେ ଅଧିକ ଚର୍ଚ୍ଚା କେବଳ ଆତଙ୍କ ଖେଳାଇବ। ତେଣୁ ଏହାକୁ ନେଇ ଚର୍ଚ୍ଚା କରା ନ ଯାଉ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆମ ରାଜ୍ୟରେ ହସ୍ପିଟାଲ୍ ଆଡ୍‌ମିଶନ ହାର କମ୍ ରହିଛି। ୨୦ ହଜାରରୁ ଅଧିକ ଆକ୍ଟିଭ କେସ୍ ମଧ୍ୟରୁ ମାତ୍ର ୧୯ ହଜାର ଅଧିକ ହୋମ୍ ଆଇସୋଲେସନରେ ଅଛନ୍ତି। ସେମାନଙ୍କ ଲାଗି ଚିନ୍ତିତ ହେବା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ହସ୍ପିଟାଲ ବେଡ୍ କ୍ଷମତା ମଧ୍ୟ ବଢ଼ାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

### ପଶ୍ଚିମରୁ ଉପକୂଳ ...

ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳରେ ବର୍ଷା ହେବ। ଏସବୁ ଜିଲାକୁ ୟେଲୋ ଓ୍ୱାର୍ନିଂ ଜାରି ହୋଇଛି। ଗୁରୁବାର କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ସମ୍ବଲପୁରରେ ବଜ୍ରପାତ ନେଇ ୟେଲୋ ଓ୍ୱାର୍ନିଂ ହୋଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ରାଜ୍ୟରେ ତାପମାତ୍ରା ବଢ଼ି ଯାଇଥିବାରୁ ଥଣ୍ଡା କମ୍ ହେଉଛି। ମଙ୍ଗଳବାର ଦାରିଙ୍ଗବାଡ଼ି ଓ ପାରଳାଖେମୁଣ୍ଡିରେ ସର୍ବନିମ୍ନ ୧୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ରାତିର ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।


## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847

**e-Procurement Notice**

Bid Identification No. 119 / 2021-22 Dt. 06.01.2022

**No. CAD-2759:- The Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation & Energisation of Community Lift Irrigation Projects in Puri district under BKVY 2020-21 in TURNKEY BASIS as mentioned below from the reputed Contractors/ Firms having valid Civil license as mentioned JV with HT license issued by E.L.B.O. Odisha and experience in similar nature of work.

**Details of Works :-**

| Pkg No. | Name of the Block | Name of the LI Projects | Estimated Value of Tender (in Rs) | EMD to be deposited (in Rs.) | Cost of tender paper (in Rs.) | Class of Contractor | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kanas | Ekarukha-I & II | 3721792 | 37218 | 6000/- + 5% GST on reverse charge basis GST No. 21AAACO5986G1ZF of OLIC | Civil C with HT license | 90 days |

**1.** Date & time of publishing:- **10.01.2022 at 10.00 A.M.; 2.** Date of seeking clarification:- **10.01.2022 to 17.01.2022 up to 5.00 PM; 3.** Last date of bid in portal:- **18.01.2022 at 5.00 P.M.; 4.** Opening date & time:- **19.01.2022 at 11.00 A.M.**

The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ Corrigendum/ Cancellation of tender will be available in the said website.

OIPR-32155/11/0021/2122 Sd./- Executive Engineer, L.I. Division, Bhubaneswar



## VIDUSHI FARMERS PRODUCER COMPANY LIMITED, NAYAGARH
### ADVERTISEMENT

Date: 07.01.2022

No. CAD-2801: Applications are invited from eligible candidates for the post of **Chief Executive Officer and Accountant-cum-MIS** for the Company purely on temporary basis **at VFPC Ltd., AT: ORMAS, DRDA, Nayagarh**. The detailed advertisement along with term and condition may be downloaded from the following website: **www.nayagarh.nic.in** from **7.1.2022 to 29.1.2022**. The last date and time of receipt **Applications is 29.1.2022 up to 5:00 P.M. through Speed Post / Registered Post only**.

The PC, Nayagarh reserves the right to reject any or all Applications without assigning any reason thereof.

Sd./- Project Director,
DRDA, Nayagarh

OIPR-19075/11/0006/2122



## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.O-1708

No. 129/Date.10.01.2022

**"e" Procurement Notice for Building Work**

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of Packages | : | 01 No. of Building Work |
| 3. | Estimated Cost of the Package | : | Rs.339.29 lakhs |
| 4. | Class of Contractor | : | Estimated cost more than Rs.40.00 lakhs & up to Rs.300.00 lakhs. B Class & A class (of Odisha PWD) or relevant class of other licensing authorities. |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-03 of 2022 | 20.01.2022 at 11.00 A.M. | 04.02.2022 upto 5.00 P.M. | 03.02.2022 upto 3.00 PM | 07.02.2022 at 11.00 A.M. | To be intimated later on |

Further details can be seen from the website: www.tendersorissa.gov.in

OIPR-25082/11/0053/2122 Sd./- Chief Construction Engineer, Central Rural Works Circle, Bhubaneswar



## GOVERNMENT OF ODISHA, DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, MECHANICAL CIRCLE (MED.I.P), HIRAKUD

No.A-836

Email address: semech-eicwr.od@nic.in

E-Procurement Notice- Bid Identification No. SEMC/MDHKD /10/ 2021-22 dt.07.01.2022

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 02(Two) |
| 3. | Category of executors | SSI Units registered under DIC/ NSIC/ MSME for Irrigation Shutters / Hydro Mechanical Gates. |
| 4. | Bid Identification No. | SEMC/MDHKD /10 /2021-22 dt.07.01.2022 |
| 5. | Estimated Cost | **Rs.13,98,094.00 &Rs.15,01,370.00 (Excluding GST)** |
| 6. | Period of Completion | Two calendar Months. |
| 7. | Date & time of availability of bids Documents in the Portal | From dt.17.01.2022 (10.00 AM) to dt.27.01.2022 (5.30 PM) |
| 8. | Last date/ time for receipt of bids In the Portal | dt.27.01.2022 (up to 5.30 PM) |
| 9. | Date and Place of opening of Bids | dt.28.01.2022 (12.00 Noon onwards in the O/o the Undersigned) |
| 10. | Name of the Officer inviting Bids | The Superintending Engineer, Mechanical Circle (Med. I.P) Hirakud, Dist.Sambalpur |

Further details as well as any corrigendum can be seen only from e-procurement portal https://tendersodisha.gov.in

Sd./- Superintending Engineer,
Mechanical Circle (Med.I.P.), Hirakud

OIPR-32403/11/0004/2122



## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା
### ଇସ୍ତାହାର

ସଂଖ୍ୟା 62/ତାରିଖ: 04.01.2022

**No. F-296:-** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା.୩୧.୦୮.୧୯୯୮ରିଖ ପରିଶିଷ୍ଟ–VI ନିୟମ– 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟ୍‌ଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟ୍‌ଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟ୍‌ର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl No. | Conversion Case No. | Name of the applicant | Mouza | House No./ Layout Plot No. | Location of Housing Project |
|---|---|---|---|---|---|
| 1. | 71/2021 | ବିସି କେସନ ସୁତାର୍ | R.T.U.-27 | D-165 | କୋଏଲନଗର |
| 2. | 81/2021 | ଶ୍ରୀମତୀ କୁନ୍ତୀ ଅଗ୍ରୱାଲ | R.T.U.-41 | ZZ-10 | ସିଭିଲ ଟାଉନସିପ |
| 3. | 89/2021 | ପି.ଏମ୍.ଏମ୍. ରାଜୁ | R.T.U.-41 | $P^3$-9 | ସିଭିଲ ଟାଉନସିପ |
| 4. | 112/2021 | ଶ୍ରୀମତୀ ଅର୍ପିତା ଉପାଧ୍ୟାୟ | R.T.U.-41 | $U^4$-9 | ସିଭିଲ ଟାଉନସିପ |
| 5. | 33/2021 | ଗୌତମ ଚୌଧୁରୀ | R.T.U.-42 | F-7 | ସିଭିଲ ଟାଉନସିପ |

OIPR-24253/11/0002/2122 ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା



## BHUBANESWAR DEVELOPMENT AUTHORITY

Despatch No. 43726
The 29.12.2021

### ସୂଚନା

No. CAD-2786: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗନଗର ପ୍ଲଟେଡ ଡେଭେଲପମେଣ୍ଟ ସ୍କିମ ଅନ୍ତର୍ଗତ MIG Plot No. K8 - 1230କୁ ଶ୍ରୀ ଅରୁଣ କୁମାର ମିଶ୍ର, ପିତା: ନାରାୟଣ ମିଶ୍ର, ସ୍ଥାୟୀ ଠିକଣା: Plot No. 353/2530, ଇନ୍‌ଫୋସିଟି ରୋଡ, ଶିଶୁ ବିହାର, ପଟିଆ, ପୋ.ଅ.: କିଟ୍, ଭୁବନେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅରୁଣ କୁମାର ମିଶ୍ର ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ନୟନବାଳା ସାହୁ, ସ୍ୱାମୀ: ଜିତନ କୁମାର ସାହୁ, ଗ୍ରାମ: ଚମ୍ପତିପୁର, ପୋ.ଅ.: ପଦନପୁର, ଥାନା: ବାଙ୍କି, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ – ୨
ଭୁ.ଉ.କ.

OIPR-13033/11/0165/2122



## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION-II, BALASORE

No. O-1696

**e-procurement Notice for Road & Building works | Bid Identification No. Online tender/ 14/RWD II BLS/2021-22**

1. Name of the work : **Road and Building Work.** 2. Total No. of works : **3 Nos.** 3. Estimated cost : **As in Annexure-I.** 4. Class of Contractor : **"C" & "B" and "A".** 5. Time of Completion : As per ETCN-14. 6. **Other Details:-**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o EE, RW Divn-II, Balasore (Single & Double cover) | |
|---|---|---|---|---|---|---|
| | | | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Divsion-II, Balasore | E TCN-14 of 2021-22 | 10.01.2022 at 5.00 P.M. | 15.01.2022 upto 5.00 PM | 17.01.2022 upto 5.00 PM | 18.01.2022 at 11.00 AM | 19.01.2022 11.00 AM |

Further details can be seen from the website www.tendersorissa.gov.in

OIPR-25052/11/0016/2122 Sd./- Executive Engineer, R.W. Division-II, Balasore



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

No. O-1690

E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada

**"e"-Procurement Notice for Building Work | Identification No. Online Tender-Building N.C.B. No. 212 for 2021-22**

Letter No. 169/Date: 07.01.2022

1. Name of the work :- Building Works
2. Total No. of works :- 1 No. (One)
3. Estimated Cost :- **Rs.453.49** lakh (Approximately)
4. Eligible Class of Contractor :- 'A' & 'Special' Class
5. Period of Completion :- 18 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building On-line N.C.B. No.212 | Dt.12.01.2022 at 11.00 A.M. | Dt.27.01.2022 up to 5.00 P.M. | Dt.25.01.2022 up to 5.00 P.M. | Dt.28.01.2022 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.

OIPR-25130/11/0046/2122 Sd./- Chief Construction Engineer, R.W. Circle, Baripada



## PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
## OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR

Tel. (06858) 222643, E-mail: eerwss_ngp@rediffmail.com / eerwssngp@gmail.com

**INVITATION FOR BIDS**

**No. RWSS_NGP_ONLINE_14 / 2021-22 Dated: 05.01.2022**

No. O-1703: The Superintending Engineer, RWS&S Division, Nabarangpur on behalf of Govt. of Odisha invites percentage rate bid through E-Procurement in Single Cover System according to norm of E-procurement system in Online mode.

1. Name of works : As mentioned in Table "A" which includes construction of different capacity ESR/OGR laying of pipeline, FHTC, Five year O&M cost and its anciliary work in commissioned & New Pipe Water supply scheme of different Block in the Nabarangpur district.
2. No. of works : 05 (Five) Nos. (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : As mentioned in Table "A"
5. Class of Contractor : As mentioned in Table "A"
6. Period of Completion : 180 days
7. Critical dates :
   * Further details can be seen in the bidding documents, which is available in the e-procurement portal **https://www.tendersorissa.gov.in**.
   * Subsequent corrigendum if required shall be appeared in the website.
   * Authority reserves the right to reject any or all tenders without assignging any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of Bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_14 of 2021-22 | 18.01.2022 at 11.00 A.M. | 25.01.2022 at 05.00 P.M. | 24.01.2022 upto 5.30 P.M. | 25.01.2022 upto 03.30 P.M. | 27.01.2022 at 11.00 A.M. |

OIPR-25028/11/0016/2122 Sd./- Superintending Engineer, RWS&S Division, Nabarangpur



## OFFICE OF THE EXECUTIVE ENGINEER, RWS&S DIVISION, KENDRAPARA

At: Ichhapur, Post: Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. RWS/98/2021-2022

Letter No. 196/Dated 06.01.22

No. O-1683:-

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites lumpsum bid in **DOUBLE** cover system in **ONLINE MODE** from eligible contractors for Rural Piped Water Supply Schemes in Kendrapara District. | | |
| 2 | Name of the work | : | Execution of 70 LPCD RPWS Scheme to **Rajnagar** and **Syamasunderpur** under Derabish Block on Clubbed up mode in Kendrapara District. |
| 3 | No. of Work | : | **01 (One) No. on Clubbed Up Mode** |
| 4 | Value of the Work | : | **₹ 311.55 Lakhs** |
| 5 | Concerned tender inviting authority | : | **Executive Engineer, RWS&S Division, Kendrapara** |
| 6 | Security amount (Rs.) (Online) | : | **Nil** |
| 7 | Cost of Bid documents (Rs.) (Online) | : | **₹ 10000/-** |
| 8 | Class of Bidder | : | **"A" and "Specials" Class** |
| 9 | Period of Completion | : | **330 days** |
| 10 | Availability of bid documents in the website | : | From **date.29.01.2022 at 10.00 A.M. to date.18.02.2022 till 5.30 P.M.** |
| 11 | Last Date & Time of seeking tender clarification | : | Upto **02.02.2022 till 5.30 P.M.** |
| 12 | Date of Opening of Bid | : | On date **19.02.2022 at 11.00 A.M.** |

The bidders have to participate in the tender through **ONLINE** bidding only. Further details can be had from the website i.e. http://tendersorissa.gov.in.

Subsequent corrigendum/addendum if required shall only be appeared in the above website.

**Sd./- Executive Engineer, RWS&S Division, Kendrapara**

OIPR-25004/11/0040/2122



## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.O-1707

Phone-0674-2540742, Email- se_ccrw@yahoo.co.in

No. 121/Date.10.01.2022

**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Total No. of Packages | : | 03 Nos. of Roads |
| 3. | Estimated Cost of the Package | : | Varies from Rs.133.18 lakhs to Rs.539.78 lakhs |
| 4. | Class of Contractor | : | |
| | a) Estimated cost more than Rs.40.00 lakhs upto Rs.3.00 Crores | : | **B Class & A Class** (of Odisha PWD) or relevant class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | : | **A Class & Special Class** (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores upto Rs.15.00 Crores | : | **Special Class & Super Class** (of Odisha PWD) or relevant class of other licensing authorities |
| 5. | Period of Completion | : | 09 (Nine) months for works costing less than Rs.3.00 Crores. 11 (Eleven) Months for the works costing from Rs.3.00 Crores to Rs.5.00 Crores. |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Date & time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender- Online-C.C.- 02 of 2022 | 17.01.2022 at 11.00 A.M. | 31.01.2022 up to 5.00 P.M. | 01.02.2022 at 11.00 A.M. | To be intimated later on |

Further details can be seen from the website: www.tendersorissa.gov.in

OIPR-25082/11/0051/2122 Sd./- Chief Construction Engineer, Central Rural Works Circle, Bhubaneswar



## OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com

No. 244 Date: 10.01.2022

**NOTICE INVITING BID (NIB)**

No. O-1702: The Engineer-in-Chief, RWSS (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") in Double Cover System in ONLINE MODE & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Pakcage No. | Name of Work | Bid Identification No. | Indicative Project Cost (Rs. in Crore) | Availability of Bid document for Online bidding | |
|---|---|---|---|---|---|
| | | | | From | To |
| Pkg-I | Execution of Rural Piped Water Supply Project pertaining to **06 Nos. of GP (24 Nos. of Villages) under Ramanguda Block of Rayagada district** including 5 years O&M | EIC, RWSS-68/21-22 | 28.32 | 17.00 hrs. of 17.01.2022 | 17.00 hrs. of 17.02.2022 |
| Pkg-II | Execution of Rural Piped Water Supply Project pertaining to 21 Villages in **Badpadar and Chitrakonda GP of Chitrakonda Block in Malkangiri District** including 5 years O&M. | EIC, RWSS-69/21-22 | 22.76 | 17.00 hrs. of 17.01.2022 | 17.00 hrs. of 17.02.2022 |

Name & address of Officer Inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph.: 0674-2395734/0674-2531533, e-mail: **cerwssodisha@gmail.com**

Further details can be seen from the e-procurement portal **http://tendersodisha.gov.in**.

OIPR-25040/11/0032/2122 Sd./- 10.01.2022, Engineer-in-Chief, RWSS

# ଆଖୁ କାଟୁଥିଲେ...



**ଆ**ଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଳୁରେ ଜଳସେଚନ

**ଆ**ଳୁ ଚାଷ କରୁଥିଲେ ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡ଼ାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ x ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।



# ଛେଳି-ମେଣ୍ଢାଙ୍କୁ କୃମି ରୋଗ ହୋଇଥିଲେ..



**ଛେ**ଳିମେଣ୍ଢାଙ୍କୁ କୃମି ରୋଗ ହୋଇଥିଲେ ଏହାର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋ ଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । ଏମାନେ ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । ଶୀତ ହେଉଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ଉତ୍ତମ ବିହନ ଚୟନ

ବ୍ରଜ କିଶୋର ଲେଙ୍କା



**ଶ**ସ୍ୟ ହିସାବରେ ଆମେ ମୁଖ୍ୟତଃ ଧାନ, ଗହମ, ମାଣ୍ଡିଆ, ମକା, ଗାଜର, ଜଓ୍ୱାର, ମୁଗ, ବିରି, ହରଡ଼ ଇତ୍ୟାଦି ଏବଂ ପନିପରିବା ହିସାବରେ ଆଳୁ, ବାଇଗଣ, ଟମାଟୋ, ଭେଣ୍ଡି, ଜହ୍ନି, କଲରା ଇତ୍ୟାଦିକୁ ଖାଦ୍ୟ ଭାବେ ଗ୍ରହଣ କରିଥାଉ। ଜନନ ପ୍ରକ୍ରିୟାରେ ଏମାନେ ନିଜର ବଂଶ ବୃଦ୍ଧି ଓ ବଂଶ ରକ୍ଷା କରିଥାନ୍ତି। ଜୀବ ଉଭୟ ଲିଙ୍ଗୀୟ ଜନନ ଓ ଅଲିଙ୍ଗୀ ଜନନ ପ୍ରକ୍ରିୟାରେ ନିଜର ବଂଶବୃଦ୍ଧି କରିଥାନ୍ତି। ମୁଖ୍ୟତଃ ଲିଙ୍ଗୀୟ ଜନନ ପ୍ରକ୍ରିୟାରେ ବୃକ୍ଷ ଲତା, ତଥା ଶସ୍ୟ ଇତ୍ୟାଦି ଜୀବମାନଙ୍କର ବଂଶ ବୃଦ୍ଧି ହୁଏ। ଏହା ଦ୍ୱାରା ବିହନ ସୃଷ୍ଟି ହୁଏ ଏବଂ ନିଜ ପରି ଅପତ୍ୟ ସୃଷ୍ଟି କରି ବଂଶ ବିସ୍ତାର କରିଥାଏ। ଯାହା ଫଳରେ ସେହି ପ୍ରଜାତିର ସ୍ଥିତି ଓ ନିରବଚ୍ଛିନ୍ନତା ବଜାୟ ରହିଥାଏ। ଯେକୌଣସି ଫସଲର ଅଧିକ ଅମଳକ୍ଷମ ନିମନ୍ତେ ଚିନ୍ତା କଲେ ଗୋଟିଏ ଉନ୍ନତମାନର ଅଧିକ ଅମଳକ୍ଷମ ବିହନର କଥା ଚିନ୍ତା କରିବାକୁ ପଡ଼ିଥାଏ। ତେଣୁ ଯଥାର୍ଥରେ କୁହାଯାଇଥାଏ,''ବିହନ ଗୁଣେ ଫସଲ ଫଳେ''। ବିହନ ହେଉଛି ଫସଲ ଉତ୍ପାଦନ ନିମନ୍ତେ ବ୍ୟବହୃତ ମଞ୍ଜି, ଯେଉଁଥିରେ ମଞ୍ଜି(ଖାଦ୍ୟ ପାଇଁ ବ୍ୟବହୃତ ହେଉଥିବା)ରେ ଏହା ନ ଥାଇ ପାରେ। ଉନ୍ନତ, ଅଧିକ ଅମଳକ୍ଷମ ବିହନଟିଏ ଆମ ଜମି ଅନୁଯାୟୀ ବାରି ପାରିଲେ ଆମର ଅମଳ ୧୫-୨୦% ବୃଦ୍ଧି ପାଏ।

**ଉତ୍ତମ ବିହନର ନିର୍ଦ୍ଦିଷ୍ଟ ଗୁଣାବଳୀ**

- କିସମର ସମସ୍ତ ଆନୁବଂଶିକ ଗୁଣ ତଥା ଶୁଦ୍ଧତା ରହିବା ଉଚିତ।
- ବିହନରେ ଆବଶ୍ୟକତା ପରିମାଣର ଗଜା ଶକ୍ତି ଥିବା ଦରକାର(ଫସଲ ଅନୁଯାୟୀ ୬୦ରୁ୯୦%)।
- ବିହନ ପରିଷ୍କାର, ନୀରୋଗ ଓ ନିରୋଳା (ସର୍ବନିମ୍ନ ୯୬ ରୁ ୯୯%) ହେବା ଉଚିତ। କାଠି, କୁଟା, ଧୂଳି, ଅଗାଡ଼ି, ଘାସ ମଞ୍ଜି ଏବଂ ଅନ୍ୟ କିସମର ଶସ୍ୟର ମଞ୍ଜିରୁ ବିହନ ମୁକ୍ତ ହେବା ଦରକାର।
- ବିହନ ସାଧାରଣତଃ ପୁରୁଣା ହେଲେ ଭଲ ଗଜା ବାହାରେ ନାହିଁ। ତେଣୁ ବିହନ ତଟକା ହେବା ଦରକାର। ବିହନର ରଙ୍ଗ ଓ ତେଜ କିସମ ଅନୁସାରେ ଠିକ୍ ରହିବା ଉଚିତ।
- ବିହନ ଓ ଓଜନିଆ, ହୃଷ୍ଟ ପୁଷ୍ଟ ଓ ସମଆକୃତ ହୋଇଥିବା ଉଚିତ।
- ବିହନର ଜଳୀୟ ଅଂଶ ଆବଶ୍ୟକ ପ୍ରତିଶତ(୧୨-୧୪%) ରହିବା ଦରକାର।
- ମା' ଅନୁରୂପୀ ଗଛ ସୃଷ୍ଟି ହେଉଥିବା ଉଚିତ।
- ଭଙ୍ଗା ଅପତ୍ୱ, ନୀରୋଗ ଓ ପୋକ ସଂକ୍ରମିତ ହୋଇ ନ ଥିବା ଆବଶ୍ୟକ।
- ବିହନର ଅଧିକ ଅମଳକ୍ଷମ ଗୁଣ ରହିବା ଦରକାର।

ଏକ ନୂତନ ବିହନକୁ ପ୍ରଜଯୋକଙ୍କ ଦ୍ୱାରା ପ୍ରଜନନ କରାଇବା ପରେ ସେଇ କିସମକୁ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼ାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଏ। ଆନୁବଂଶିକ ଶୁଦ୍ଧତା ଦୃଷ୍ଟିରୁ ବିହନକୁ ୪ଟି ଶ୍ରେଣୀରେ ବିଭକ୍ତ କରାଯାଏ।

**ପ୍ରଜନନ ବିହନ**

ଏହି କିସମର ବିହନ ଗବେଷଣା ସଂସ୍ଥାରେ କାର୍ଯ୍ୟରତ ପ୍ରଯୋଜକଙ୍କ ଦ୍ୱାରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ପାଦିତ କରାଯାଏ। ଏହାର ବିଶୁଦ୍ଧତା ଶତକଡ଼ା ୧୦୦ ଭାଗ ଥାଏ। ଏହି ବିହନରେ ସୁନେଲି ହଳଦିଆ ଫଳକ ଲଗାଯାଇଥାଏ। ଏହା ଅଧିକ ମୂଲ୍ୟଯୁକ୍ତ ହୋଇଥାଏ।



**ପିଣ୍ଡ ବିହନ ବା ମୂଳଦୁଆ ବିହନ**

ପ୍ରଯୋଜକ ବିହନକୁ ବ୍ୟବହାର କରି ସରକାରୀ ଅନୁଷ୍ଠାନ ଅତିଜୟରେ ପିଣ୍ଡ ବିହନ ଉତ୍ପାଦନ କରିଥାନ୍ତି। ଏଥିରେ ଆନୁବଂଶିକ ବିଶୁଦ୍ଧତା ୯୯% ରହିଥାଏ। ଏଥିରେ ଧଳା ଫଳକ ଲଗାଯାଇଥାଏ।

**ପ୍ରମାଣିତ ବିହନ**

ପ୍ରମାଣିତ ବିହନ ପିଣ୍ଡ ବିହନକୁ ବ୍ୟବହାର କରି ଉତ୍ପାଦନ କରାଯାଇଥାଏ। ଏହା ପ୍ରାମାଣିକ ସଂସ୍ଥା ଦ୍ୱାରା ପରୀକ୍ଷିତ ତଥା ଅନୁମୋଦିତ ହେବା ପରେ, ଏହାକୁ ଚାଷୀଙ୍କୁ ଶକ୍ତ କରାଇଥାଏ। ଏହାର ଆନୁବଂଶିକ ଶୁଦ୍ଧତା ୮୮-୯୦% ରହିଥାଏ। ଏଥିରେ ନୀଳରଙ୍ଗର ଫଳକ ଲାଗିଥାଏ।

**ସତ୍ୟ ପ୍ରମାଣିତ/ସତ୍ୟ ସ୍ତରୀୟ ବିହନ**

ଏହା ଅନୁମୋଦିତ ସଂସ୍ଥା ବା ସ୍ୱୀକୃତି ପ୍ରାପ୍ତ ଚାଷୀଙ୍କ ଦ୍ୱାରା କୌଣସି ଏକ ପଞ୍ଜୀକୃତ ବିହନ ବ୍ୟବହାର କରି ଉତ୍ପାଦନ କରାଯାଇଥାଏ। ଏହାର ଶୁଦ୍ଧତା ପ୍ରମାଣିତ ବିହନଠାରୁ କିଛି ମାତ୍ରାରେ କମ୍ ଥାଏ। ଏହି ବିହନର ଫଳକ ରଙ୍ଗ ସବୁଜ ହୋଇଥାଏ। ସାଧାରଣତଃ ପ୍ରମାଣିତ ବିହନକୁ ପରୀକ୍ଷିତ ଏବଂ ଏହାର ବିଶୁଦ୍ଧତା ତଥା ଗଜା ଶକ୍ତି ଅଧିକ ଥାଏ। ତେଣୁ ଏହା ଜମିରେ ଆବଶ୍ୟକ ପରିମାଣର ଗଜା ହୋଇଥାଏ, ହୃଷ୍ଟ ପୁଷ୍ଟ ହୋଇଥାଏ ଫସଲରେ ଉକ୍ତ ବିହନ ବ୍ୟବହାର କରି ଚାଷୀ ତା'ର ଜମିରୁ ଅଧିକ ଅମଳ ପାଇ ପାରିଥାନ୍ତି। ଏହା ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଚିହ୍ନିତ ଦରରେ କୃଷକମାନଙ୍କୁ ଯୋଗାଇ ଦିଆଯାଇଥାଏ। ଏହାର ଗଜାଶକ୍ତି ଅଧିକ ଥିବାରୁ କମ୍ ବିହନ ଖର୍ଚ୍ଚ ହୋଇଥାଏ ଏବଂ ଉପଯୁକ୍ତଠାରୁ ସଂଖ୍ୟା ରହିଥାଏ। ଖତ ସାର ତଥା ଫସଲ ସଂରକ୍ଷଣ ବାବଦରେ ଖର୍ଚ୍ଚ ମଧ୍ୟ କମ୍ ହୋଇଥାଏ। ପ୍ରମାଣିତ ବିହନରେ ବିଶୋଧନକାରୀ ଔଷଧ ପୁଡ଼ିଆରଖା ଯାଇଥାଏ, ଯାହାକୁ ବିହନରେ ଗୋଳାଇ ବିହନ ବୁଣିବା ବା ତଳି ପକାଇବା ପୂର୍ବରୁ ବ୍ୟବହାର କରାଯାଇଥାଏ।

-ଯୁଗ୍ମ କୃଷି ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦକ ନିର୍ଦ୍ଦେଶାଳୟ, କୃଷି ଭବନ, ଭୁବନେଶ୍ୱର

ମୋ : ୯୫୫୬୦୩୭୨୩୨

# ଇଞ୍ଜିନିୟରଙ୍କୁ ସ୍ୱାବଲମ୍ବୀ କରାଇଛି ବାୟୋଫ୍ଲକ୍ ମାଛଚାଷ

**ପା**ଠ ପଢ଼ି ଚାକିରି କରି ଅର୍ଥ ରୋଜଗାର କରିବା ପାଇଁ ଆଜିକାଲି ଅନେକ ଯୁବପିଢ଼ି ଆଗଭର। ମାତ୍ର ଚାକିରି ନ କରି ଜଣେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବ ତାହାର ଅନ୍ୟତମ ଉଦାହରଣ ପାଲଟିଛନ୍ତି ସୁଧୀର ପଟେଲ। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଟାଇଁସର ପଞ୍ଚାୟତ ଫଟାଟାଙ୍ଗର ଭଳି ଏକ ନିପଟ ମଫସଲ ଗାଁରେ ଜନ୍ମିତ ଏହି ଯୁବକ (ମା'-ପଙ୍କଜିନୀ ପଟେଲ, ବାପା-ଲକ୍ଷ୍ମଣ କୁମାର ପଟେଲ, ମୋବାଇଲ ନଂ-୭୯୭୮୩୧୮୨୯୩) ଏମ୍. ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ପାଠପଢ଼ା ପରେ କମ୍ପାନୀରେ ସେ ଚାକିରି ମଧ୍ୟ ପାଇଥିଲେ। କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ଚାକିରି ଛାଡ଼ି ଶେଷରେ ବାୟୋଫ୍ଲକ ମାଛଚାଷକୁ ନିଜ ରୋଜଗାରର ମାଧ୍ୟମ ଭାବରେ ଆପଣେଇ ନେଇଛନ୍ତି। ବ୍ଲକ ମତ୍ସ୍ୟ ଅଧିକାରୀଙ୍କ ସହ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲି, ଯାହା ମୋତେ ଏପରି ମାଛ ଚାଷ ପାଇଁ ପ୍ରେରଣାର ଉତ୍ସ ସାଜିଥିଲା। ଗୋଟିଏ କୁଣ୍ଡରେ ହାରାହାରି ୫୦ହଜାର ଲିଟର ପାଣି ରହିବା କ୍ଷମତା ରହିଛି। ମୁଁ ପ୍ରଥମେ ୧୫ଶହରୁ ୨ହଜାର ଯାଆଁଳା ଛାଡି ମାଛଚାଷ କରିଥିଲି। ପ୍ରତ୍ୟେକ ୪ ମାସରେ ଥରେ ମାଛ ଉତ୍ପାଦନ ହେଉଥିବା ବେଳେ, ବର୍ଷକରେ ମୋଟ ୩ ଥର ମାଛ ଉତ୍ପାଦନ ହୋଇଥାଏ। ମାଛମାନଙ୍କର କିପରି ଠିକ୍ ଭାବରେ ଯତ୍ନ ନିଆଯିବ ତାହା ଉପରେ ସବୁବେଳେ ଅଧିକ ଗୁରୁତ୍ୱ ଦିଏ। ଏ କ୍ଷେତ୍ରରେ ମୋ ପରିବାରର ସହଯୋଗକୁ କଦାପି ଭୁଲିପାରିବି ନାହିଁ। ଏପରି ମାଛ ଚାଷରୁ ସେ କେବଳ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ତା' ନୁହେଁ, କେତେଜଣ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ



ସୁଧୀର ପଟେଲ

ଏପରି ଯୋଜନା ସମ୍ପର୍କରେ ସେ କହନ୍ତି, 'ପାଠ ପଢ଼ିବା ବେଳେ ମୁଁ ନିଜକୁ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ କରାଇପାରିଥିଲି। ସ୍ୱାସ୍ଥ୍ୟଗତ କାରଣରୁ ଚାକିରି ଛାଡ଼ିବା ପରେ ମୁଁ ଥରେ ମୋର ଜଣେ ସାଙ୍ଗ କରିଥିବା ମାଛଚାଷ ପ୍ରକଳ୍ପ ଦେଖିବାକୁ ଯାଇଥିଲି। ବାସ୍, ସେଠାରେ ମୋତେ ଯେମିତି ଚାକିରି ନ କରି ସ୍ୱାବଲମ୍ବୀ ହେବାକୁ ଏକ ନୂଆ ବାଟ ମିଳିଯାଇଥିଲା। ତା'ପରେ ମୁଁ କୁଚିଣ୍ଡା ପ୍ରେରଣା ଯୋଗାଇଛନ୍ତି। ମାଛକୁଣ୍ଡକୁ ଜଗିବାପାଇଁ ସେ ୱାଚ ଟାୱାର ନିର୍ମାଣ କରିବା ସହ ଚତୁଃ ପାର୍ଶ୍ୱରେ ସିସି କ୍ୟାମେରା ବ୍ୟବସ୍ଥା କରିଛନ୍ତି । କୁଣ୍ଡରେ ପାଣି ଭର୍ତ୍ତି ଓ ନିଷ୍କାସନ କରିବା, କୁଣ୍ଡରେ ମାଛମାନଙ୍କୁ ଅକ୍ସିଜେନ ଦେବାପାଇଁ ଅତ୍ୟାଧୁନିକ ମୋଟର ସଂଯୋଗ କରିଛନ୍ତି। ବିଜୁଳି ପାଇଁ ସୋଲାର ସିଷ୍ଟମ ଉପଯୋଗ ମଧ୍ୟ କରାଯାଇଛି।

– ବିରଞ୍ଚି ଦର୍କା

# କପାରେ ପତ୍ରଡିଆଁ ପୋକ ଦମନ



**ପ**ତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପା ଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

# ମାଛ ଚାଷରେ ଚୂନ ପ୍ରୟୋଗ




**ନୂ**ଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ।

# ମୁଗ ଫସଲରେ ସାହେବ ରୋଗ ନିୟନ୍ତ୍ରଣ

ଲକ୍ଷ୍ମୀ ନାରାୟଣ ଦାଶ

ମୁଗ ଏକ ଲାଭଦାୟକ ଡାଲିଜାତୀୟ ଫସଲ। ଆମ ରାଜ୍ୟର କୋରାପୁଟ, ଗଞ୍ଜାମ, ନୟାଗଡ, ବରଗଡ, ସୁବର୍ଣ୍ଣପୁର,କେନ୍ଦୁଝର, କଟକ, ଝାରସୁଗୁଡା, ସୁନ୍ଦରଗଡ ସମେତ ଅନ୍ୟାନ୍ୟ ଜିଲାଗୁଡ଼ିକରେ ଉଭୟ ଖରିଫ୍ ଏବଂ ରବି ଋତୁରେ ଚାଷ କରାଯାଉଥିଲେ ମଧ୍ୟ ରବି ଋତୁରେ ଏହାକୁ ବ୍ୟାପକ ଭାବରେ ଚାଷ କରାଯାଏ। ରବି ଋତୁରେ ସାଧାରଣତଃ ନଭେମ୍ବର ମାସରୁ ଜାନୁୟାରୀ ମାସ ମଧ୍ୟରେ ଧାନ ଫସଲ କାଟି ସାରିବା ପରେ ଜମିରେ ବତର ଥିବା ଅବସ୍ଥାରେ ଏବଂ ଫେବୃୟାରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଜଳସେଚିତ ଜମିରେ ମୁଗ ଚାଷ କରାଯାଏ। ତେବେ ରୋଗ ପୋକ ସଂକ୍ରମଣ ଯୋଗୁ ମୁଗ ଫସଲର ଉତ୍ପାଦନ ହ୍ରାସ ପାଇଥାଏ। ରୋଗ ପୋକମାନଙ୍କ ମଧ୍ୟରେ ମୁଗ ଫସଲର ସାହେବ ବା ହଳଦିଆ ଚିତ୍ରା ( yellow mosaic virus) ରୋଗ ଅତ୍ୟନ୍ତ ସାଂଘାତିକ। ଏହି ରୋଗ ଏକ ଭୂତାଣୁ ( yellow vein mosaic virus) ଜନିତ ରୋଗ ଏବଂ ଏହା ଧଳା ମାଛି (white fly) ଦ୍ୱାରା ସଂଚାରିତ(transmission) ହୋଇଥାଏ। ରୋଗ ପ୍ରବଣ କିସମ, ଅନୁକୂଳ ଉତ୍ତାପ ଓ ରୋଗ ବାହକ ଧଳା ମାଛିଙ୍କ ସଂଖ୍ୟା ଏହି ରୋଗ ବୃଦ୍ଧି ପାଇଁ ସହାୟକ ହୋଇଥାଏ।



**ରୋଗର ଲକ୍ଷଣ**

ପତ୍ର ଫଳକ ଉଜ୍ଜ୍ୱଳ ହଳଦିଆ ଏବଂ ଶାଗୁଆ ଦାଗ ସହିତ ଚିତ୍ର ବିଚିତ୍ର ହେବା ଏହି ରୋଗର ବିଶେଷ ଲକ୍ଷଣ। ଅଧିକାଂଶ ଆକ୍ରାନ୍ତ ପତ୍ର ପାଣ୍ଡୁର ଦେଖାଯିବା ସହିତ କଅଁଳିଆ ପତ୍ର ସମ୍ପୂର୍ଣ୍ଣ ଭାବରେ ହଳଦିଆ ପଡିଯାଏ। ପତ୍ରର ଦୁଇଶିରା ମଧ୍ୟରେ ଥିବା ଶାଗୁଆ ଅଂଶଗୁଡିକ ଉପରକୁ ଉଠି ଆସିବା ଯୋଗୁ ପତ୍ର କୁଞ୍ଚିତ ଦେଖାଯାଏ। ଆକ୍ରାନ୍ତ ଗଛରେ ଖୁବ୍ କମ୍ ଫୁଲ ଏବଂ ଛୁଇଁ ଆସେ। ଛୁଇଁଗୁଡିକ ଛୋଟ ହୋଇଯାଏ ଓ ଏଥିରୁ କଣିଆ ମଞ୍ଜି ବାହାରେ।

**ରୋଗ ପରିଚାଳନା**

ରୋଗ ସହନଶୀଳ କିସମ ହିସାବରେ ଧଉଳି, ସୁଜାତା, ଜ୍ୟୋତି, ପି:ଡି:ଏମ୍-୫୪, ପି:ଡି:ଏମ୍- ୧୧, ଏମ. ଏଲ-୧୩୧, ପନ୍ଥ ମୁଗ-୨ ଇତ୍ୟାଦି ମୁଗ ବିହନ ବ୍ୟବହାର କଲେ ଏହି ରୋଗର ପ୍ରାଦୁର୍ଭାବ କମ୍ ହୋଇଥାଏ। ତେବେ ନୟାଗଡ ଲୋକାଲ ମୁଗରେ ମଧ୍ୟ ଏହି ରୋଗର ଅପେକ୍ଷାକୃତ ସହନଶୀଳ ଶକ୍ତି ଥିବା ଦେଖାଯାଏ। ଏହି ରୋଗର ପରିଚାଳନା ପାଇଁ କିଆରିରୁ ଘାସ ଲଟା ବାଛି ଦିଅନ୍ତୁ ଏବଂ ରୋଗର ବାହକ ଧଳାମାଛି (ହ୍ୱାଇଟ୍ ଫ୍ଲାଏ) ନିୟନ୍ତ୍ରଣ ପାଇଁ ନିମ୍ନ ଲିଖିତ ଅନୁମୋଦିତ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରବର୍ତ୍ତନ କରନ୍ତୁ।

**ଧଳାମାଛି ନିୟନ୍ତ୍ରଣ**

ରୋଗର ବାହକ ଧଳାମାଛିର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣି ସହିତ ୧୬୬ ମି.ଲି. ଇମିଡାକ୍ଲୋପିଡ୍ ୧୭.୮ ଶତକଡ଼ା ଏସ୍.ଏଲ୍, ୧୭.୮% ଏସ୍‌ଏଲ୍ କିମ୍ବା ହେକ୍ଟର ପ୍ରତି ୫୦୦ ଲିଟର ପାଣି ସହିତ ୧୦୦ ଗ୍ରାମ ଥାୟାମେଥୋକ୍ସାମ୍ ୨୫ ଶତକଡ଼ା ଡବ୍ଲୁ.ଜିକୁ ପତ୍ର ସିଞ୍ଚନ କରନ୍ତୁ। ତେବେ ସିଞ୍ଚନ ଦ୍ରବଣର ଠିକ୍ ବିନିଯୋଗ ପାଇଁ ପ୍ରତି ଲିଟର ପାଣି ପିଛା ଏକ ଗ୍ରାମ ଡିଟର୍‌ଜେଣ୍ଟ ପାଉଡର୍‌କୁ ମିଶାଇ ଦିଅନ୍ତୁ। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମୁଗ ବୁଣିବାର ୨୫-୩୦ ଦିନ ମଧ୍ୟରେ ହେକ୍ଟର ପିଛା ୫୦୦ ଲିଟର ପାଣି ସହିତ ୧୫୦୦ ମି.ଲି. ନିମ୍ବ ଆଧାରିତ ବିଷ ଏବଂ ୫୦୦ ଗ୍ରାମ୍ ଡିଟର୍‌ଜେଣ୍ଟ ପାଉଡର୍ ଦ୍ରବଣକୁ ପତ୍ର ସିଞ୍ଚନ କଲେ ଧଳାମାଛି ନିୟନ୍ତ୍ରଣ ହୋଇଥାଏ। ପ୍ରାକୃତିକ ପରିବେଶରେ ଉପଲବ୍ଧ ହେଉଥିବା ନିମ୍ବ ତେଲ, ନିମ୍ବ ପତ୍ର ରସ ଦ୍ରବଣ, ନିମ୍ବ ପିଡ଼ିଆ ବତୁରା ପାଣି, ନିମ୍ବ ଛେଲି ବତୁରା ପାଣି, ନିମ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ବା ନିମ ମଞ୍ଜି(NSKE) ନିର୍ଯ୍ୟାସକୁ ମଧ୍ୟ ପତ୍ର ସିଞ୍ଚନ କରି ସୁବିଧାରେ ନିରାପଦରେ ଏବଂ କମ୍ ଖର୍ଚ୍ଚରେ ଧଳାମାଛି ନିୟନ୍ତ୍ରଣ କରାଯାଇପାରିବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇପାରେ।

-ଅବସରପ୍ରାପ୍ତ ଯୁଗ୍ମ କୃଷି ନିର୍ଦ୍ଦେଶକ

ମୋ : ୯୯୩୭୬୫୨୬୮୬

# ଓମିକ୍ରନ୍ ମାମଲା ୪,୪୬୧କୁ ବୃଦ୍ଧି

## ଦିନକରେ ୧.୬୮ ଲକ୍ଷ ସଂକ୍ରମିତ ଚିହ୍ନଟ



ମୁମ୍ବାଇ, ୧୧।୧

ଦେଶରେ ଓମିକ୍ରନ୍ ଲହର ଜାରି ଥିବାବେଳେ ସୋମବାର ଅପେକ୍ଷା ଗତ ୨୪ ଘଣ୍ଟାରେ ସଂକ୍ରମଣ ସାମାନ୍ୟ କମିଛି। ଦିନକରେ ଭାରତରେ ୧,୬୮,୦୬୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହାକି ପୂର୍ବ ଦିନ ଅପେକ୍ଷା ୬.୪ ପ୍ରତିଶତ କମ୍। ସେହିପରି ୨୪ ଘଣ୍ଟାରେ ୪୨୮ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବାରୁ ଦେଶରେ ଏହି ଭାରିଆଣ୍ଟରେ ଆକ୍ରାନ୍ତଙ୍କ ସଂଖ୍ୟା ୪,୪୬୧କୁ ବୃଦ୍ଧି ପାଇଛି। ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ବିହାରରେ ପ୍ରଥମ ଥର ପାଇଁ ଗୋଟିଏ ଦିନରେ ୨୭ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ଏହାକୁ ମିଶାଇ ମୋଟ ୨୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସଂକ୍ରାମକ ଭାରିଆଣ୍ଟ ବ୍ୟାପିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ମହାରାଷ୍ଟ୍ର ସଂକ୍ରମଣର ଶୀର୍ଷରେ ରହିବା ଜାରି ରଖିଛି। ଏଠାରେ ୧,୨୪୭ ଓମିକ୍ରନ୍ ମାମଲା ଚିହ୍ନଟ ହୋଇଥିବାବେଳେ ୪୬୭ ଜଣ ସୁସ୍ଥ ହୋଇସାରିଛନ୍ତି। ରାଜଧାନୀ ଦିଲ୍ଲୀଠାରୁ ରାଜସ୍ଥାନ ସଂକ୍ରମଣ ତାଲିକାରେ ଉପରେ ରହିଛି। ରାଜସ୍ଥାନରେ ୬୪୫ ଓମିକ୍ରନ୍ ମାମଲା ରହିଥିବାବେଳେ ଦିଲ୍ଲୀରେ ୫୪୬ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି। ଏହା ତଳକୁ କର୍ନାଟକରେ ୪୭୯ ଏବଂ କେରଳରେ ୩୫୦ ଜଣ ଓମିକ୍ରନ୍ ସଂକ୍ରମିତ ହୋଇଛନ୍ତି।

ଦେଶରେ ଦୈନିକ ପଜିଟିଭ୍ ହାର ୧୦.୬୪କୁ ଖସିଛି। ସୋମବାର ତାହା ୧୩.୨୯ ଥିଲା। ୨୪ ଘଣ୍ଟାରେ କରୋନାରେ ଆକ୍ରାନ୍ତ ହୋଇ ୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ମୋଟ ସକ୍ରିୟ ମାମଲା ୮,୨୧,୪୪୬ ବା ମୋଟ ସଂକ୍ରମଣର ୨,୨୯ ପ୍ରତିଶତ ରହିଛି। ଦିନକରେ ୬୯,୯୫୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ କୋଭିଡ୍‌ରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ୩,୪୫,୭୦୧୩୧କୁ ବୃଦ୍ଧି ପାଇଛି, ଯାହା କି ମୋଟ ସଂକ୍ରମଣର ୯୬.୩୬ ପ୍ରତିଶତ। ଦେଶରେ ୧୫୨.୮୯ କୋଟି ଟିକା ଡୋଜ୍ ପ୍ରଦାନ କରାଯାଇଛି। ସୋମବାରଠାରୁ ବୁଷ୍ଟର ଡୋଜ୍ ପ୍ରଦାନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ୯ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ତୃତୀୟ ଡୋଜ ନେଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମକର ସଂକ୍ରାନ୍ତିରେ ଗଙ୍ଗାସ୍ନାନ ମନା

ହରିଦ୍ୱାର, ୧୧।୧: ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମକର ସଂକ୍ରାନ୍ତିରେ ଶ୍ରଦ୍ଧାଳୁଙ୍କ ଗଙ୍ଗାସ୍ନାନ ଉପରେ ଉତ୍ତରାଖଣ୍ଡର ହରିଦ୍ୱାର ଜିଲା ପ୍ରଶାସନ କଟକଣା ଲଗାଇଛି। ଏଥିସହ ହର କୀ ପୌରି ଘାଟରେ ପ୍ରବେଶକୁ ମଧ ବାରଣ କରାଯାଇଛି। ଆସନ୍ତା ୧୪ ତାରିଖରେ ଜିଲାରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରିକର୍ଫ୍ୟୁ ଜାରି କରାଯିବ। ଏ ନେଇ ଜିଲା ମାଜିଷ୍ଟ୍ରେଟ୍ ବିନୟ ଶଙ୍କର ପାଣ୍ଡେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

### ଦିଲ୍ଲୀରେ ହୋଟେଲ ବନ୍ଦ, ଘରୁ କାମ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୧।୧: ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ି ଚାଲିଥିବାବେଳେ ଅରବିନ୍ଦ କେଜ୍‌ରିୱାଲଙ୍କ ସରକାର ମଙ୍ଗଳବାର ନୂଆ କରୋନା କଟକଣା ଜାରି କରିଛନ୍ତି। ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ କରାଯିବା ସହ ଘରୋଇ ଅଫିସ୍‌ର କର୍ମଚାରୀ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଘରୋଇ ଅଫିସ୍ ଏବଂ ରେଷ୍ଟୁରାଣ୍ଟ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବା ପାଇଁ ଅନୁମତି ରହିଥିଲା। ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ତେବେ ଜରୁରିକାଳୀନ ସେବା ଅଧୀନରେ ଆସୁଥିବା କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ଅନୁମତି ମିଳିବ ବୋଲି କୁହାଯାଇଛି। ସେହିପରି ହୋଟେଲଗୁଡ଼ିକରୁ ଖାଦ୍ୟ ହୋମ୍ ଡେଲିଭରିକୁ ଅନୁମତି ଦିଆଯାଇଛି।

### ବ୍ରହ୍ମୋସ୍ କ୍ରୁଜ୍ ମିଶାଇଲର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୧୧।୧: ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ମଙ୍ଗଳବାର ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲର ସଫଳ ପରୀକ୍ଷଣ କରିଛି। ଭାରତୀୟ ନୌସେନାର ବିଧ୍ୱଂସକ ଆଇଏନ୍ଏସ୍ ବିଶାଖାପଟ୍ଟନମରୁ ଏହି ମିଶାଇଲର ପରୀକ୍ଷଣ କରାଯାଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି। ସମୁଦ୍ରରୁ ସମୁଦ୍ରକୁ ନିକ୍ଷେପ କରାଯାଉଥିବା ଏହି ମିଶାଇଲ ସର୍ବାଧିକ ଦୂରତାରେ ଟେଷ୍ଟ କରାଯାଇଛି। ଟାର୍ଗେଟରେ ଥିବା ଏକ ଜାହାଜକୁ ଏହା ସମ୍ପୂର୍ଣ୍ଣ ଭାବେ ଲକ୍ଷ୍ୟଭେଦ କରିପାରିଛି। ଏହି ମିଶାଇଲର ସଫଳ ପରୀକ୍ଷଣ ଭାରତୀୟ ନୌସେନାର ମିଶନ ପ୍ରସ୍ତୁତିର ଦୃଢ଼ତା ପ୍ରତିପାଦନ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

## ୟୁରୋପୀୟ ପାର୍ଲାମେଣ୍ଟ ଅଧ୍ୟକ୍ଷ ଡେଭିଡ୍ ସାସୋଲିଙ୍କ ପରଲୋକ



ବ୍ରୁସେଲ୍ସ, ୧୧।୧

ୟୁରୋପୀୟ ପାର୍ଲାମେଣ୍ଟ ଅଧ୍ୟକ୍ଷ ଡେଭିଡ୍ ସାସୋଲିଙ୍କ ମଙ୍ଗଳବାର ଇଟାଲୀର ଏକ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ସେ ଜଣେ ସାମ୍ବାଦିକ ଏବଂ ଇଟାଲୀୟ ସାମାଜିକକର୍ମୀ ଭାବେ ବେଶ୍ ପରିଚିତ ଥିଲେ। ୨୦୧୯ ଜୁଲାଇରୁ ୭୦୫ ସିଟ୍ ବିଶିଷ୍ଟ ୟୁରୋପୀୟ ପାର୍ଲାମେଣ୍ଟର ଅଧ୍ୟକ୍ଷ ରହିଥିଲେ। ଡେଭିଡ୍ ୧୯୫୬ରେ ଇଟାଲୀର ଫ୍ଲୋରେନ୍ସରେ ଜନ୍ମ ହୋଇଥିଲେ ହେଁ ପରେ ସେ ରୋମ୍‌କୁ ପଳାଇଥିଲେ। ସାମ୍ବାଦିକତାରେ ସେ କ୍ୟାରିୟର ଆରମ୍ଭ କରି ପରେ ଆର୍ଏଆଇ ଚ୍ୟାନେଲରେ ଖବର ପ୍ରସାରଣ କରିଥିଲେ। ୨୦୦୯ରେ ସେଣ୍ଟ୍ରାଲ-ଲେଫ୍ଟ ଡେମୋକ୍ରାଟିକ୍ ପାର୍ଟିରେ ଯୋଗ ଦେଇ ରାଜନୀତିକୁ ଆସିଥିଲେ। ସେହି ବର୍ଷ ସେ ୟୁରୋପୀୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ।

## ଦ୍ୱିଗୁଣିତ ହୋଇଛି ଅଣସ୍ୱୀକୃତିପ୍ରାପ୍ତ ଦଳ

ନୂଆଦିଲ୍ଲୀ,୧୧।୧

ADR Association for Democratic Reforms

### ୨୦୧୦-୨୦୨୧: ଏଡିଆର୍ ରିପୋର୍ଟ

୨୦୧୦ରୁ ୨୦୨୧ ମଧ୍ୟରେ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସଂଖ୍ୟା ଦୁଇଗୁଣରୁ ଅଧିକ ବଢ଼ିଛି। ସଂସଦୀୟ ନିର୍ବାଚନ ବେଳେ ଏଭଳି ଦଳଗୁଡ଼ିକ ଛତୁ ଫୁଟିଲା ଭଳି ଗଢ଼ିଉଠିଛି ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ବୋଲି ମଙ୍ଗଳବାର ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କୁହାଯାଇଛି। ନୂଆକରି ପଞ୍ଜୀକୃତ କିମ୍ବା ବିଧାନସଭା ଓ ସାଧାରଣ ନିର୍ବାଚନରେ ପର୍ଯ୍ୟାପ୍ତ ଭୋଟ ପାଇ ନ ଥିବା ଆଞ୍ଚଳିକ ଦଳ ଅଥବା ପଞ୍ଜୀକରଣ ପରଠାରୁ କୌଣସି ନିର୍ବାଚନ ଲଢ଼ି ନ ଥିବା ଦଳଗୁଡ଼ିକୁ ଅଣସ୍ୱୀକୃତିପ୍ରାପ୍ତ ଦଳ କୁହାଯାଏ। ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୦ରେ ଏଭଳି ଦଳ ସଂଖ୍ୟା ୧୧୧୨ ଥିବାବେଳେ ୨୦୧୯ ବେଳକୁ ୨,୩୦୧କୁ ବୃଦ୍ଧି ପାଇଥିଲା। ୨୦୨୧ରେ ଏହି ସଂଖ୍ୟା ୨,୮୫୮କୁ ବଢ଼ିଥିଲା। ବିଶେଷକରି ପାର୍ଲାମେଣ୍ଟ ନିର୍ବାଚନ ବେଳେ ଏଭଳି ଦଳଗୁଡ଼ିକର ସଂଖ୍ୟା ବଢ଼ୁଛି। ୨୦୧୮ରୁ ୨୦୧୯ ମଧ୍ୟରେ ଏଥିରେ ୯.୮% ଏବଂ ୨୦୧୩ରୁ ୨୦୧୪ରେ ୧୮% ବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯-୨୦ରେ ମୋଟ ୨,୭୯୬ ରାଜନୈତିକ ଦଳ ମଧ୍ୟରୁ ମାତ୍ର ୨୩୦ଟି (୮.୨୩%) ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳର ଅଡିଟ୍ ରିପୋର୍ଟ ଏବଂ ୧୬୦ଟି (୫.୭୨%)ର ବାର୍ଷିକ ଚାନ୍ଦା ରିପୋର୍ଟ ଉପଲବ୍ଧ ଥିବା ଏଥିରେ କୁହାଯାଇଛି। ଆସନ୍ତା ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ୭ ପର୍ଯ୍ୟାୟରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ୮୮୯ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳ ମଧ୍ୟରୁ କେବଳ ୯୦ଟି (୧୦.୧୨%)ର ୨୦୧୯-୨୦ ବାର୍ଷିକ ସମୀକ୍ଷା ରିପୋର୍ଟ ଉତ୍ତରପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ। ଗୋଆ ଓ ମଣିପୁର ସିଇଓଙ୍କ ୱେବ୍‌ସାଇଟ୍‌ରେ ଏହା ଉପଲବ୍ଧ ନୁହେଁ।

## ୱାଇଫ୍ ସ୍ୱାପିଙ୍ଗ୍: ୭ ଗିରଫ

### ସ୍ତ୍ରୀ ବଦଳ କାରବାରରେ ୧୦୦୦ରୁ ଊର୍ଦ୍ଧ୍ୱ ଦମ୍ପତି ସମ୍ପୃକ୍ତ

ଥିରୁଭାନନ୍ତପୁରମ୍,୧୧।୧

କେରଳ ପୋଲିସ ଏକ ୱାଇଫ୍ ସ୍ୱାପିଙ୍ଗ୍ ରାକେଟର ପର୍ଦ୍ଦାଫାଶ କରି କୋଟ୍ଟାୟମ୍‌ରୁ ୭ ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ ୨୫ରୁ ଊର୍ଦ୍ଧ୍ୱ ସ୍କାନରରେ ଥିବାବେଳେ ଖୁବ୍‌ଶୀଘ୍ର ଗିରଫଦାରି ସଂଖ୍ୟା ବଢ଼ିପାରେ ବୋଲି ପୋଲିସ କହିଛି। ପୋଲିସ ପକ୍ଷରୁ ଜାରି ଏକ ବିବୃତି ଅନୁସାରେ କାରୁକାଚଲର ପଥନାଡ୍ ଗ୍ରାମର ଜଣେ ମହିଳାଙ୍କ ଏତଲା କ୍ରମେ ମାମଲା ରୁଜୁ କରାଯାଇଛି। ଅନ୍ୟ ପୁରୁଷମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ତାଙ୍କ ସ୍ୱାମୀ ବାଧ କରିଥିବା ସମ୍ପୃକ୍ତ ମହିଳା ଜଣକ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ପାର୍ଟନର ସ୍ୱାପିଙ୍ଗ୍ ଅଭିଯୋଗରେ ସାଇବର ସେଲ୍ ସହାୟତା ନେଇ ଏର୍ନାକୁଲମ୍, ଆଲାପୁଝା, କଲ୍ଲୁର, ଆୟମେନାମ ଓ କୁରୁପ୍ପଡାରୁ ଏହି ୭ ଜଣ ଗିରଫ କରାଯାଇଛି। ସମାଜର ଉଚ୍ଚ ଶ୍ରେଣୀର ଅନେକ ବ୍ୟକ୍ତି ଏଭଳି କାରବାରରେ ଜଡ଼ିତ ଅଛନ୍ତି। ଟେଲିଗ୍ରାମ୍ ଓ ମେସେଞ୍ଜର ଗ୍ରୁପ୍ ଜରିଆରେ ଏହି କାରବାର ଚାଲିଛି। ମୋଟ ଅଭିଯୁକ୍ତ ଦମ୍ପତିଙ୍କ ସଂଖ୍ୟା ୧୦୦୦ରୁ ଅଧିକ ହେବ ବୋଲି କୁହାଯାଇଛି।

## ଲକ୍‌ଡାଉନରେ ପାର୍ଟି କରୁଥିଲେ ବୋରିସ୍

ଲଣ୍ଡନ, ୧୧।୧



କରୋନାରେ ଦେଶବ୍ୟାପୀ ଲକ୍‌ଡାଉନ କରି ପାର୍ଟି ଆୟୋଜନ କରିଥିଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍। ଲୋକେ ଘରେ ବନ୍ଦୀ ଥିବାବେଳେ ଦେଶର ମୁଖ୍ୟ କିନ୍ତୁ ଏହି କଟକଣାକୁ ନ ମାନି ୨୦୨୦ରେ ଏକ ଡ୍ରିଙ୍କ୍ସ ପାର୍ଟିରେ ସାମିଲ ହୋଇଥିଲେ। ଲକ୍‌ଡାଉନବେଳେ ଡାଉନିଂ ଷ୍ଟ୍ରିଟ୍‌ରେ ଆୟୋଜିତ ଏହି ପାର୍ଟିରେ ଶତାଧିକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏବେ ଉକ୍ତ 'ସୋସିଆଲ ଡିଷ୍ଟାନ୍ସଡ୍ ଡ୍ରିଙ୍କ୍ସ' ଇଭେଣ୍ଟର ନିମନ୍ତ୍ରଣ ଇମେଲ୍‌କୁ ଆଇଟିଭି ଚ୍ୟାନେଲ ପ୍ରକାଶ କରିଛି। ଏଥିସହ ପାର୍ଟିରେ ବୋରିସ୍ ଥିବାର ଫଟୋ ଏବଂ ଭିଡିଓ ମଧ ସାମ୍ନାକୁ ଆସିଛି। ଏଥିରେ ତାଙ୍କ ସ୍ତ୍ରୀ କ୍ୟାରି ମଧ ଯୋଗ ଦେଇଥିବା ଜଣାପଡ଼ିଛି। ବୋରିସ୍‌ଙ୍କ ନାଁରେ ଏଭଳି ଅଭିଯୋଗ ଆସିବା ପରେ ତାଙ୍କୁ ସମାଲୋଚନା କରାଯାଇଛି। ଦେଶକୁ ଶାସନ କରିବାକୁ ବୋରିସ୍‌ଙ୍କ ନିକଟରେ ନୈତିକତା ଅଭାବ ଥିବା କହି ବିରୋଧୀ ଦଳ ଏହାର ତଦନ୍ତ ଦାବି କରିଛନ୍ତି।

ଆଇଟିଭି ରିପୋର୍ଟ ଅନୁସାରେ, ବୋରିସ୍‌ଙ୍କ ବ୍ୟକ୍ତିଗତ ସଚିବ ମାର୍ଟିନ ରେନୋଲ୍ଡ୍ସ ମେଲ ଜରିଆରେ ବିଭିନ୍ନ ବ୍ୟକ୍ତିଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇଥିଲେ। ୨୦୨୦ ମେ' ୨୦ରେ ଡାଉନିଂ ଷ୍ଟ୍ରିଟ୍ ଗାର୍ଡେନରେ ପ୍ରାୟ ୪୦ ଷ୍ଟାଫ୍ ଉପସ୍ଥିତ ଥିଲେ। ସେହିଦିନ ହିଁ ସରକାରଙ୍କ ତରଫରୁ ଲୋକଙ୍କୁ କୌଣସି ସ୍ଥାନରେ ଭିଡ଼ ନ କରିବାକୁ ଏବଂ ଘର ବାହାରେ କେବଳ ଜଣକୁ ଭେଟି ପାରିବେ ବୋଲି ଏକ ଖବରଦାତା ସମ୍ମିଳନୀ କରାଯାଇ କୁହାଯାଇଥିଲା। ବ୍ରିଟେନ୍‌ରେ ମାର୍ଚ୍ଚ ୨୦୨୦ରୁ ଲକ୍‌ଡାଉନ କଟକଣା ଜାରି କରାଯାଇଥିବାବେଳେ ଅଫିସ୍, ମୃତକଙ୍କ ଅନ୍ତିମ ସଂସ୍କାର ଆଦି କେତେକ କାର୍ଯ୍ୟକ୍ରମକୁ ଛାଡ଼ି ଅନ୍ୟ ସମସ୍ତ ସମାବେଶକୁ ବାରଣ କରାଯାଇଥିଲା। ହେଲେ ଉକ୍ତ ନିମନ୍ତ୍ରଣ ପତ୍ରରେ ସନ୍ଧ୍ୟା ୬ଟାରୁ ପାର୍ଟିରେ ସାମିଲ ହେବାକୁ କୁହାଯାଇଥିଲା।

## ଦେଶରେ ଗଞ୍ଜେଇ ସମ୍ପୂର୍ଣ୍ଣ ଅବୈଧ ନୁହେଁ

### ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ, ୧୧।୧

ଦେଶରେ ଗଞ୍ଜେଇ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଯାଇନାହିଁ। ମେଡିକାଲ ଏବଂ ରିସର୍ଚ୍ଚରେ ବୈଜ୍ଞାନିକଙ୍କ ବ୍ୟବହାର ନିମନ୍ତେ ଏହାକୁ ଆଇନଗତ ଅନୁମତି ରହିଛି ବୋଲି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କୁ କହିଛନ୍ତି। ଔଷଧ ପ୍ରସ୍ତୁତି ସମେତ ବିଭିନ୍ନ କ୍ଷେତ୍ରରେ ଗଞ୍ଜେଇ ବ୍ୟବହାରକୁ ଆଇନଗତ କରିବାକୁ ନେଇ ଗ୍ରେଟ୍ ଲିଗାଲାଇଜେଶନ ମୁଭ୍‌ମେଣ୍ଟ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ଏକ ପିଟିଶନ ଦାଖଲ ହୋଇଥିଲା। ଏନ୍‌ଡିପିଏସ୍ ଆକ୍ଟରେ ମେଡିକାଲ ଏବଂ ଔଦ୍ୟୋଗିକ କ୍ଷେତ୍ରରେ ଗଞ୍ଜେଇ ବ୍ୟବହାର ଉପରେ ଥିବା କେତେକ କଟକଣାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହାର ଦ୍ରୁତ ଶୁଣାଣି ପାଇଁ ଜଷ୍ଟିସ୍ ରାଜୀବ ଶଖ୍‌ଦେରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ତାହାକୁ ମନା କରିଥିଲେ। ଆସନ୍ତା ମାର୍ଚ୍ଚରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

## ବଜେଟ ଅଧିବେଶନ ପାଇଁ ଜରୁରୀ ବ୍ୟବସ୍ଥା କରାଯାଉଛି: ବାଚସ୍ପତି

ନୂଆଦିଲ୍ଲୀ,୧୧।୧



ଓମ୍ ବିର୍ଲା

କୋଭିଡ୍ ସଂକ୍ରମଣ ବଢ଼ି ଚାଲିଥିବାବେଳେ ପାର୍ଲାମେଣ୍ଟର ବଜେଟ ଅଧିବେଶନ ହେବାକୁ ଯାଉଛି। ସଂସଦରେ ସଦସ୍ୟମାନେ ଯେପରି ସେମାନଙ୍କ ସାମ୍ବିଧାନିକ ଦାୟିତ୍ୱ ତୁଲାଇପାରିବେ ସେଥିଲାଗି ଜରୁରୀ ପଦକ୍ଷେପ ନିଆଯାଉଛି ବୋଲି ମଙ୍ଗଳବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି। ବାଚସ୍ପତି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସ ପରିଦର୍ଶନ କରିବା ପରେ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ସ୍ଥିତି ଯାଞ୍ଚ କରିଥିଲେ। ଏମ୍‌ପି, ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କ ନମୁନା ପରୀକ୍ଷା ଲାଗି କରାଯାଇଥିବା ବ୍ୟବସ୍ଥା ଉପରେ ସେ ଅନୁଧ୍ୟାନ କରିଥିଲେ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏମ୍‌ପିମାନଙ୍କ ସ୍ୱତନ୍ତ୍ର ଯତ୍ନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବିର୍ଲା କହିଛନ୍ତି। ପାର୍ଲାମେଣ୍ଟ ସୂତ୍ରରୁ ଜଣାପଡ଼ିଛି ଯେ, ଗତ ୪ରୁ ୮ ତାରିଖ ମଧ୍ୟରେ ରାଜ୍ୟ ସଭା ସେକ୍ରେଟାରିଏଟ୍‌ର ୬୫ ଓ ଲୋକ ସଭା ସେକ୍ରେଟାରିଏଟ୍‌ର ୨୦୦ ଏବଂ ଆନୁଷଙ୍ଗିକ ବିଭାଗଗୁଡ଼ିକର ୧୩୩ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ୟୁପିରେ ଭାଜପାକୁ ବଡ଼ ଝଟକା

- ଯୋଗୀ କ୍ୟାବିନେଟରୁ ସ୍ୱାମୀ ମୌର୍ଯ୍ୟଙ୍କ ଇସ୍ତଫା
- ତାଙ୍କ ସହ ଏସ୍‌ପିରେ ମିଶିଲେ ୪ ଘନିଷ୍ଠ ବିଧାୟକ

**ୟୁପିରେ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଜରିଆରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଓବିସି ଭୋଟ ବ୍ୟାଙ୍କରୁ ମତଦାତାଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଅଣ୍ଟା ଭିଡ଼ିଥିଲା ଭାଜପା। ହେଲେ ଠିକ୍ ନିର୍ବାଚନ ପୂର୍ବରୁ ଯୋଗୀ କ୍ୟାବିନେଟରୁ ସ୍ୱାମୀ ଇସ୍ତଫା ଦେଇ ନିଜ ୪ ଘନିଷ୍ଠ ବିଧାୟକଙ୍କ ସହ ଗୈରିକ ଦଳ ଛାଡ଼ିଛନ୍ତି। ୫ ନେତା ଏସ୍‌ପି ମୁଖ୍ୟ ଅଖିଳେଶଙ୍କ ସହ ହାତ ମିଳାଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଏମାନଙ୍କ ଆକସ୍ମିକ ଦଳତ୍ୟାଗ ଭାଜପା ପାଇଁ ବଡ଼ ଝଟ୍‌କା ବୋଲି କୁହାଯାଉଛି। କାରଣ ସ୍ୱାମୀଙ୍କ ଆଉ ୧୩ ଘନିଷ୍ଠ ବିଧାୟକ ଭାଜପା ଛାଡ଼ିବା ଉପରେ।**



ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ସ୍ୱାମୀ ପ୍ରସାଦ ମୌର୍ଯ୍ୟ(ବାମ)।

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୧।୧

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ ଦଳକୁ ବଡ଼ ଝଟକା ଲାଗିଛି। ରାଜ୍ୟର ଶ୍ରମମନ୍ତ୍ରୀ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ମଙ୍ଗଳବାର ଯୋଗୀଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଏତିକି ନୁହେଁ, ସ୍ୱାମୀଙ୍କ ସହ ଅନ୍ୟ ୪ ଜଣ ବିଧାୟକ ମଧ ଭାଜପା ଛାଡ଼ି ସମାଜବାଦୀ ପାର୍ଟି (ଏସ୍‌ପି)ରେ ମିଶିଛନ୍ତି।

ବରିଷ୍ଠ ସ୍ୱାମୀ ଭାଜପା ଉପରେ ଗଣମାଧ୍ୟମକୁ କହିଛନ୍ତି, ବିଚାରଗତ ଭିନ୍ନତା ସତ୍ତ୍ୱେ ସେ ଯୋଗୀଙ୍କ କ୍ୟାବିନେଟରେ ଉତ୍ସର୍ଗୀକୃତ ଭାବନା ନେଇ କାର୍ଯ୍ୟ କରିଥିଲେ। କିନ୍ତୁ ଦଳିତ, ଓବିସି, କୃଷକ, ବେକାର ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଦମନ କରାଯାଉଥିବାରୁ ସେ ଇସ୍ତଫା ଦେଇଛନ୍ତି। ସ୍ୱାମୀ ନିଜ ଇସ୍ତଫାପତ୍ରକୁ ଟୁଇଟରରେ ଶେୟାର କରିଛନ୍ତି। ସ୍ୱାମୀଙ୍କ ଘନିଷ୍ଠ ବିଧାୟକ ରୋଷନଲାଲ ବର୍ମା, ବ୍ରଜେଶ ପ୍ରଜାପତି, ଭଗଓ୍ୱତି ସାଗର ଓ ବିନାୟକ ଶାକ୍ୟ ମଧ ଭାଜପାରୁ ଇସ୍ତଫା ଦେଇଛନ୍ତି। ଭାଜପାର ଚ୍ୟାଲେଞ୍ଜର ତଥା ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ସ୍ୱାମୀ ଓ ଅନ୍ୟ ୪ ବିଧାୟକଙ୍କୁ ଦଳକୁ ସ୍ୱାଗତ କରି ଟୁଇଟରରେ ଫଟୋ ଶେୟାର କରିଛନ୍ତି। ରାଜ୍ୟରେ ସାମାଜିକ ନ୍ୟାୟ ଓ ସମାନତା ପାଇଁ ଲଢ଼େଇ କରିଥିବା ଲୋକପ୍ରିୟ ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ସ୍ୱାଗତ। ୨୦୨୨ରେ ସାମାଜିକ ନ୍ୟାୟ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି। ୫ ଥର ବିଧାୟକ ହୋଇଥିବା ରାଜ୍ୟର ଜଣାଶୁଣା ଓବିସି ନେତା ସ୍ୱାମୀ ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଭାଜପା ଟିକେଟରେ ପଡରଉନା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ଯୋଗୀ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ତାଙ୍କ ଝିଅ ସଙ୍ଘମିତ୍ରା ମୌର୍ଯ୍ୟ ଜଣେ ଭାଜପା ଏମ୍‌ପି। ସେ ବଦାୟୁଁ ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରନ୍ତି। ପ୍ରକାଶ ଯେ, ୟୁପି ବିଧାନସଭା ନିର୍ବାଚନ ୭ ପର୍ଯ୍ୟାୟରେ ହେବ। ଫେବୃୟାରୀ ୧୦, ୧୪, ୨୦, ୨୩, ୨୭ ଓ ମାର୍ଚ୍ଚ ୩, ୭ରେ ମତଦାନ ହେବ। ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁର ସହ ୟୁପିର ଭୋଟ ଗଣତି ମାର୍ଚ୍ଚ ୧୦ରେ କରାଯିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ